| 9 | 3 | 8 | 5 | 7 | 6 | 1 | 2 | 4 |
| 4 | 5 | 2 | 1 | 9 | 3 | 7 | 6 | 8 |
| 7 | 2 | 5 | 4 | 3 | 8 | 6 | 9 | 1 |
| 3 | 1 | 4 | 7 | 6 | 9 | 2 | 8 | 5 |
| 6 | 8 | 9 | 2 | 5 | 1 | 3 | 4 | 7 |
| 8 | 9 | 7 | 3 | 4 | 2 | 5 | 1 | 6 |
| 5 | 6 | 1 | 9 | 8 | 7 | 4 | 3 | 2 |
| 2 | 4 | 3 | 6 | 1 | 5 | 8 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଡିଏ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପାତ

ମହାଶୟ,

ବିଏମ୍‌ସି ଅଧୀନ ପୋଖରୀପୁଟରେ ମଧୁସୂଦନ ପାର୍କ ଅବସ୍ଥିତ। ଉକ୍ତ ୩୦ ଏକର ପରିବେଷ୍ଟିତ ପାର୍କ ପରିସରରେ ୧୦ ବର୍ଷ ତଳେ ଏକ ଯୋଗମଣ୍ଡପ ନିର୍ମାଣ କରାଯାଇଥିଲା। ପ୍ରତି ସକାଳେ ଓ ସନ୍ଧ୍ୟାରେ ବହୁ ବରିଷ୍ଠ ନାଗରିକ ଏଠାରେ ଯୋଗ ପାରାୟଣ କରି ଆସୁଛନ୍ତି। କିନ୍ତୁ ମଣ୍ଡପ ଉପରେ ଛାତ ନ ଥିବାରୁ ଖରା ଓ ବର୍ଷା ସମୟରେ ଯୋଗ କରାଯାଇପାରୁନାହିଁ। ବର୍ଷା ହେଲେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣକାରୀ ଆଶ୍ରୟ ନେବା ସମ୍ଭବ ହେଉନାହିଁ। ଯୋଗମଣ୍ଡପରେ ଛାତ ନିର୍ମାଣ କରାଗଲେ ଶତାଧିକ ଭ୍ରମଣକାରୀ ଓ ଯୋଗକରୁଥିବା ବରିଷ୍ଠ ନାଗରିକ ବିଶେଷ ଉପକୃତ ହେବେ। ଏ ସମ୍ପର୍କରେ ବିଏମ୍‌ସିର ମେୟର ଓ ବିଡିଏ ଉପାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପରିମଳ ବ୍ୟବସ୍ଥାର ଉନ୍ନତୀକରଣ ନିମିତ୍ତ ଦାବି କରାଯାଇଛି। ଏହା ବ୍ୟତୀତ ପାର୍କ ଉତ୍ତର ପାର୍ଶ୍ୱରେ ଥିବା ଚଲାପଥରେ ମାଟି ପକାଇବା ଓ ଏକ ପରିସ୍ରାଗାର ନିର୍ମାଣର ଆବଶ୍ୟକତା ରହିଛି। ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବଭାଗରେ ଥିବା ଖାଲଖମାକୁ ପୋତି ବୃକ୍ଷରୋପଣ କରିବା ପାଇଁ ପ୍ରାତଃ ଭ୍ରମଣକାରୀ ସଂଘ ପକ୍ଷରୁ ଦାବି କରାଯାଉଛି।

**ନିର୍ମଳ ଚନ୍ଦ୍ର ସାମଲ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସିବ ସେ ଦିନ କେବେ
ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ
ପୁଣି ଦୁଇ ମନ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସାକ୍ଷୀଙ୍କୁ ଧମକ ଘଟଣାରେ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଗିରଫ

**ବଲାଙ୍ଗୀର ଅଫିସ, ୧।୧୨**

କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମମିତା ମେହେର ହତ୍ୟା ମାମଲାର ଶୁଣାଣି ଚାଲିଥିବାବେଳେ ବୁଧବାର ଜଣେ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ସାକ୍ଷ୍ୟ ଦେବାକୁ ଆସିଥିବା ମହାଲିଙ୍ଗ ଗ୍ରାମର ଗୁର୍ଦ୍ଧୁ ହରିଜନ ନାମକ ଜଣେ ବ୍ୟକ୍ତି ଏଡିଜେ କୋର୍ଟରେ ସାକ୍ଷୀ ଦେବା ପୂର୍ବରୁ ତାଙ୍କୁ କେତେକ ଲୋକ ଧମକ ଦେଇଥିବା ନେଇ ଏଡିଜେଙ୍କୁ ଜଣାଇଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ବିରୋଧରେ କୌଣସି ସାକ୍ଷୀ ହେଲେ ଅସୁବିଧାରେ ପଡିବେ ବୋଲି ତାଙ୍କୁ କୁଆଡେ ଧମକ ଦିଆଯାଇଥିଲା। ଏନେଇ ସାକ୍ଷୀ ହରିଜନ କୋର୍ଟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକଙ୍କୁ ଜଣାଇବା ସହ କଣ୍ଟାବାଞ୍ଜି ଥାନାରେ ଲିଖିତ ଜଣାଇଥିଲେ। ଅଭିଯୋଗ ପାଇବା ପରେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଅଭିଯୋଗରେ କଣ୍ଟାବାଞ୍ଜି ଥାନା ପୋଲିସ ଗୁରୁବାର କଳାହାଣ୍ଡି ଜିଲା ମହାଲିଙ୍ଗ କଲେଜ ଅଧ୍ୟକ୍ଷ ରଞ୍ଜିତ ସାହୁ ଏବଂ ଅଧ୍ୟାପକ କୃତି ଚନ୍ଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।। ଅଧ୍ୟକ୍ଷ ସାହୁ ଏବଂ ଅଧ୍ୟାପକ ଚନ୍ଦନ ମମିତା ମେହେର ହତ୍ୟା ମାମଲାର ୯ ନମ୍ବର ସାକ୍ଷୀ ହରିଜନଙ୍କୁ ସାକ୍ଷ୍ୟ ଦେବା ପୂର୍ବରୁ ମହାଲିଙ୍ଗ ଗାଁରେ ଧମକ ଚମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା।

**ମମିତା ମେହେର ହତ୍ୟା ମାମଲା**
















# ୭ ସ୍ଥାନରେ ଇକୋ ରିଟ୍ରିଟ୍ ଆରମ୍ଭ



**ଭୁବନେଶ୍ୱର,୧।୧୨(ବ୍ୟୁରୋ)**

- ୪ର୍ଥ ସଂସ୍କରଣକୁ ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ପର୍ଯ୍ୟଟନ କ୍ଷେତ୍ରରେ ଇକୋ ରିଟ୍ରିଟ୍ ବେଞ୍ଚ୍‌ମାର୍କ ସ୍ଥାପନ କରିବ

ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଇକୋ ରିଟ୍ରିଟ୍ ଏକ ବେଞ୍ଚ୍‌ମାର୍କ ସ୍ଥାପନ କରିବ। ପର୍ଯ୍ୟଟକଙ୍କୁ ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ତଥା ଚମତ୍କାର ଅନୁଭୂତି ପ୍ରଦାନ କରିବ। ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରର ସର୍ବୋତ୍ତମତାକୁ ଆବିଷ୍କାର କରିବା ପାଇଁ ପର୍ଯ୍ୟଟକଙ୍କ ଲାଗି ଏହା ଏକ ଗେଟ୍‌ୱେ ଭାବେ କାର୍ଯ୍ୟ କରିବ। ଓଡିଶା ଏବେ ଭାରତର ଏକ ଅଗ୍ରଣୀ ଦାୟିତ୍ୱସମ୍ପନ୍ନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ସ୍ପଟ୍‌ଲାଇଟ୍‌ରେ ରହିଛି ବୋଲି ଗୁରୁବାର ଓଡ଼ିଶା ପର୍ଯ୍ୟଟନର ଶ୍ରେଷ୍ଠ ୩ଟି ଫ୍ଲାଗ୍‌ଶିପ୍ ଇଭେଣ୍ଟକୁ ଭର୍ଚ୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ପ୍ରଥମେ କୋରାପୁଟ ଜିଲାର ପୁଟସିଲ୍, ଗଞ୍ଜାମ ଜିଲାର ସୋନାପୁର, କଟକ ଜିଲାର ସାତକୋଶିଆ, କେନ୍ଦ୍ରାପଡ଼ା ଜିଲାର ଭିତରକନିକା, ସମ୍ବଲପୁର ଜିଲାର ହୀରାକୁଦ ଓ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ଦ୍ୱାଦଶ ସଂସ୍କରଣ ଓ ସନ୍ଧ୍ୟାରେ କୋଣାର୍କ ମହୋତ୍ସବର ୩୩ତମ ସଂସ୍କରଣକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓଡ଼ିଶାର ଶ୍ରେଷ୍ଠ ପର୍ଯ୍ୟଟନ ପ୍ରୟାସର ସଫଳତା କାମନା କରିଥିଲେ।

ସେ କହିଲେ, ପର୍ଯ୍ୟଟନ କ୍ଷେତ୍ରରେ ଏହି ସ୍ୱତନ୍ତ୍ର ପ୍ରୟାସର ଆକାର ଓ ବ୍ୟାପକତାକୁ ପ୍ରତି ବର୍ଷ ବୃଦ୍ଧି କରାଯାଉଛି। ଇକୋ ରିଟ୍ରିଟ୍ ମାଧ୍ୟମରେ ଓଡ଼ିଶାର ସ୍ଥାୟୀ ଇକୋ ଟୁରିଜମ୍‌କୁ ପ୍ରୋତ୍ସାହିତ କରାଯିବା ଉଲ୍ଲେଖନୀୟ ପଦକ୍ଷେପ। କ୍ରମାଗତ ଭାବରେ ସଫଳତାର ସହିତ ତିନୋଟି ସଂସ୍କରଣର ଆୟୋଜନ କରିବା ପରେ ଓଡିଶା ସରକାରଙ୍କ ଫ୍ଲାଗସିପ୍ ଇକୋ ରିଟ୍ରିଟ ଏହାର ପରିବେଶ ନିରନ୍ତର ମଡେଲ ପାଇଁ ପର୍ଯ୍ୟଟନ ତଥା ପର୍ଯ୍ୟଟନ ଭ୍ରାତୃଭାବ ଦ୍ୱାରା ବହୁ ପ୍ରଶଂସା କରାଯାଇଛି। ଚଳିତ ବର୍ଷ ଇକୋ ରିଟ୍ରିଟ ପର୍ଯ୍ୟଟକଙ୍କ ପାଇଁ ଓଡିଶାର ପର୍ଯ୍ୟଟନ ତଥା ଆତିଥ୍ୟର ସର୍ବୋତ୍ତମ ସ୍ଥାନ ଅନୁସନ୍ଧାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ପର୍ଯ୍ୟଟନ ଋତୁରେ ରାଜ୍ୟର ୭ଟି ସ୍ଥାନରେ ଇକୋ ରିଟ୍ରିଟ୍‌କୁ ପରିଚାଳନା କରାଯାଉଥିବାବେଳେ କୋଣାର୍କ ଇକୋ ରିଟ୍ରିଟ୍ ଆସନ୍ତା ୮ ତାରିଖରେ ଆରମ୍ଭ ହେବାକୁ ଯାଉଛି। ଏହା ୩ ମାସ ପାଇଁ ପର୍ଯ୍ୟଟକଙ୍କ ଲାଗି ଖୋଲା ରହିବ। ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅତିଥି ପର୍ଯ୍ୟଟକଙ୍କୁ ପ୍ରକୃତିର ନିକଟସ୍ଥ ଗନ୍ତବ୍ୟସ୍ଥଳୀ, ସଂସ୍କୃତି, ଐତିହାସିକ ଓ ସ୍ଥାପତ୍ୟଗୁଡିକୁ ଭ୍ରମଣ ପାଇଁ ମାର୍ଗଦର୍ଶନ ଦିଆଯିବ। ଏଥିସହିତ ଆଡ୍ରେନାଲାଇନ୍-ଇଣ୍ଡ୍ୟୁସିଙ୍ଗ୍ ୱାଟର ସ୍ପୋର୍ଟସ୍, ଏଟିଭି ରାଇଡ୍, ବିଚ୍ ଭଲିବଲ, ଆର୍‌ଚେରୀ ଆଦିର ସୁବିଧା ପ୍ରଦାନ କରାଯିବ।

## ଦମ୍ପତିଙ୍କଠାରୁ ୪୦ହଜାର ଝାମ୍ପିନେଲେ ଦୁର୍ବୃତ୍ତ

**ପିପିଲି,୧।୧୨(ସ୍ୱ.ପ୍ର.)**

ପୁରୀ-ଭୁବନେଶ୍ୱର ମୁଖ୍ୟ ରାସ୍ତା ପିପିଲି ଥାନା ଦାଣ୍ଡମୁକୁନ୍ଦପୁରରେ ଗୁରୁବାର ଜଣେ ଦମ୍ପତିଙ୍କଠାରୁ ୨ ଦୁର୍ବୃତ୍ତ ୪୦ହଜାର ଟଙ୍କା ଝାମ୍ପି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଚାରିଆଡ଼େ ଛାନଭିନ କରି ସିସିଟିଭି ଫୁଟେଜକୁ ଆଧାରରେ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦାଣ୍ଡମକୁନ୍ଦପୁର ନୂଆସାହି ଗ୍ରାମର ରବୀନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ କୁନ୍ତଳା ଉଭୟ ଅପରାହ୍ନ ୩ଟାବେଳେ ଦାଣ୍ଡମୁକୁନ୍ଦପୁରରେ ଥିବା ଷ୍ଟେଟ ବ୍ୟାଙ୍କକୁ ଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪୦ହଜାର ଟଙ୍କା ଉଠାଇଥିଲେ। ପରେ ଟଙ୍କା ନେଇ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ବାଟରେ ପଛପଟୁ ଏକ ନାଲି ରଙ୍ଗର ଆପାଚି ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ଲଗାଇ ସାଇକେଲ ପଛରେ ବସିଥିବା କୁନ୍ତଳାଙ୍କ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଭୁବନେଶ୍ୱର ଅଭିମୁଖେ ଫେରାର ହୋଇଯାଇଥିଲେ। ଖବରପାଇ ପିପିଲି ଥାନା ସବଇନ୍ସପେକ୍ଟର ସଂଘମିତ୍ରା ଚାନ୍ଦ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଥିବା ବେଳେ ରାସ୍ତାକଡ ଦୋକାନରେ ଓ ବ୍ୟାଙ୍କରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛନ୍ତି।


















# ଦେଶ ପାଇଁ ଛିଡ଼ା ହୁଅନ୍ତୁ ଲୋକେ

## ଭାରତ ଯୋଡ଼ୋ ଯାତ୍ରାରେ ସ୍ୱରା ଭାସ୍କର

ଉଜ୍ଜୟିନୀ,୧।୧୨

କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରରେ ନେତା ରାହୁଲ ଗାନ୍ଧୀଙ୍କ ସହ ଜଣେ ପରେ ଜଣେ ସେଲିବ୍ରିଟି ସାମିଲ ହେବାରେ ଲାଗିଛନ୍ତି। ଏହି କ୍ରମରେ ଗୁରୁବାର ଅଭିନେତ୍ରୀ ସ୍ୱରା ଭାସ୍କର ମଧ୍ୟପ୍ରଦେଶର ଉଜ୍ଜୟିନୀରେ ରାହୁଲଙ୍କ ସହିତ ପଦଯାତ୍ରା କରିଥିଲେ। ଏହି ବିଶାଳ ଜନସମ୍ପର୍କ କାର୍ଯ୍ୟକ୍ରମରେ ନାଗରିକମାନେ ସାମିଲ ହୋଇ ଦେଶ ପାଇଁ ଛିଡ଼ା ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜ ମତାମତ ରଖୁଥିବା ଆକ୍ଟ୍ରେସ୍ ସ୍ୱରା ରାହୁଲଙ୍କ ନେତୃତ୍ୱାଧୀନ ପଦଯାତ୍ରରେ ଭାଗନେଇଥିବାରୁ ଟୁଇଟରରେ ଖୁସି ବ୍ୟକ୍ତ କରିଛନ୍ତି। ଜଣେ ବ୍ୟକ୍ତି ରାହୁଲଙ୍କ ସଂସ୍ପର୍ଶରେ ଆସିବା ପାଇଁ ତାଙ୍କୁ ଏକ ଫୁଲତୋଡ଼ା ବଢ଼ାଇଦେଇଥିଲେ। ଆପଣମାନେ ମଧ୍ୟ ଯାତ୍ରାରେ ଯୋଡ଼ିହୋଇ ସେହି ଶକ୍ତି ଓ ଭଲ ପାଇବା ଅନୁଭବ କରିପାରିବେ। ନିଜ ଦେଶ ପାଇଁ ଛିଡ଼ା ହୁଅନ୍ତୁ। ଘୃଣା ଓ ବର୍ବର ଅପରାଧକୁ ପ୍ରତିରୋଧ କରନ୍ତୁ ବୋଲି ସ୍ୱରା ନିବେଦନ କରିଛନ୍ତି। ଏହା ପୂର୍ବରୁ ଅମୋଲ ପାଲେକର, ସନ୍ଧ୍ୟା ଗୋଖଲେ, ପୂଜା ଭଟ୍ଟ, ରିୟା ସେନ, ସୁଶାନ୍ତ ସିଂ, ମୋନା ଅମ୍ବେଗାଓଁକର, ରଶ୍ମି ଦେଶାଇ ଓ ଆକାଂକ୍ଷା ପୁରୀଙ୍କ ଭଳି ସିନେ ବ୍ୟକ୍ତିତ୍ୱମାନେ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇସାରିଛନ୍ତି। ଏପରି କି ହଲିଉଡ୍ ଷ୍ଟାର ଜନ୍ କୁସାକ୍ ମଧ୍ୟ ସେପ୍ଟେମ୍ବର ୭ରେ ଆରମ୍ଭ ହୋଇଥିବା କଂଗ୍ରେସର ଏହି ଅଭିଯାନ ସପକ୍ଷରେ ଟୁଇଟ୍ କରିଥିଲେ।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ରାହୁଲ ଗାନ୍ଧୀଙ୍କ ସହ ଅଭିନେତ୍ରୀ ସ୍ୱରା ଭାସ୍କର।

# ବୁଥ୍‌କୁ ସିଲିଣ୍ଡର ବୋହି ପ୍ରତିବାଦ

ଅହମ୍ମଦାବାଦ,୧।୧୨



ଗୁଜରାଟରେ ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ଗୁରୁବାର ରନ୍ଧନ ଗ୍ୟାସ୍ ପ୍ରତିବାଦର ପ୍ରତୀକ ପାଲଟିଛି। ହୁ ହୁ ହୋଇ ବଢ଼ୁଥିବା ଦରଦାମ ପ୍ରତିବାଦରେ କେତେଜଣ ଭୋଟର ନିଜ କାନ୍ଧରେ ଗ୍ୟାସ୍ ସିଲିଣ୍ଡର ବୋହି ଭୋଟ ଦେବାକୁ ଯାଇଥିଲେ। ଜୁନାଗଡ଼ରେ ଜଣେ କଂଗ୍ରେସ ନେତା ଏଲ୍‌ପିଜି ସିଲିଣ୍ଡର ବୋହି ପୋଲିଂ ଷ୍ଟେଶନକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକାଇବାରୁ ବିବାଦୀୟ ସ୍ଥିତି ଉପୁଜିଥିଲା। ସେହିପରି ମାଲଧାରୀ ସମ୍ପ୍ରଦାୟର ଜଣେ ଭୋଟର ପୋଲିଂ ଷ୍ଟେଶନକୁ ଗାଈ ବାଛୁରୀ ଧରି ଭୋଟ ଦେବାକୁ ଯାଇଥିଲେ। ସଦ୍ୟ ବିବାହ କରିଥିବା ଏକ ଯୋଡ଼ି ବୋଟାଡ୍ ଜିଲାର ଏକ ପୋଲିଂ ସେଣ୍ଟରକୁ ବ୍ୟାଣ୍ଡ ବାଜା ନେଇ ଯାଇଥିଲେ।

# ଗୁଜରାଟ ନିର୍ବାଚନ: ୫୯.୨% ମତଦାନ

ଅହମ୍ମଦାବାଦ,୧।୧୨

୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାର ୮୯ ଆସନରେ ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ସୌରାଷ୍ଟ୍ର-କଚ୍ଛ ଓ ଦକ୍ଷିଣାଞ୍ଚଳର ୧୯ ଜିଲାରେ କଡ଼ା ସୁରକ୍ଷାରେ ଅପରାହ୍ନ ୫ଟା ସୁଦ୍ଧା ୫୯.୨% ମତଦାନ ହୋଇଛି। ଏଥିସହ ମଇଦାନକୁ ଓହ୍ଲାଇଥିବା ୭୮୮ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଯାଇଛି। ଏଥର ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ଭାଜପା, କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମଧ୍ୟରେ ହେଉଥିବାବେଳେ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ସମାଜବାଦୀ ପାର୍ଟି (ଏସ୍‌ପି), ସିପିଆଇଏମ୍ ଏବଂ ଭାରତୀୟ ଟ୍ରାଇବାଲ ପାର୍ଟି ସମେତ ୩୬ଟି ଦଳ ବିଭିନ୍ନ ଆସନରେ ପ୍ରାର୍ଥୀ ଦେଇଥିଲେ। ତେବେ ଏଥର ଆଦିବାସୀ ଅଧ୍ୟୁଷିତ ତପି ଜିଲାରେ ସର୍ବାଧିକ ୭୨.୩୨% ମତଦାନ ହୋଇଛି।

ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇଥିଲା। କିଛି ଛୋଟକାଟିଆ ଘଟଣା ଏବଂ ଇଭିଏମ୍ ଅଚଳକୁ ବାଦ୍ ଦେଲେ ମୋଟାମୋଟି ଭାବେ ଭୋଟିଂ ଶାନ୍ତିପୂର୍ଣ୍ଣ ରହିଥିଲା। ରାମଜୀଭାଇ ନାମକ ଜଣେ ୧୦୪ ବର୍ଷୀୟ ଭୋଟର ଘରେ ଥାଇ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେବା ପରିବର୍ତ୍ତେ ନିଜ ବୁଥ୍‌କୁ ଯାଇ ମତଦାନ ସାବ୍ୟସ୍ତ କରିଥିଲେ। ତାଙ୍କ ଫଟୋକୁ ଟୁଇଟ୍ କରି ନିର୍ବାଚନ କମିଶନ ପ୍ରଶଂସା କରିଛନ୍ତି। ଅବଶିଷ୍ଟ ଆସନଗୁଡ଼ିକରେ ଆସନ୍ତା ୫ରେ ଭୋଟ ଗ୍ରହଣ କରାଯିବ।

# ଆଜି ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ

**ପଦ୍ମପୁର ଉପନିର୍ବାଚନ**

ଭୁବନେଶ୍ୱର,୧।୧୨(ବ୍ୟୁରୋ)



- ଶେଷ ପର୍ଯ୍ୟାୟରେ ପ୍ରଚାର ଜୋର୍‌ଦାର ପାଇଁ ବିରୋଧୀଙ୍କ ଯୋଜନା
- ଆଜି ଚାଷୀ ପ୍ରସଙ୍ଗରେ ଭାଜପାର ବିଧାନସଭା ଘେରାଉ

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଜୋର୍‌ସୋରରେ ଚାଲିଛି। ପ୍ରଚାର ପାଇଁ ହାତରେ ଆଉ ଦିନ କେଇଟା ଥିବାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ହେଭିୱେଟ୍ ନେତାମାନେ ପଦ୍ମପୁର ଗସ୍ତରେ ଅଛନ୍ତି। ଉପନିର୍ବାଚନ ପ୍ରଚାର ଆସନ୍ତା ୩ ତାରିଖ ୫ଟା ସୁଦ୍ଧା ଶେଷ ହେବ। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଯାଉଛନ୍ତି। ପୂର୍ବରୁ ବହୁ ଉପନିର୍ବାଚନରେ ନବୀନ ଆଭାସି ଜରିଆରେ ପ୍ରଚାର କରିଥିବାବେଳେ ପଦ୍ମପୁରରେ ସିଧାସଳଖ ପ୍ରଚାରକୁ ନେଇ କର୍ମୀଙ୍କ ମହଲରେ ଉତ୍ସାହ ଦ୍ୱିଗୁଣିତ ହୋଇଛି। ଶୁକ୍ରବାର ପାଇକମାଳ, ଝାରବନ୍ଧ ଏବଂ ପଦ୍ମପୁରଠାରେ ଆୟୋଜନ ହେବାକୁ ଥିବା ନିର୍ବାଚନୀ ସଭାରେ ନବୀନ ଯୋଗଦେବା ସହ ଲୋକଙ୍କୁ ସମ୍ବୋଧନ କରିବେ। ୧୧ଟା ୨୫ ମିନିଟ୍‌ରେ ଝାରବନ୍ଧ ବ୍ଲକର ଶକ୍ତିଛକ ହେଲିପ୍ୟାଡ୍‌ରେ ପହଞ୍ଚି ଏକ ଜନସଭାକୁ ସମ୍ବୋଧନ କରିବେ। ମଧ୍ୟାହ୍ନ ୧୨ଟା ୩୦ରେ ପାଇକମାଳ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜନସଭାରେ ଉଦ୍‌ବୋଧନ ଦେବେ। ସେହିପରି ଅପରାହ୍ନ ୧ଟା ୩୦ରେ ପଦ୍ମପୁର ଆର୍‌ଏଲ୍ କଲ୍ୟାଣ ମଣ୍ଡପକୁ ଯିବେ। ସେଠାରୁ ୩ଟା ୧୫ ମିନିଟ୍‌ରେ ସଡ଼କ ଯୋଗେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଅଭିମୁଖେ ଯାଇ ସେଠାରେ ଜନସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସାରି ସନ୍ଧ୍ୟା ୫ଟା ୨୦ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ପଦ୍ମପୁର ନିର୍ବାଚନମଣ୍ଡଳୀରେ ସବୁଆଡ଼େ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ବ୍ୟାନର ଛାଇଯାଇଛି। ଏହାସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ଭାଜପା ପକ୍ଷରୁ ଚାଷୀ ପ୍ରସଙ୍ଗରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେପଟେ ପ୍ରଚାରକୁ ଆଉ ମାତ୍ର ୨ ଦିନ ଥିବାବେଳେ ଏହାକୁ ଶେଷ ପର୍ଯ୍ୟାୟରେ ଜୋର୍‌ଦାର କରି ଶାସକ ଦଳକୁ ଟାର୍ଗେଟ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଭାଜପାରେ ମିଶିଲେ ପୂର୍ବତନ କଂଗ୍ରେସ ଏମ୍‌ପି

ପଦ୍ମପୁର/ବରଗଡ ଅଫିସ,୧।୧୨(ଡି.ଏନ.ଏ.)



ସଞ୍ଜୟ ଭୋଇ

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ନେଇ ଘଡିକେ ଘୋଡା ଛୁଟୁଛି। ଗୁରୁବାର ପଦ୍ମପୁରରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ବରଗଡ଼ର ପୂର୍ବତନ କଂଗ୍ରେସ ଏମ୍‌ପି ସଞ୍ଜୟ ଭୋଇ କଂଗ୍ରେସ ଛାଡି ଭାଜପାରେ ମିଶିଛନ୍ତି। ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କୃପାସିନ୍ଧୁ ଭୋଇଙ୍କ ପୁଅ ଅଟନ୍ତି। ସେହିପରି ପୂର୍ବତନ ବିଧାୟକ ମୁରାରୀ ମିଶ୍ରଙ୍କ ଝିଅ ରାଜଲକ୍ଷ୍ମୀ ମିଶ୍ର ମଧ୍ୟ କଂଗ୍ରେସ ଛାଡି ବିଧିବଦ୍ଧ ଭାବେ ଭାଜପାରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ସୁରେଶ ପୂଜାରୀ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ କନକବର୍ଦ୍ଧନ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# 'ନିର୍ବାଚନ ପୂର୍ବରୁ ଆଇଆଇସିଙ୍କୁ ଆଣିଛନ୍ତି ମନ୍ତ୍ରୀ, ମାମଲା ହେଉନି'

## ସିଇଓଙ୍କୁ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



ନିରୁପମା ବାଗ ଗତ ୩୦ ତାରିଖ ଅପରାହ୍ନରେ ଭାଜପା ପକ୍ଷରୁ ପ୍ରଚାର କରୁଥିଲେ। ତାଙ୍କୁ ବିଜେଡିର ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ନିର୍ଦ୍ଦେଶରେ ଶାସକ ଦଳ ଗୁଣ୍ଡାମାନେ ମାଡ଼ମାରି ଗୁରୁତର କରିଛନ୍ତି। ଏନେଇ ନିରୁପମା ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ପାଇକମାଳର ଆଇଆଇସି ଏପର୍ଯ୍ୟନ୍ତ ମାମଲା ଦାୟର କରିନାହାନ୍ତି। ମନ୍ତ୍ରୀ ନବକିଶୋର ଦାସ ଏଥିଲାଗି ପାଇକମାଳ ଆଇଆଇସିଙ୍କୁ ନିର୍ବାଚନର ୫ଦିନ ପୂର୍ବରୁ ଝାରସୁଗୁଡ଼ାରୁ ଆଣି ଏଠାରେ ଅବସ୍ଥାପିତ କରିଥିବା ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏହି ପ୍ରତିନିଧି ଦଳ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଏହି ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ପାଇକମାଳ ଆଇଆଇସି ବିଜେଡି କର୍ମୀ ଭଳି କାର୍ଯ୍ୟ କରୁଛନ୍ତି। ରକ୍ଷକ ଯଦି ଭକ୍ଷକ ସାଜେ ବିରୋଧୀ କାହା ପାଖରେ ଫେରାଦ ହେବେ। ଶାସକ ଦଳ ନେତା ଓ ମନ୍ତ୍ରୀଙ୍କ ଯୋଗୁ ପଦ୍ମପୁର ଉପନିର୍ବାଚନର ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ପୋଲିସ ଓ ପ୍ରଶାସନର ପକ୍ଷପାତ ଆଚରଣ ଯୋଗୁ ଶାସକ ଦଳ ନେତା ଓ ମନ୍ତ୍ରୀ ବେଫିକର ହୋଇ ବିରୋଧୀଙ୍କୁ ଦମନ କରିବାର ଅପପ୍ରୟାସ ଚଳାଇଛନ୍ତି। ଶାସନ କଳର ଅପବ୍ୟବହାର ସହିତ ମରଣାନ୍ତକ ଆକ୍ରମଣକରି ନିର୍ବାଚନ ବୈତରଣୀ ପାରି ହେବାକୁ ଅନବରତ ପ୍ରଚେଷ୍ଟା ଜାରି ରଖିଥିବା ବିଜେଡି ପୋଲିସ ଓ ପ୍ରଶାସନକୁ ମଧ୍ୟ ବ୍ୟବହାରକରି ହିଂସାକାଣ୍ଡ ଭିଆଇବାକୁ ପଛାଉନାହିଁ। ଶାସକ ଦଳର ଗୁଣ୍ଡାରାଜ ଏବଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନକୁ ନେଇ ଭାଜପା ପକ୍ଷରୁ ବାରମ୍ବାର ଜିଲା ନିର୍ବାଚନ ଅଧିକାରୀ ଏବଂ ସିଇଓଙ୍କ ନିକଟରେ ତଥ୍ୟ, ପ୍ରମାଣ ସହ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେମାନେ ସିଇଓଙ୍କୁ ଜଣାଇଛନ୍ତି।

# ବର୍ଷାଙ୍କ ରୋଡ୍ ଶୋ

ପାଇକମାଳ,୧।୧୨(ଡି.ଏନ.ଏ.)

ପଦ୍ମପୁର ଉପ ନିର୍ବାଚନ ପ୍ରଚାରକୁ ଆଉ ଦୁଇ ଦିନ ଥିବାବେଳେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରଚାରକୁ ଜୋରଦାର କରିଛନ୍ତି। ସେ ଘରକୁ ଘର ବୁଲି ପ୍ରଚାର କରୁଥିବାବେଳେ ଗୁରୁବାର ଅପରାହ୍ନରେ ପାଇକମାଳ ବ୍ଲକ ବାଦିକଟା, ବୁକୁରାମୁଣ୍ଡା, ଟେମରି ଆଦି ପଞ୍ଚାୟତରେ ପ୍ରଚାର କରିଛନ୍ତି। ଅପରାହ୍ନ ୫ଟାରେ ବୁକୁରାମୁଣ୍ଡା ପଞ୍ଚାୟତ ଲହଙ୍ଗିରରେ ବର୍ଷା ଏକ ରାଲିରେ ଗ୍ରାମ ପରିକ୍ରମା କରିଥିଲେ। ସେଠାରେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ଏମ୍‌ପି ପ୍ରଶନ୍ନ ପାଟଶାଣୀ, କୋ ଅବଜର୍ଭର ସଞ୍ଜିତ ସାହୁ, ପଞ୍ଚାୟତ ସଭାପତି କୁମୁଦ ବାଗ, ଯୁବ ସଙ୍ଗଠକ ସୂର୍ଯ୍ୟକାନ୍ତ ସିଂ ବରିହା ପ୍ରମୁଖ ବର୍ଷା ସିଂ ବରିହାଙ୍କୁ ଶଂଖ ଚିହ୍ନରେ ଭୋଟ୍ ଦେବା ପାଇଁ ଅନୁରୋଧ କରିଥିଲେ।

# ଧର୍ମେନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

## ସିଇଓଙ୍କୁ ଭେଟି ଦାବି କଲା ବିଜେଡି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



ପଦ୍ମପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି ଏବଂ ଭାଜପା ମଧ୍ୟରେ ପ୍ରତିଯୋଗିତା ସେତିକି ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ଉଭୟ ଦଳ ନେତାମାନେ ପରସ୍ପର ବିରୋଧରେ ଅଭିଯୋଗ ଧରି ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହେଉଛନ୍ତି। ବିଜେଡି ପକ୍ଷରୁ ଗୁରୁବାର ପ୍ରଥମେ ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଅଭିଯୋଗ କରିଛି। ବିଜେଡି ପକ୍ଷରୁ ସିଇଓଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏକ ଭିଡିଓ ସାମାଜିକ ଗଣମାଧ୍ୟମ ଜରିଆରେ ଦେଖିବାକୁ ମିଳିଛି; ଯେଉଁଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଦ୍ମପୁର ଉପନିର୍ବାଚନର ପ୍ରଚାର ସମୟରେ ଏକ ଗଣମାଧ୍ୟମ ସଂସ୍ଥାର ଖବରଦାତାଙ୍କୁ ଡାକି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓରଫ ରାଜାଙ୍କୁ ମାରିବାକୁ କହିଛନ୍ତି। ଏହାର ପ୍ରମାଣ ରହିଛି। ତେଣୁ ଧର୍ମେନ୍ଦ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସେହିପରି ବିଜେଡିର ଆଉ ଏକ ପ୍ରତିନିଧି ଦଳ ସିଇଓଙ୍କୁ ଆଉ ଭେଟି ଅଭିଯୋଗ କରିଛି ଯେ, ଭାଜପା ଏବେ ପଦ୍ମପୁର ଉପନିର୍ବାଚନରେ ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତାଙ୍କୁ ଆକ୍ରମଣ କରିଛି। ଜଣେ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାର ଖବରଦାତାଙ୍କୁ ଭାଜପା କର୍ମୀ ଆକ୍ରମଣ କରିବା ସହିତ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ତେଣୁ ଏଭଳି ହିଂସା ଘଟାଇଥିବା ଭାଜପା କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସିଇଓଙ୍କ ନିକଟରେ ବିଜେଡି ପକ୍ଷରୁ ଦାବି କରାଯାଇଛି।

# ଏସ୍‌ଏଚ୍‌ଜିଙ୍କ ସହ ପ୍ରତାରଣା କରୁଛି କେନ୍ଦ୍ର: ବିଜେଡି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ରାଜ୍ୟର ଏସ୍‌ଏଚ୍‌ଜିମାନଙ୍କୁ ୦% ସୁଧ ହାରରେ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ କରୁଥିବାବେଳେ କେନ୍ଦ୍ର ସରକାର ଏତିକି ପରିମାଣର ଋଣ ପାଇଁ ୧୦% ସୁଧ ଆଦାୟ କରୁଛନ୍ତି । ରାଜ୍ୟର ଏସ୍‌ଏଚ୍‌ଜିଙ୍କୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଶୂନ ସୁଧ ହାରରେ ଋଣ ଯୋଗାଇବା ପରିବର୍ତ୍ତେ ସେମାନଙ୍କ ସହିତ ପ୍ରତାରଣା ଉଦ୍ୟମ କରୁଥିବା ବିଜେଡି ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି । ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ନିର୍ବାଚନୀ ସଭାରେ କହିଥିଲେ, ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା ଜାତୀୟ ଗ୍ରାମ୍ୟ ଜୀବନ ମିଶନ ଅଧୀନରେ କେନ୍ଦ୍ର ସରକାରଙ୍କ ବ୍ୟାଙ୍କରେ ସୁଧ ହାର ୧୧% ପ୍ରତିଶତ ରହିଛି। ସୁଧ ସହାୟତା ବାବଦରେ କେନ୍ଦ୍ର ସରକାର ୭% ପଇଠ କରୁଥିବାବେଳେ ରାଜ୍ୟ କେବଳ ୪% ପଇଠକରି ବାହାବା ନେଉଛି । ଦୀନ୍ ଦୟାଲ ଅନ୍ତ୍ୟୋଦୟ ଯୋଜନା ଜାତୀୟ ଗ୍ରାମ୍ୟ ଜୀବିକା ମିଶନ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୨୨ ଜୁଲାଇ ୨୦ରେ ମାଷ୍ଟର ସର୍କୁଲାର ଜାରି କରିଛନ୍ତି । ଆର୍‌ବିଆଇର ଏହି ଦସ୍ତାବିଜର ଭାଗ-୨ର କ୍ରମିକ ନଂ. ୨ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ଏସ୍‌ଏଚ୍‌ଜି ପାଇଁ ୩ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ୭% ହେବ । ୩ ଲକ୍ଷରୁ ଅଧିକ ଏବଂ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ୧୦% ହେବ। ତେବେ କେନ୍ଦ୍ରମନ୍ତ୍ରୀ କ'ଣ ଓଡ଼ିଶା ବିଶେଷକରି ପଦ୍ମପୁରର ଏସ୍‌ଏଚ୍‌ଜିଗୁଡ଼ିକୁ ବିଭ୍ରାନ୍ତ କରୁନାହାନ୍ତି କି ବୋଲି ସସ୍ମିତ କହିଛନ୍ତି।

# ଯିଏ ପାର୍ଟିର ନୁହଁ, ସେ ମାଟିର ନୁହଁ : ଜୁଏଲ

ଝାରବନ୍ଧ,୧।୧୨(ଡି.ଏନ.ଏ.)



ଜୁଏଲ ଓରାମ

## ଝାରବନ୍ଧରେ ଭାଜପାର ନିର୍ବାଚନୀ ପ୍ରଚାର

ପଦ୍ମପୁର ଉପନିର୍ବାଚନ ପାଇଁ ତିନି ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିର ପ୍ରଚାର ଜୋର୍ ଧରିଥିବା ବେଳେ ଗୁରୁବାର ଭାଜପା ପକ୍ଷରୁ ଝାରବନ୍ଧ ଖେଳ ପଡିଆଠାରେ ଏକ ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କୁ ନିଶାନା କରିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଯୋଗଦେଇ ତାଙ୍କ ଭାଷଣରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ଉଦ୍ଦେଶ୍ୟରେ କହିଥିଲେ, ଯିଏ ଜାତିର ନୁହଁ ସେ ପାର୍ଟିର ନୁହଁ, ଯିଏ ପାର୍ଟିର ନୁହଁ ସେ ମାଟିର ନୁହଁ । ବିଜେଡି ପ୍ରାର୍ଥିନୀଙ୍କ ନାଁ ମଧ୍ୟ ବର୍ଷା ବରିହା ନୁହଁ, ବଳିଆରସିଂ ବୋଲି ଜୁଏଲ କହିଥିଲେ।

ଏହି ସଭାରେ ମହାସମୁନ୍ଦ ଏମ୍‌ପି ଚୁନିଲାଲ ସାହୁ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ରୂପକୁମାରୀ ଚୌଧୁରୀ, ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ ପ୍ରମୁଖ ଯୋଗଦାନ କରି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ଭୋଟ୍‌ଭିକ୍ଷା କରିଥିଲେ। ହରିହର ସାହୁ ସଭା ପରିଚାଳନା କରିଥିବା ବେଳେ ଲମ୍ବୋଦର ପଣ୍ଡା, ଗୋବର୍ଦ୍ଧନ ଅଗ୍ରୱାଲ, ତେଜେଶ୍ୱର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# 'ନାରୀଙ୍କୁ ଅପମାନିତ କରିବା ଭାଜପା ନେତାଙ୍କ ଚରିତ୍ର ହେଲାଣି'

ଭୁବନେଶ୍ୱର, ୧।୧୨(ବ୍ୟୁରୋ)



ଶ୍ରୀମୟୀ ମିଶ୍ର

ଭାଜପା ଏମ୍‌ପି ଜୁଏଲ ଓରାମ ଜଣେ ନାରୀଙ୍କୁ ଅପମାନ କରିଛନ୍ତି । ନାରୀଙ୍କୁ ଅପମାନିତ କରିବା ଭାଜପା ନେତାଙ୍କ ଚରିତ୍ର ହୋଇଗଲାଣି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ଶ୍ରୀମୟୀ କହିଛନ୍ତି, ଜୁଏଲ ଓରାମ ପଦ୍ମପୁରର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ବିରୋଧରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଅତ୍ୟନ୍ତ ଅଶାଳୀନ, ଅରୁଚିକର। ଏହା ଜୁଏଲଙ୍କ କୁତ୍ସିତ ମାନସିକତାର ପରିଚୟ। ଏହା କେବଳ ବର୍ଷାଙ୍କ ପ୍ରତି ଅପମାନ ନୁହେଁ, ସମଗ୍ର ନାରି ଜାତି ପ୍ରତି ଅପମାନ। ଏହା ପୂର୍ବରୁ ପ୍ରଦୀପ ପୁରୋହିତ ଏବଂ ଜୟନାରାୟଣ ମିଶ୍ର ମଧ୍ୟ ବର୍ଷାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେଇ ତାଙ୍କୁ ଅପମାନିତ କରିବାକୁ ଚେଷ୍ଟା କରିଥିଲେ। ସେମାନେ କ'ଣ ତାଙ୍କ ଘରେ ନାରୀମାନଙ୍କ ପ୍ରତି ଏଭଳି ଅଶାଳୀନ ମନ୍ତବ୍ୟ ଦିଅନ୍ତି କି ବୋଲି ଶ୍ରୀମୟୀ ପ୍ରଶ୍ନ କରିଛନ୍ତି । କିଛି ଦିନ ତଳେ ଜୁଏଲ ତାଙ୍କ ଝିଅ ବୟସର ଜଣେ ନେତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏଥିପାଇଁ ଉକ୍ତ ନେତ୍ରୀ ଜଣକ ଥାନାରେ ଏତଲା ଦେବା ସହ ଗଣମାଧ୍ୟମରେ ଏ ବିଷୟରେ ପ୍ରକାଶ କରି ଜୁଏଲଙ୍କ ଅସଲ ରୂପକୁ ପଦାରେ ପକାଇ ଦେଇଥିଲେ। ଜୁଏଲଙ୍କ ଏଭଳି କାରନାମା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ତାଙ୍କୁ କିଛିଦିନ ଏଥିପାଇଁ ଲୁଚିବାକୁ ମଧ୍ୟ ପଡ଼ିଥିଲା। ଯେଉଁମାନେ ଜଣେ ମାଟିର ଝିଅକୁ ଅଶାଳୀନ ମନ୍ତବ୍ୟ ଦେଇ ବାରମ୍ବାର ଏଭଳି ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ପଦ୍ମପୁରବାସୀ ଆସନ୍ତା ୫ ତାରିଖରେ ଉଚିତ ଜବାବ ଦେବେ ବୋଲି ଶ୍ରୀମୟୀ କହିଛନ୍ତି।

**ଭିଡିଓ ବାର୍ତ୍ତା ଜରିଆରେ ବର୍ଷିଲା ବିଜେଡି**

# ଖାଦ୍ୟ ଯୋଗାଣ, ସମବାୟ ବିଭାଗ ଅତିରିକ୍ତ ଖର୍ଚ୍ଚଦାବି ଗୃହୀତ

## ଅନ୍ୟ ବିଭାଗ ଗିଲୋଟିନରେ ପାରିତ ହେଲା

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୬୮ କୋଟି ୦୮ଲକ୍ଷ ୩୨ ହଜାର ଏବଂ ସମବାୟ ବିଭାଗର ୧୩ କୋଟି ୩ ଲକ୍ଷ ୯୮ ହଜାର ଟଙ୍କାର ପ୍ରସ୍ତାବିତ ଅତିରିକ୍ତ ଖର୍ଚ୍ଚଦାବି ଗୁରୁବାର ବିଧାନସଭାରେ ଗୃହୀତ ହୋଇଛି । ଏହାଛଡା ଅନ୍ୟ ବିଭାଗଗୁଡିକର ଖର୍ଚ୍ଚ ଦାବି ଗିଲୋଟିନ ଜରିଆରେ ପାରିତ ହୋଇଛି। ଖାଦ୍ୟ ଯୋଗାଣ ବିଭାଗର ୧୬୮ କୋଟି ମଧ୍ୟରୁ ପ୍ରଶାସନିକ ଖର୍ଚ୍ଚ ପାଇଁ ୨ କୋଟି ୪୬ ଲକ୍ଷ ୨୫ ହଜାର ଟଙ୍କା ଓ କାର୍ଯ୍ୟକ୍ରମ ବ୍ୟୟ ବରାଦ ପାଇଁ ମୋଟ ୧୬୫ କୋଟି ୬୨ଲକ୍ଷ ୭ହଜାର ଟଙ୍କା ଅତିରିକ୍ତ ବ୍ୟୟବରାଦ କରାଯାଇଛି । କାର୍ଯ୍ୟକ୍ରମ ବ୍ୟୟବରାଦ ମଧ୍ୟରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଯୋଜନାରେ ରିହାତି ବାବଦକୁ କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ମୁଣ୍ଡ ପିଛା ମାସିକ ୫ କିଗ୍ରା ଚାଉଳ କିମ୍ବା ଗହମ କିମ୍ବା ଉଭୟ ବଣ୍ଟନ କରିବା ପାଇଁ ୧୬୪କୋଟି ୪୬ ଲକ୍ଷ ୨୦ ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଛି । ଅନ୍ନପୂର୍ଣ୍ଣା ଯୋଜନାରେ ଏପ୍ରିଲ ୨୦୨୨ରୁ ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ବଣ୍ଟାଯାଇଥିବା ଚାଉଳର ଖର୍ଚ୍ଚ ବାବଦକୁ ଟୋକନ ପ୍ରତିବଦଳରେ ୧କୋଟି ୧୫ ଲକ୍ଷ ୮୭ ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଛି । ଓଡ଼ିଶାରେ ଗୋଟିଏ ଦେଶ ଗୋଟିଏ ରାଶନ କାର୍ଡ (ୱାନ ନେଶନ ୱାନ ରାଶନ) ଯୋଜନା ୨୦୨୧ ଜୁଲାଇ ମାସଠାରୁ ଲାଗୁ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଅନୁସାରେ ସାମିଲ ହୋଇଥିବା ହିତାଧିକାରୀ ଦେଶରେ ନିଜ ପସନ୍ଦର ଯେକୌଣସି ସୁଲଭ ମୂଲ୍ୟ ଦୋକାନରୁ ନିଜ ପ୍ରାପ୍ୟ ଖାଦ୍ୟ ସାମଗ୍ରୀ ଉଠାଇ ପାରିବେ। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫ୍ଏସ୍ଏସ୍)ରେ ସାମିଲ ହୋଇଥିବା ହିତାଧିକାରୀମାନେ ରାଜ୍ୟର ଯେ କୌଣସି ସୁଲଭ ମୂଲ୍ୟ ଦୋକାନରୁ ସେମାନଙ୍କ ପ୍ରାପ୍ୟ ରାଶନ ନେଇ ପାରିବେ। ପୁଷ୍ଟିହୀନତାଜନିତ ସମସ୍ୟାର ସମାଧାନ ନିମିତ୍ତ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସଞ୍ଚାଳିତ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମ୍ -ପୋଷଣ (ପୂର୍ବତନ ମଧ୍ୟାହ୍ନଭୋଜନ ଯୋଜନା) ରେ ଉପକୃତ ହେଉଥିବା ହିତାଧିକାରୀଙ୍କ ନିମନ୍ତେ ୨୦୨୧-୨୨ ବର୍ଷଠାରୁ ଭିଟାମିନଯୁକ୍ତ ଚାଉଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଅନ୍ତର୍ଗତ ମାଲକାନଗିରି ପାଇଲଟ ଜିଲାରେ ୨୦୨୧ ଜୁଲାଇଠାରୁ ହିତାଧିକାରୀଙ୍କୁ ଭିଟାମିନଯୁକ୍ତ ଚାଉଳ ଯୋଗାଇ ଦିଆଯାଉଛି ଓ ଅବଶିଷ୍ଟ ଜିଲାଗୁଡିକରେ ଏହି ଯୋଜନା ପର୍ଯ୍ୟାୟକ୍ରମେ ଲାଗୁ କରାଯିବ।

# ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଧାରଣା



ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବସ୍ ମାଲିକମାନେ।

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର
- ଧାରଣାସ୍ଥଳରେ ରାଜ୍ୟ ପରିବହନ କମିଶନରଙ୍କ ଆଲୋଚନା

କଟକ ଅଫିସ,୧।୧୨

ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସ୍ ଚଳାଚଳ ସମସ୍ୟାର ସମାଧାନ ପାଇଁ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେଉନାହିଁ। ଏନେଇ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯିବା ସହ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଥିବାବେଳେ ପରିବହନ କମିଶନର ଅରୁଣ ବୋଥ୍ରା ପହଞ୍ଚି ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ୮ ଦଫା ଦାବିପତ୍ରକୁ ଗ୍ରହଣ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ବସ୍‌ର ପରମିଟ୍‌ଗୁଡ଼ିକ ତୃତୀୟ ପକ୍ଷଙ୍କୁ ହସ୍ତାନ୍ତର କରିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବା, ସ୍ଲିପର ବସ୍ ବଡିକୋର୍ଡ ଆଇନ୍ ଅନୁସାରେ ତିଆରି ହୋଇଥିବାରୁ ଦିନବେଳା ସେଗୁଡ଼ିକୁ ଚଳାଇବା ଅନୁମତି ପ୍ରଦାନ, ମଙ୍ଗୁଳିଠାରୁ ସମ୍ବଲପୁର ଓ ବଲାଙ୍ଗୀରଠାରୁ ବରଗଡ଼ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ମରାମତି, ମୋଟରଯାନ ଆଇନ ଅନୁସାରେ ୧୫ ବର୍ଷ ଅତିକ୍ରମ କରିଥିବା ବସ୍‌ଗୁଡ଼ିକର ସ୍ଥାୟୀ ପରମିଟ୍ ନବୀକରଣ, ମୋ ବସ୍ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରେ ଚଳାଚଳ ନ କରି କେବଳ ସହରାଞ୍ଚଳରେ ସୀମିତ ରହୁ, ବିଭିନ୍ନ ବସ୍‌ଷ୍ଟାଣ୍ଡରେ ବେଆଇନ୍ ପାର୍କିଂ ଫି' ଆଦାୟ ବନ୍ଦ ଓ ବରଗଡ଼ ନୂତନ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ ବିଶ୍ରାମକକ୍ଷ, ପରିସ୍ରାଗାର ଆଦି ନିର୍ମାଣ ଉପରେ ଆଲୋକପାତ କରାଯାଇଛି। ରାଜ୍ୟ ସଂଘ ସଭାପତି ଲୋକନାଥ ପାଣି, ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ଦେବାଶିଷ ନାୟକ, ଭୁବନେଶ୍ୱର ସଂଘ ସଭାପତି ଦେବବ୍ରତ ପଟ୍ଟନାୟକ, କଟକ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ବାଲେଶ୍ୱର ସଭାପତି ମାଧବାନନ୍ଦ ମିଶ୍ର, ବରଗଡ଼ ସମ୍ପାଦକ ସେକ୍ ନାଜୁଙ୍କ ସମେତ ରାଜ୍ୟର ବହୁ ବସ୍ ମାଲିକ ଧାରଣାରେ ସାମିଲ ହୋଇଥିଲେ।

# 'ନିର୍ବାଚନ କରି ବାର୍ କାଉନସିଲ ପରିଚାଳନା କରାଯାଉ'



ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଓଲା ସଭାପତିଙ୍କ ବୈଠକ।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

- ଆନ୍ଦୋଳନକୁ ଓଲାର ସମର୍ଥନ
- ୨୯ ଓକିଲଙ୍କ ନାମରେ ମାମଲା ରୁଜୁ

ସମ୍ବଲପୁର,୧।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁରରେ ବୁଧବାର ଓକିଲ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣା ପରେ ଗୁରୁବାର ନିଖିଳ ଓଡ଼ିଶା ଓକିଲ ସଂଘ (ଓଲା) ସଭାପତି ଜ୍ଞାନରଞ୍ଜନ ମହାନ୍ତି ସମ୍ବଲପୁର ଗସ୍ତରେ ଆସିଥିଲେ। ଜିଲା ଓକିଲ ସଂଘ ଓ ସିଏସି ସଦସ୍ୟଙ୍କ ସହିତ ଜିଲା ବାର ସମ୍ମିଳନୀ କକ୍ଷରେ ସେ ବୈଠକ କରି ଘଟଣା ଉପରେ ଆଲୋଚନା କରିଥିଲେ। ପୋଲିସର ମାତ୍ରାଧିକ କାର୍ଯ୍ୟକୁ ସେ ନିନ୍ଦା କରି କହିଥିଲେ, ଏହା ଲୋକମାନଙ୍କ ନ୍ୟାଯ୍ୟ ଦାବି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ଦାବି ଉପରେ ବିଚାର କରି ପଦକ୍ଷେପ ଗ୍ରହଣ କରନ୍ତୁ। ଆଲୋଚନାରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ଜିଲା କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦିପ କୁମାର ବହିଦାର ଓ ସିଏସି ସାଧାରଣ ସମ୍ପାଦକ ବିଜିତେନ୍ଦ୍ରୀୟ ପ୍ରଧାନ ଉପସ୍ଥିତ ଥିଲେ।

ବୈଠକ ପରେ ଓଲା ସଭାପତି ମହାନ୍ତି କହିଥିଲେ, ରାଜ୍ୟ ସରକାର ୨୦୦୭ରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ରହିଛି ବୋଲି ସ୍ପଷ୍ଟ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ବଜେଟ ମଧ୍ୟ ଅନୁମୋଦନ କରିଛନ୍ତି। କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ନେବାକୁ ଚିଠି କରିଛନ୍ତି। ଏହା ସହ ଓଡ଼ିଶା ହାଇକୋର୍ଟକୁ ମଧ୍ୟ ପକ୍ଷ ରଖିବାକୁ ଅନୁରୋଧ କରିଛନ୍ତି। ହେଲେ ଉଭୟ ସରକାରଙ୍କ ଭିତରେ ସମନ୍ୱୟ ଅଭାବ ଯୋଗୁ ଆଗେଇପାରୁ ନାହିଁ। ଓକିଲମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଲ ଇଣ୍ଡିଆ ବାର୍ କାଉନସିଲ ଓ ରାଜ୍ୟ ବାର୍ କାଉନସିଲ ରହିଛି। ହେଲେ ବହୁବର୍ଷ ହେବ ରାଜ୍ୟରେ ବାର୍ କାଉନସିଲରେ ନିର୍ବାଚିତ ପ୍ରତିନିଧି ନାହାନ୍ତି। ସ୍ୱତନ୍ତ୍ର ଭାବେ ମନୋନୀତ କରାଯାଇ କାମ ହେଉଛି। ତେଣୁ ଠିକ୍ ଭାବେ କାମ ହେଉନାହିଁ। ତେଣୁ ବାର୍ କାଉନ୍‌ସିଲକୁ ଭାଙ୍ଗି ଶୀଘ୍ର ନିର୍ବାଚନ କରି ନିର୍ବାଚିତ ପ୍ରତିନିଧି ବାର କାଉନସିଲକୁ ପରିଚାଳନା କରନ୍ତୁ। ୫୦ ହଜାର ଓକିଲଙ୍କ ସମସ୍ୟାକୁ ନେଇ ପଦକ୍ଷେପ ଗ୍ରହଣ କରନ୍ତୁ। ସୁପ୍ରିମକୋର୍ଟ ସର୍ବୋଚ୍ଚ। ତାଙ୍କ ରାୟ ପ୍ରତି ସମ୍ମାନ ରହିଛି। ହେଲେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ। ଆମକୁ ଲାଇସେନ୍ସ ଦେଇଥିବା ବାର୍ କାଉନସିଲ ପଦକ୍ଷେପ ଗ୍ରହଣ କରିବେ। ଏଭଳି ଉପାୟରେ ସମାଧାନ ହୋଇ ପାରିବ ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ସୁପ୍ରିମକୋର୍ଟ ଏହି ଆନ୍ଦୋଳନକୁ ବେଆଇନ ଘୋଷଣା କରି ଓକିଲଙ୍କ ଲାଇସେନ୍ସ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନାଗରିକ କମିଟି ଆହ୍ୱାନ କ୍ରମେ ଜିଲା ଓକିଲ ସଂଘ ନିଜ ଜିଦ୍‌ରେ ଅଟଳ ରହି ବୁଧବାର ପୁଣି ଆନ୍ଦୋଳନକୁ ଓହ୍ଲାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିଚାରପତିମାନଙ୍କୁ କଡା ସୁରକ୍ଷା ବଳୟରେ ପୋଲିସ କୋର୍ଟ ପରିସରକୁ ନେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ପୋଲିସ ଓ ଓକିଲମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାକୁ ନେଇ ୨୯ଜଣ ଓକିଲଙ୍କ ନାମରେ ଟାଉନ ଥାନାରେ ଏକ ମାମଲା (ନଂ.୪୬୦/୨୨) ରୁଜୁ କରାଯାଇ ୮ ଗୋଟି ଦଫା ଲଗାଯାଇଛି।

# କୋଭିଡ୍‌ରେ ୨୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟରେ କରୋନା ମହାମାରୀରେ ୨୦୨୦ରୁ ୨୦୨୨ ମଧ୍ୟରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏହି ମୃତ୍ୟୁ ସଂଖ୍ୟା ୯୨୦୪ ବୋଲି ଦର୍ଶାଉଥିଲେ ମଧ୍ୟ ଏହି ସଂଖ୍ୟା ୨୦ହଜାରରୁ ଅଧିକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି । ଗୁରୁବାର ବିଧାନସଭାରେ ଭାଜପା ସଭ୍ୟ ନବ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦ରୁ ୨୦୨୨ ମଧ୍ୟରେ ଏପର୍ଯ୍ୟନ୍ତ ୨୦ହଜାରରୁ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ସେହିପରି ରାଜ୍ୟରେ ୨୦୧୨ରୁ ୨୦୨୨ ମଧ୍ୟରେ ବାତ୍ୟା, ବନ୍ୟା, ମରୁଡ଼ି ଓ ବର୍ଷା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲେ ମଧ୍ୟ ସେଥିରେ ମୃତ୍ୟୁ ସଂଖ୍ୟା ମାତ୍ର ୨୨୭ ମଧ୍ୟରେ ସୀମିତ ରହିଛି। ୨୦୧୨ ଓ ୨୦୧୬ରେ ରାଜ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସି ନ ଥିବାବେଳେ ୨୦୧୮ ମସିହାର ବାତ୍ୟା 'ତିତ୍‌ଲି'ରେ ସର୍ବାଧିକ ୭୨ଜଣ ଓ ବାତ୍ୟା 'ଫନି'ରେ ୬୪ଜଣଙ୍କ ମୃତ୍ୟୁ ହୋଇଛି । ୨୦୨୦ରେ ପ୍ରବଳ ବନ୍ୟା ଓ ବର୍ଷା ଯୋଗୁ ୩୮ଜଣ, ୨୦୨୧ରେ ବନ୍ୟା ଓ ବର୍ଷା ଯୋଗୁ ୧୩ ଜଣ ଏବଂ ୨୦୨୨ରେ ବନ୍ୟା ଓ ବର୍ଷାରେ ୧୨ଜଣଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ସରକାର କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ଲୁଚାଉଛନ୍ତି ଓ ଏଥିପାଇଁ ଏକ ଶ୍ୱେତପତ୍ର ଆଣନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛନ୍ତି ।

# କୋଟିଏରୁ ଊର୍ଦ୍ଧ୍ୱ ଠକେଇ, ୬ ଅଭିଯୁକ୍ତ ଗିରଫ

ମଙ୍ଗୁଳି/ଜଗତପୁର,୧।୧୨(ଡି.ଏନ.ଏ.)

ବ୍ୟାଙ୍କ୍‌ରେ ଜାଲ୍ କାଗଜପତ୍ର ଦେଇ ୧କୋଟି ୬ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଜଗତ୍‌ପୁର ପୋଲିସ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଥାନା ଅଧୀନ ଚରମ୍ପା ବୈକୁଣ୍ଠ ବିହାରର ରବୀନ୍ଦ୍ର କୁମାର ଜେନା, ଜଗତପୁର ଥାନା ମହାଜନପୁରର ନିମାଇଁ ଚରଣ ବାରିକ, ବହୁଗ୍ରାମର କିଶୋର କୁମାର ରାୟ, ମଧୁସୂଦନ ବେହେରା, ସତ୍ୟଭାମାପୁରର ପୂର୍ଣ୍ଣ ଚରଣ ସାହୁ ଓ ମହାଜନପୁରର ଶ୍ରୀଧର ବାରିକ। ପୋଲିସ ସୂଚନା ଅନୁଯାୟୀ, ୨୦୧୨ ମାର୍ଚ୍ଚରେ ଜଗତ୍‌ପୁରସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିମପୁର ଶାଖାରେ ଅଭିଯୁକ୍ତମାନେ ଜାଲ୍ କାଗଜପତ୍ର ଦେଇ ଉକ୍ତ ଟଙ୍କା ଲୋନ୍ ଆକାରରେ ନେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଲୋନ୍ ନ ଶୁଝି ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟାଙ୍କ୍‌ର ବ୍ରାଞ୍ଚ ମ୍ୟାନେଜର ଦେବାଶିଷ ସାହୁ ୨୦୧୩ ମେ' ୧୩ରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୯/୧୩) ରୁଜୁ କରିଥିଲା। ବୁଧବାର ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ପୋଲିସ ଭଦ୍ରକରୁ ଗିରଫ କରିଥିଲା।




# ପ୍ରେମ ପାଇଁ ସ୍ୱାମୀଙ୍କ ତଣ୍ଟି କାଟି ହତ୍ୟା

## ଅଜଣା ଯୁବକଙ୍କୁ ହତ୍ୟା ଘଟଣା

### ସ୍ତ୍ରୀ, ପ୍ରେମିକଙ୍କ ସମେତ ୩ କୋର୍ଟଚାଲାଣ

ବିଶୋଇ,୧।୧୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥସ୍ଥିତ ମହୁଭଣ୍ଡାର ପୋଲ ନିକଟସ୍ଥ ଏକ ନିଛାଟିଆ ଅଞ୍ଚଳରେ ଗତ ୧୯ ତାରିଖରେ ଜଣେ ଅଜଣା ଯୁବକଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିବା ନେଇ ଚାଞ୍ଚଲ୍ୟ ଖେଳିଯାଇଥିଲା। ମୃତକଙ୍କ ପରିଚୟ ମିଳିବା ସହିତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ବିଶୋଇ ପୋଲିସ ଧରିବାରେ ସଫଳ ହୋଇଛି। ପ୍ରେମଜନିତ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ହତ୍ୟାକାରୀମାନେ ସ୍ୱୀକାର କରିଥିବା ପୋଲିସ କହିଛି। ମୃତ ଯୁବକ ହେଲେ ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା କେନ୍ଦୁପଡ଼ା ଗ୍ରାମର ଜୟକୃଷ୍ଣ ନାୟକଙ୍କ ପୁଅ ପୁରେନ୍ଦ୍ର ନାୟକ (୪୦)। ସେହିପରି ହତ୍ୟାକାଣ୍ଡରେ ସମ୍ପୃକ୍ତ ମୃତକଙ୍କ ସ୍ତ୍ରୀ ସେବତୀ ନାୟକ(୩୫) ଓ ତାଙ୍କ ପ୍ରେମିକ ତଥା ମୁଖ୍ୟ ଅଭିଯୁକ୍ତ କଙ୍କଡ଼ାହାଡ଼ ଥାନା ଖରଖରୀ ଗ୍ରାମର ଉମେଶ ମହାନ୍ତ (୪୫) ଏବଂ ସହଯୋଗୀ କାର୍ ଡ୍ରାଇଭର ଗୋଡିସାହି ଗ୍ରାମର ଲିଟୁ ପରିଡା(୩୪)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ହତ୍ୟା ଘଟଣାରେ ବ୍ୟବହୃତ କାର୍ ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ମୃତକଙ୍କ ସହିତ ସମସ୍ତ ଅଭିଯୁକ୍ତ ଏକ କାର୍ ଯୋଗେ ମୟୂରଭଞ୍ଜ ଜିଲାକୁ ବୁଲିବାକୁ ଆସିଥିଲେ। ମୃତକ ପୁରେନ୍ଦ୍ର ତାଙ୍କ ପିଉସୀ ଶାଶୁ ଘର ଘାଘରାବେଡ଼ା ଥାନା ଡେଙ୍ଗୁଁଆ ଗ୍ରାମକୁ ଯାଇ ସେଠାରେ ସେବତୀଙ୍କୁ ଛାଡ଼ି ଡ୍ରାଇଭର ଲିଟୁ ଓ ଉମେଶଙ୍କ ସହ କାର୍ ଯୋଗେ ବିଶୋଇ ଅଭିମୁଖେ ଆସିଥିଲେ। ବିଶୋଇ ଅଞ୍ଚଳର ଏକ ଢାବାରେ ଖାଇସାରି ମହୁଭଣ୍ଡାର ପୋଲ ନିକଟ ନିଛାଟିଆ ସ୍ଥାନରେ ପହଞ୍ଚିଥିଲେ। ଯୋଜନା ମୁତାବକ ଘଟଣାସ୍ଥଳରେ ଲିଟୁ ଓ ଉମେଶ ପୁରେନ୍ଦ୍ରଙ୍କୁ ପ୍ରଚୁର ମଦ ପିଆଇ ଦେଇ ଏକ ଧାରୁଆ ଛୁରୀରେ ତାଙ୍କ ତଣ୍ଟି କାଟି ଅତି ବିଭତ୍ସ ଭାବରେ ହତ୍ୟା କରି କାର୍ ଯୋଗେ ସେଠାରୁ ଚମ୍ପଟ ମାରିଥିଲେ। ପର ଦିନ ବିଶୋଇ ପୋଲିସ ମୃତଦେହ ଜବତ କରି ଏକ ମାମଲା(ନଂ.୧୭୦/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା।

ଏସ୍‌ପି କେ.ଆର. ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ସମେତ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ତଦନ୍ତ ଚଳାଇ ବିଶୋଇ ଅଞ୍ଚଳର ଏକ ମଦ ଦୋକାନରୁ ମିଳିଥିବା ସିସିଟିଭି ଫୁଟେଜ୍ ଓ ମୋବାଇଲ ଟ୍ରାକିଂ ସହାୟତାରେ ମଙ୍ଗଳବାର କାର୍ ଡ୍ରାଇଭର ଲିଟୁ ପରିଡ଼ାଙ୍କୁ ପୁରୀରୁ ଗିରଫ କରିଥିଲେ। ସେହିପରି କେନ୍ଦୁପଡ଼ା ଗ୍ରାମରୁ ମୁଖ୍ୟ ଅଭିଯୁକ୍ତ ଉମେଶ ମହାନ୍ତ ଓ ମୃତକଙ୍କ ସ୍ତ୍ରୀ ସେବତୀଙ୍କୁ ମଧ୍ୟ ଗିରଫ କରି ବିଶୋଇ ଥାନାକୁ ଅଣାଯାଇଥିଲା। ସେବତୀ ଓ କେନ୍ଦୁପଡ଼ା ଗ୍ରାମରେ ଶିକ୍ଷକତା ଚାକିରି କରୁଥିବା ଉମେଶଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ପ୍ରେମ ସମ୍ପର୍କ ରହିଥିଲା। ଏଥିରେ କଣ୍ଟା ସାଜିଥିବା ପୁରେନ୍ଦ୍ରଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବା ପାଇଁ ସ୍ତ୍ରୀ ସେବତୀ ପ୍ରେମିକ ଉମେଶ ମିଶି ଡ୍ରାଇଭର ଲିଟୁ ପରିଡ଼ାଙ୍କ ସହାୟତାରେ ଯୋଜନାବଦ୍ଧ ଭାବେ ପୁରେନ୍ଦ୍ରଙ୍କ ଗଳାକାଟି ହତ୍ୟା କରିଥିବା ଜିଲା ଏସ୍‌ପି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନଗଡ଼ା ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଖାଦ୍ୟ ଯାଞ୍ଚ କଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ

**କାଳିଆପାଣି,୧।୧୨(ଡି.ଏନ.ଏ.):** ସୁକିନ୍ଦା ବ୍ଲକ୍ ଅଧୀନ ଟିଙ୍ଗୁଡ଼ିପାଳ ପଞ୍ଚାୟତର ନଗଡ଼ା ଗ୍ରାମରେ ଥିବା ନଗଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସୁକିନ୍ଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ଓ ସହ ଶିକ୍ଷା ଅଧିକାରୀ ଗୟାଧର ପରିଡ଼ା ଗୁରୁବାର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ଶ୍ରେଣୀ ଗୃହ ବୁଲି ଦେଖିବା ସହ ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କରିଥିଲେ। ଉଭୟ ଅଧିକାରୀଙ୍କ ପରିଦର୍ଶନ ସମୟରେ ପ୍ରଧାନଶିକ୍ଷକ ସିଙ୍ଗରାଇ ସୋରେନ ଓ ସହକାରୀ ଶିକ୍ଷକ ଟଙ୍କଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଶତାୟୁ ସୂର୍ଯ୍ୟମଣି ରାଉତଙ୍କ ପରଲୋକ

**କାଏମା,୧।୧୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତ ଗୋପନଗର ଗ୍ରାମର



ଶତାୟୁ ପୁରୁଷ ସୂର୍ଯ୍ୟମଣି ରାଉତଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଛି। ସେ କିଛି ଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ରାଉତ କାଏମା ଲାଲବାହାଦୁର ଉଚ୍ଚ ବିଦ୍ୟାଳୟ ଏବଂ ନାଉପାଳ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଥିଲେ। ଗୋପନଗର ଗ୍ରାମର କାର୍ତ୍ତିକେଶ୍ୱର ପୂଜା କମିଟି ମଧ ସେ ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ସମେତ ଅନ୍ୟମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ବୋହୂ ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ମହେନ୍ଦ୍ର ରାଉତ ମୁଖାଗ୍ନି ଦେଇଥିବାବେଳେ ନାତି ଅଭିଷେକ ରାଉତ ଉପସ୍ଥିତ ଥିଲେ।

### ବିରଜା ସ୍କୁଲ୍ ଅଫ ନର୍ସିଂ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ

**ଯାଜପୁର ଟାଉନ,୧।୧୨(ଡି.ଏନ.ଏ.):** ଯାଜପୁର ମାନସାପୋଲଠାରେ ବିରଜା ସ୍କୁଲ୍ ଅଫ୍ ନର୍ସିଂର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛତ୍ର ମାନସାପୋଲ ଛକରେ ଏଡ୍ସର ପ୍ରତିକ ରେଡ୍ ରିବନ ପଥଚାରୀଙ୍କୁ ପିନ୍ଧାଇବା ପରେ ମାନବ ଶୃଙ୍ଖଳ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ମାନସାପୋଲଠାରୁ ବାହାରି ମେଡିକାଲଛକ, ହରିସାମନ୍ତ ସ୍କୁଲ୍ ପରେ ଚେକ୍ଗେଟ୍ ଦେଇ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ସେଚତନତା ଶିବିର କରାଯାଇଥିଲା। ଡା. ସୁନୀଲ କୁମାର ପୃଷ୍ଟି ଏହାକୁ ଉଦ୍ଘାଟନ କରିଥିଲେ। ସମ୍ପାଦକ ପରେଶ ମଲ୍ଲିକ, ନିର୍ଦ୍ଦେଶକ ଶ୍ୟାମସୁନ୍ଦର କର, ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୋଷ୍ଟର ପ୍ରତିଯୋଗିତା, ସେମିନାର ଓ ରୋଲ୍ ପ୍ଲେ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଓଲଟିଲା ଖାଇବା ତେଲ ବୋଝେଇ ଟ୍ରକ୍

**ରସୁଲପୁର,୧।୧୨(ଡି.ଏନ.ଏ.):** କୁଆଖିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବିଜୁନଗରସ୍ଥିତ ଶୁଭମ୍ ହୋଟେଲ ସମ୍ମୁଖରେ ଗୁରୁବାର ଅପରାହ୍ନରେ ଏକ ୧୨ ଚକିଆ ଖାଇବା ତେଲ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଉକ୍ତ ଟ୍ରକ୍ ଜାରକା ପଟୁ କୁଆଖିଆ ଅଭିମୁଖେ ଯାଉଥିଲା। ଦୁର୍ଘଟଣାସ୍ଥଳର ରାଜପଥ ଉପରିସ୍ଥ ଅଧପନ୍ତରିଆ ଆପ୍ରୋଚ୍ ରାସ୍ତା ଉପରକୁ ଟ୍ରକ ଚାଳକ ଗାଡ଼ି ପୁରାଇ ଦେଇଥିଲେ। ତେବେ ଉକ୍ତ ରାସ୍ତା ପାର୍ଶ୍ୱରେ ଏକ ଖାଲ ଥିବା ଦୃଶ୍ୟକୁ ଚାଳକ ଠଉରାଇ ପାରି ନ ଥିଲେ। ସେ ଗାଡି ପାର୍କିଂ କରିବାକୁ ଯାଉଥିବା ସମୟରେ ଟ୍ରକଟି ଭାରସାମ୍ୟ ହରାଇ ଖାଲ ଭିତରକୁ ଖସି ପଡିଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାଯାଇଛି। କୁଆଖିଆ ପୋଲିସ ପହଞ୍ଚି ଗାଡ଼ିରେ ବୋଝେଇ ଥିବା ସାମଗ୍ରୀର ସୁରକ୍ଷିତ ସ୍ଥାନାନ୍ତରିତ ପାଇଁ ବ୍ୟବସ୍ଥା କରିବାକୁ ପ୍ରୟାସ କରିଥିଲା। ତେବେ ଏହି ଦୁର୍ଘଟଣା ପାଇଁ ରାଜପଥ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଉଛି। ଅଧପନ୍ତରିଆ ରାସ୍ତା ଓ କୋର୍ଟ ମାମଲା ଯୋଗୁ ନିର୍ମାଣରେ ବାଧା ଉପୁଜିଥିବା ସ୍ଥାନଗୁଡ଼ିକରେ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସତର୍କତାମୂଳକ ସୂଚନା ଫଳକ ଲଗାଯାଇନାହିଁ। ଫଳରେ ଏପରି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ବି ତାହା ସମ୍ଭ ହୋଇ ପାରିନାହିଁ।

# ନୂଆ କଂକ୍ରିଟ୍ ରାସ୍ତା ଫଟାଇ ମରାମତି

**ଯାଜପୁର ଅଫିସ,୧।୧୨**

ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ପୌର ପରିଷଦରେ ସର୍ବାଧିକ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କ ରାଜୁତି ଚାଲିଥିବା ଅଭିଯୋଗ ହେଉଛି। କେବଳ ପରିମଳ ବ୍ୟବସ୍ଥା ନୁହେଁ ଯନ୍ତ୍ରୀ ବିଭାଗରେ ଉନ୍ନୟନ କାର୍ଯ୍ୟରେ ଆବଣ୍ଟିତ ଅନୁଦାନକୁ ମଧ ଏଠାରେ ମିଳିମିଶି ହରିଲୁଟ କରାଯାଉଛି। କେତେଜଣ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀଙ୍କୁ ସ୍ଥାନୀୟ ପ୍ରଭାବଶାଳୀ ନେତାମାନେ ବି ସୁରକ୍ଷା ଯୋଗାଇ ଦେଉଥିବାରୁ ଦୁର୍ନୀତି ଆହୁରି ବଢ଼ି ବଢ଼ି ଚାଲିଛି। ଫଳରେ ରାସ୍ତାଘାଟ ନିର୍ମାଣର ସ୍ଥାୟିତ୍ୱ ୨ ମାସ ନ ପୁରୁଣୁ ଦୁଇ ଫାଳ ହେଉଥିବା ଦେଖିବାକୁ ମିଳିଛି। ଏଠାରେ ଗୋଶାଳା ଛକ ଠାରୁ ମହତାବନଗର ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ମର୍ମରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗୁରୁବାର ଉକ୍ତ ରାସ୍ତାରେ ପୁଣି ମରାମତି କାମ ଆରମ୍ଭ ହୋଇଛି। ହେଲେ ପୂର୍ବରୁ ଯେତେ ଥର ମରାମତି କରାଯାଇଥିଲେ ହେଁ ଫାଟ କମିବା ପରିବର୍ତ୍ତେ ପୁଣି ତାହା ଓସରିଆ ହେବାକୁ ଲାଗିଛି। ଏହାସହ ବିଭିନ୍ନ ଡ୍ରେନେଜ, ସିମେଣ୍ଟ ଇଟା ରାସ୍ତା ଆଦି



ବ୍ୟାସନଗର ପୌର ପରିଷଦର ମହତାବ ନଗର କଂକ୍ରିଟ୍ ରାସ୍ତା ମରାମତି ଚାଲିଛି।

କଂକ୍ରିଟକରଣ କାମରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଏଥିପାଇଁ ପୌରାଧକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବିବାଦ ତେଜିଥିଲା । ଶେଷରେ ଫାଇଲ ଫିଙ୍ଗା ପର୍ଯ୍ୟନ୍ତ କଥା ଯାଇଥିଲା । ଯାହାର ଭିଡିଓ ଭାଇରାଲ ହୋଇ ସାରା ରାଜ୍ୟରେ ବ୍ୟାସନଗର ପୌର ପରିଷଦ ନିନ୍ଦିତ ହୋଇ ସାରିଛି । ତେଣୁ ବିଭିନ୍ନ ସଂଗଠନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଥିଲେ ମଧ୍ୟ ତାହାକୁ ଚପାଇ ଦିଆଯାଇଥିବା ମତପ୍ରକାଶ ପାଇଛି।

ପ୍ରଶାସନରେ ସ୍ୱଚ୍ଛତା ଏବଂ ପିସି ରାଜରର ଅବସାନ ପାଇଁ ରାଜ୍ୟ ସରକାର ସ୍ଲୋଗାନ ଦେଇଛନ୍ତି । ହେଲେ ଏହାର ବିପରୀତ ଦୃଶ୍ୟ ଯାଜପୁର ଜିଲା ବ୍ୟାସନଗର ପୌରପରିଷଦରେ ଦେଖିବାକୁ ମିଳୁଛି। ବିନା ପରସେଣ୍ଟ(ପିସି)ରେ ଫାଇଲ ଏଠାରେ ଘୁଞ୍ଚେ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । କହିବାକୁ ଗଲେ ପିସି ରାଜରେ ସହରବାସୀ ବହୁଳଭାବେ ପ୍ରଭାବିତ ହେଉଛନ୍ତି । ଏଠାରେ କେବଳ

**ବ୍ୟାସନଗର ପୌର ପରିଷଦ**
- ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ରାଜୁତି
- ବିକାଶରେ ପିସିରାଜ ପ୍ରତିବନ୍ଧକ

ପରିମଳ ସେବା ପାଇଁ ମାସିକ ପ୍ରାୟ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାରୁ ପିସି ଆକାରରେ ନିରୂପିତ ଅର୍ଥ ଭାବେ ସିଂହଭାଗ ଅର୍ଥ ବାଟମାରଣା ହୋଇଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଉନ୍ନୟନ କାର୍ଯ୍ୟରେ ମଧ ପିସି ରାଜ ବିକାଶରେ ଅନ୍ତରାୟ ସୃଷ୍ଟି କରିଛି ବୋଲି ବହୁ ସଚେତନ ନାଗରିକ କହିଛନ୍ତି । ପ୍ରାୟ ପ୍ରତ୍ୟେକ ପ୍ରକଳ୍ପରେ କେତେଜଣ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଜନ ପ୍ରତିନିଧି ପିସି ନେଉଛନ୍ତି । ଏଭଳି ସ୍ଥିତିରେ ସଂପୃକ୍ତ ଯନ୍ତ୍ରୀମାନେ ଠିକାଦାରଙ୍କୁ ତାଗିଦ କରିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ସୂଚନା ଅନୁଯାୟୀ, ୨୫ ନଂ. ୱାର୍ଡ ଗୋଶାଳା ଛକଠାରୁ ମହତାବନଗର ରାସ୍ତା ନିର୍ମାଣ ପାଇଁ ୨୦୨୦-୨୧ରେ ୮ ଲକ୍ଷ ୨୫ ହଜାର ୫୦୦ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଗତ ଜୁନ ମାସରେ ଏହି କଂକ୍ରିଟ କାମ ଶେଷ ହୋଇଥିଲା। ହେଲେ ରାସ୍ତା ନିର୍ମାଣ ପୂର୍ବରୁ ଯନ୍ତ୍ରୀଙ୍କ ଏଷ୍ଟିମେଟରେ ତ୍ରୁଟି ଏବଂ ନିମ୍ନମାନର କାର୍ଯ୍ୟ କାରଣରୁ ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି। ଆଉ କିଛି ଦିନ ପରେ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଗମନାଗମନ ଅନୁପଯୋଗୀ ହୋଇଯିବ ବୋଲି ସ୍ପଷ୍ଟ ଭାବେ ଜଣାପଡୁଛି। ସେହିପରି ପ୍ଲଟ ଚୂନଭାଟି ଆଦିବାସୀ ସାହିରେ ନିର୍ମିତ ଫେବର ରାସ୍ତାର ୱାଲ ମାସକ ମଧ୍ୟରେ ଭାଙ୍ଗି ଯାଇ ଚୂନା ହେବାକୁ ବସିଛି। ସହରରେ ଏଭଳି ଅନେକ ରାସ୍ତା ପିସି ରାଜ ପାଇଁ ଲୋକଙ୍କ କାମରେ ଲାଗି ପାରୁନାହିଁ ବୋଲି ମତପ୍ରକାଶ ପାଇଛି। ଏନେଇ ବିଭିନ୍ନସ୍ତରରେ ଅଭିଯୋଗ ହେବା ପରେ କଂକ୍ରିଟ ରାସ୍ତାକୁ ଭାଙ୍ଗି ପୁଣି ମରାମତି କରାଯାଉଛି। ସେଠାରେ ଲୁହା ରଡ ଲଗାଇ ପୁଣି କଂକ୍ରିଟ କରଣ କରାଗଲେ ରାସ୍ତା ସୁଦୃଢ ହେବ ବୋଲି ଠିକାଦାର କହୁଛନ୍ତି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ବିକ୍ରମ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ମାଣାଧୀନ ପ୍ରକଳ୍ପଗୁଡିକର ନିୟମିତ ଭାବେ ତଦାରଖ କରାଯାଉଛି। ଯେଉଁଠି ଅଟକଳ ଅନୁସାରେ କାମ ହେଉନି ସେଠାରେ ଆବଶ୍ୟକ ପରାମର୍ଶ ଦିଆଯାଉଛି। କୌଣସି କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ନାହିଁ।

## ଓଏମ୍ସି ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ



ଏଡ୍ସ ଦିବସରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**କାଳିଆପାଣି,୧।୧୨(ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମ(ଓଏମ୍ସି) ପକ୍ଷରୁ ଏ.ବି. ଫାଉଣ୍ଡେଶନ ସହାୟତାରେ ଗୁରୁବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ସୁକିନ୍ଦା ବ୍ଲକ୍ ଅଧୀନ କଅଁସ ପଞ୍ଚାୟତର କୋଲିପଶୀ ଓଏମ୍ସି ଟ୍ରକ୍ପାର୍କିଂ ୟାର୍ଡ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ନିର୍ଦ୍ଦେଶିକା ଭଗବତୀ ମହାନ୍ତ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ମୁଖ୍ୟ ଅତିଥି ଓ ଖଣି ନିଗମ ମୁଖ୍ୟ ଡାକ୍ତରଖାନାର ଡା. ବିଶ୍ୱରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଏଡ୍ସ ଦିବସ ପାଳନର କାରଣ ଓ ରୋଗର ନିରାକରଣ ସମ୍ପର୍କରେ ସଚେତନ କରାଇଥିଲେ। ନିଗମର ଭୂତତ୍ତ୍ୱବିତ୍ ତାନିଆ ସିହ୍ନା, ପାରିପାର୍ଶ୍ୱିକ କାର୍ଯ୍ୟ ତଦାରଖ କରୁଥିବା ଅଧିକାରୀ ମଧୁସ୍ମିତା ଦାସ, ବରିଷ୍ଠ ଅଧିକାରୀ ପ୍ରଣୟ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବସ ପାଳନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଅଁସ ସରପଞ୍ଚ ରାଜାରାଣୀ ଦେହୁରି, କାଳିଆପାଣି ସରପଞ୍ଚ ବିକାଶ ପାତ୍ର ଓ ପୂର୍ବତନ ସରପଞ୍ଚ ଜିନିତା ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପାର୍କିଂୟାର୍ଡରେ ଥିବା ଶହେ ଟ୍ରକ୍ ଡ୍ରାଇଭର ଯୋଗଦେଇ ସଚେତନ ହୋଇଥିଲେ। କାର୍ଯ୍ୟକ୍ରମକୁ ଏବି ଫାଉଣ୍ଡେଶନ କର୍ମକର୍ତ୍ତା ଦୀପକ ମହାନ୍ତ, ଖଣି ନିଗମ ସିଏସ୍ଆର୍ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ପରିଚାଳନା କରିଥିଲେ।

## କର୍ତ୍ତବ୍ୟରେ ଅବହେଳା: ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ

**ରସୁଲପୁର,୧।୧୨ (ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଞ୍ଚଳର ପ୍ରମୁଖ ଡାକ୍ତରଖାନା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ତ୍ତବ୍ୟରେ ଅବହେଳା ପାଇଁ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବିଶ୍ୱରଞ୍ଜନ କର ଡା. ଅଭିଶେଖ ହରିଚନ୍ଦନଙ୍କୁ କୈଫିୟତ ତଲବ କରିଛନ୍ତି। ନୋଟିସ ପାଇବାର ୪୮ଘଣ୍ଟା ମଧ୍ୟରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନିକଟରେ ହାଜର ହେବାକୁ ତାଙ୍କୁ ନୋଟିସ ଜରିଆରେ ସୂଚନା ଦିଆଯାଇଛି। ଏଥିରେ ଖିଲାପ ହେଲେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

୨୯ ନଭେମ୍ବର,୨୦୨୨ରେ ଡା. ହରିଚନ୍ଦନଙ୍କ ଓପିଡି ଡିୟୁଟି ଥିଲା। ସେ ସକାଳ ୮ଟାରେ ଡାକ୍ତରଖାନା ଓପିଡିରେ ପହଞ୍ଚି ରୋଗୀ ଚିକିତ୍ସା କରିବା କଥା। ମାତ୍ର ସକାଳ ୯ଟା ପର୍ଯ୍ୟନ୍ତ ଯୋଗ ଦେଇ ନ ଥିଲେ। ଫଳରେ ରୋଗୀ ସେବା ପ୍ରଭାବିତ ହୋଇଥିଲା। ଏନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଡା. କରଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ଏହି ଘଟଣାକୁ ଅନୁଧ୍ୟାନ କରିବାରୁ ଅଭିଯୋଗ ପଛରେ ସତ୍ୟାସତ୍ୟ ରହିଥିବା ଅଧିକାରୀ ଜାଣିବାକୁ ପାଇଥିଲେ। ଡା. ହରିଚନ୍ଦନ ବିନା ଅନୁମତିରେ ଡିୟୁଟିରେ ଅନୁପସ୍ଥିତ ରହିଥିଲେ। ଏହାକୁ କେନ୍ଦ୍ରକରି ସମ୍ପୃକ୍ତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ନଂ–୫୬୮/ତା–୨୯/୧୧/୨୨ରିଖରେ ଜାରି କରିବା ସହ ୨ଦିନ ମଧରେ ଅଧିକାରୀଙ୍କ ନିକଟରେ ଉତ୍ତର ରଖିବାକୁ କୁହାଯାଇଛି। ଏହାଛଡ଼ା ଉକ୍ତ ଘଟଣା ସମ୍ପର୍କରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଘଟଣା ସମ୍ପର୍କରେ ଡା. ହରିଚନ୍ଦନଙ୍କୁ ପଚାରିବାରୁ ସେ ଡିୟୁଟିରେ ଅବହେଳା କରିନାହାନ୍ତି କି ଏଯାଏ ଅଧିକାରୀଙ୍କଠାରୁ କୌଣସି ଚିଠି ପାଇନାହାନ୍ତି। ଚିଠି ପାଇଲେ ସେ ଘଟଣାକୁ ନେଇ ଅଧିକାରୀଙ୍କ ସହ ଆଲୋଚନା କରିବେ। ତେବେ ସେ ଛୁଟିରେ ଥିବାରୁ ଏ ସମ୍ପର୍କରେ ଅବଗତ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

## ୫ ଶିଶୁ ଶ୍ରମିକ ଉଦ୍ଧାର, ଜଣେ ଅଟକ

**କଳିଙ୍ଗନଗର,୧।୧୨(ଡି.ଏନ.ଏ.)**

ଯାଜପୁର ଜିଲାର ୫ଜଣ ଶିଶୁଙ୍କୁ କେନ୍ଦ୍ରାପଡ଼ା ଜିଲାର ଟିଙ୍କିରା ଦାସ ନାମକ ଜଣେ ବ୍ୟକ୍ତି ନେଇ ମଇଁଷି ଚରାଇବା କାର୍ଯ୍ୟରେ ବିନିଯୋଗ କରିଥିବାବେଳେ ସେମାନଙ୍କୁ ଗୁରୁବାର ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ଅଧିକାରୀଙ୍କ ମାଧ୍ୟମରେ ଉତ୍କଳ ବାଳାଶ୍ରମରେ ରଖାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ରୋଡ୍ ପୋଲିସ କେନ୍ଦ୍ରାପଡ଼ା ପୋଲିସ ସହିତ ଯୋଗାଯୋଗ କରି ମୋବାଇଲ ଟ୍ରାକିଂ ମାଧ୍ୟମରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ସହିତ ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଏନେଇ ପୋଲିସ ନଂ.୬୧୮/୨୨ରେ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଆର୍ଟିଓ କାର୍ଯ୍ୟାଳୟରେ ଗଣ୍ଡଗୋଳ, ଜଣେ ଗିରଫ

**ଚଣ୍ଡିଖୋଲ,୧।୧୨ (ଡି.ଏନ୍.ଏ.)**

ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍ଟିଓ)ଙ୍କ କାର୍ଯ୍ୟାଳୟରେ ପଶି ଗଣ୍ଡଗୋଳ ଓ ମାରପିଟ କରିଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଧର୍ମଶାଳା ଥାନା ଅଧୀନ କାଏମା ଅଞ୍ଚଳର ଆନନ୍ଦ କିଶୋର ସାହୁ। ଅଭିଯୁକ୍ତ ଆନନ୍ଦ କିଶୋର ଗତ ମଙ୍ଗଳବାର ଉକ୍ତ କାର୍ଯ୍ୟାଳୟର ଡାଟାଏଣ୍ଟ୍ରି ଅପରେଟର ସୀତାଂଶୁ ପାଲଙ୍କ ସହ ଗଣ୍ଡଗୋଳ କରିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ସୀତାଂଶୁ ଆରଟିଓଙ୍କୁ ଜଣାଇବା ପରେ ଆରଟିଓଙ୍କ ସୁପାରିସକ୍ରମେ ଚଣ୍ଡିଖୋଲ ଫାଣ୍ଡିରେ ଏତଲା ଦିଆଯାଇଥିଲା। ପୋଲିସ ନଂ.୩୬୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ମାନପୁର ଓଭରବ୍ରିଜ୍‌ରେ ଗାଡ଼ି ଚଳାଚଳରେ କଟକଣା

**କଳିଙ୍ଗନଗର,୧।୧୨(ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ମାନପୁର ରେଳ ଓଭରବ୍ରିଜ ଉପର ଦେଇ ଭାରିଯାନ ଚଳାଚଳରେ କଟକଣା ଜାରି କରାଯାଇଛି। ଦ୍ୱିତୀୟ ପୋଲ ନିର୍ମାଣ ହେବା ପର୍ଯ୍ୟନ୍ତ ସକାଳ ୭ଟାରୁ ୯ଟା ଓ ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଏହି ପୋଲ ଦେଇ ଗାଡ଼ି ଚଳାଚଳ ବନ୍ଦ ରହିବ। ଏନେଇ ଯାଜପୁର ରୋଡ୍ ପୋଲିସ ଓଭର ବ୍ରିଜର ଉଭୟ ପାର୍ଶ୍ୱରେ ଫଳକ ଲଗାଇ ସୂଚୀତ କରିଛି। ଦାନଗଦି ଫାଣ୍ଡି ପୋଲିସର ସୂଚନା ମୁତାବକ, କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାନବାହନ ଚଳାଚଳ ପାଇଁ ଉଭୟ ସମୟରେ ଉତ୍କଟ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ମାନପୁର ବ୍ରିଜ ସଙ୍କୀର୍ଣ୍ଣ ହୋଇଥିବାରୁ ଗାଡ଼ିଗୁଡ଼ିକ ପୋଲ ଅତିକ୍ରମ କରିବା ବେଳେ ଅସମ୍ଭବ ଭିଡ଼ ଦେଖିବାକୁ ମିଳୁଛି। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ତରଫରୁ ଦିନରେ ବ୍ୟସ୍ତତା ରହୁଥିବା ୪ ଘଣ୍ଟା ଭାରୀଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଜାରି କରାଯାଇଛି।

## ପକ୍ଷାଘାତ ପୀଡ଼ିତଙ୍କୁ ମିଳୁନି ସରକାରୀ ସହାୟତା

**ଝୁମ୍ପୁରି,୧।୧୨(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ୍ ଜାଫରପୁର ପଞ୍ଚାୟତସ୍ଥ ଜାଫରପୁର ଗ୍ରାମର ସୁବାସ ଚନ୍ଦ୍ର ମଲ୍ଲିକ(୬୨) ୭ ମାସ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀର ଏହି ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ସୁବାସ। ତେବେ ସେ ରୋଗଗ୍ରସ୍ତ ହେବାପରେ ଆଉ ରୋଜଗାର କରିବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ। ତେଣୁ ପରିବାରର ଭରଣ ପୋଷଣ କରିବା ପାଇଁ ତାଙ୍କ ସ୍ତ୍ରୀ ସଂଘର୍ଷ କରୁଛନ୍ତି। ସେ ମାଗିଯାଚି ସୁବାସଙ୍କ ଚିକିତ୍ସା କରୁଥିବାବେଳେ ସରକାରୀସ୍ତରରେ କୌଣସି ସହାୟତା ମିଳିବା ସମ୍ଭବ ହୋଇନାହିଁ। ସେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଦୁଃଖ କହି ସାହାଯ୍ୟ ମାଗିଥିଲେ ମଧ ଖାଲି ପ୍ରତିଶ୍ରୁତି ମିଳୁଛି। ଅନ୍ୟପକ୍ଷରେ ସୁବାସଙ୍କୁ ଭତ୍ତା କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ। ଅତ୍ୟନ୍ତ ଦୁର୍ଦ୍ଦିନ ଅବସ୍ଥାରେ ଏହି ଗରିବ ପରିବାର ଜୀବନ ବିତାଉଛନ୍ତି। ତେଣୁ ଏହି ପରିବାର ପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



ନିଜ ଘର ଆଗରେ ସୁବାସ ଓ ତାଙ୍କ ସ୍ତ୍ରୀ।

## ହୋମିଓପ୍ୟାଥି ଚିକିତ୍ସା ଶିବିର



ଚିକିତ୍ସା ଶିବିରରେ ଯୋଗ ଦେଇଥିବା ଡାକ୍ତର ଓ ସାହାଯ୍ୟ ପରିବାରର ସଦସ୍ୟ।

**ଝୁମ୍ପୁରି,୧।୧୨(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ୍ କମାରଡ଼ିହ ପଞ୍ଚାୟତସ୍ଥ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାହାଯ୍ୟ ପରିବାର ପକ୍ଷରୁ ଏକ ମାଗଣା ହୋମିଓପ୍ୟାଥି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସକ ନଳିନୀକାନ୍ତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ। ଭୁବନେଶ୍ୱରରୁ ୧୭ ଜଣ ହୋମିଓପ୍ୟାଥି ଡାକ୍ତର ଶିବିରରେ ଯୋଗଦେଇ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ସାହାଯ୍ୟ ପରିବାର ପକ୍ଷରୁ ପ୍ରଜ୍ଞା ନାୟକ, ସତ୍ୟରଞ୍ଜନ ନାୟକ, ବିକାଶ ପୃଷ୍ଟି, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ସାହାସପୁର ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ବାଲିଚନ୍ଦ୍ରପୁର,୧।୧୨(ସ୍ୱ.ପ୍ର.)**

ବାଲିଚନ୍ଦ୍ରପୁରସ୍ଥ ସାହାସପୁର ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଦିଲୀପ କୁମାର ସାମଲ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଅଧକ୍ଷତା କରିଥିଲେ। ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସରୋଜ ରଞ୍ଜନ ଜେନା ଆଲୋଚନାସଭାରେ ବିଷୟ ଭିତ୍ତିକ ଆଲୋଚନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଜ୍ଞାନର ପରିସୀମାକୁ ବୃଦ୍ଧି କରିଥିଲେ। ଆଲୋଚନାଚକ୍ରରେ ରସାୟନ ବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରତାପ କୁମାର ସାହୁ, ଇଂଲିଶ ବିଭାଗର ମୁଖ୍ୟ ହିରଣ୍ମୟୀ ସାମଲ, ରାଜନୀତି ବିଜ୍ଞାନର ସୁଧାରାଣୀ ରାଉତ, ଅଧ୍ୟାପକ କାମିନୀପ୍ରଭା ମାଝି ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ।

ଓଡ଼ିଆ ଭାଷା ଓ ସାହିତ୍ୟ ମୁଖ୍ୟ ଅଧାପିକା ମିନତି ମଞ୍ଜରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଆଲୋଚନାଚକ୍ର ପରିଚାଳିତ ହୋଇଥିଲା। ଓଡ଼ିଆ ବିଭାଗର ଅଧାପିକା ଆଦ୍ୟାମୌସୁମୀ ମହାନ୍ତି ବିଷୟଭିତ୍ତିକ ସାରଗର୍ଭକ ଆଲୋଚନା କରି ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ ଶୀର୍ଷକରେ 'ଲୋକ' ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଏକ ବିଶଦ ଆଲୋଚନା ହୋଇଥିଲା। ଆଲୋଚନାରେ 'ଲୋକ' ଶବ୍ଦ ମଧ୍ୟରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଦ୍ୟୋତିତ ହୋଇଥିଲାବେଳେ ସଂସ୍କୃତ କେଉଁ ଭଳ ଗୋଟିଏ ଜାତିର ଜୀବନ ବେଦ ହୋଇଥାଏ, କିପରି ଗୋଟିଏ ଜାତିର ଅସ୍ମିତା ହୋଇଥାଏ, ସାହିତ୍ୟ କିପରି ସୃଷ୍ଟି ହୋଇଥିଲା ଏ ସମ୍ପର୍କିତ ଏକ ସାରଗର୍ଭକ ଆଲୋଚନା ହୋଇଥିଲା। ତନୁଶ୍ରୀ ବେହେରା, ସଂଘମିତ୍ରା ସାହୁ, ପ୍ରୀତିରଞ୍ଜନ ବାରିକ, ସୋନାଲି ସାମଲ, ମୋନାଲିସା ବାରିକ, ଅଭିପ୍ସା ମହାନ୍ତି, ମୋନାଲିସା ସେନାପତି, ଗୌତମ ସାମଲ, ତପସ୍ୱିନୀ ବେହେରା, ଝୁମକି ବେହେରା ପ୍ରମୁଖ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଅଧାପିକା ପଦ୍ମାବତୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବର୍ଷାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ୨ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ଏରସମା,୧।୧୨(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ ଗାଡଶ ପଞ୍ଚାୟତସ୍ଥିତ ୨ଟି ମନ୍ଦିରରୁ ବୁଧବାର ରାତିରେ ହୁଣ୍ଡି ଭାଙ୍ଗି ଚୋରି ହୋଇଛି। ଗୋଲାପୁର ଗ୍ରାମର ବିଶ୍ୱନାଥ ମନ୍ଦିର ଓ ମୂରଲିପୁର ଗ୍ରାମର ଷୋଳପୁଅ ମା'ଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଥାନାରେ ମାମଲା (ନଂ. ୪୧୩/୨୨) ରୁଜୁ କରି ତଦନ୍ତ କରିଛି। ଏଥିସହ ସନ୍ଧାନୀ କୁକୁର ଜରିଆରେ ଘଟଣା ସ୍ଥଳରେ ଯାଞ୍ଚ କରାଯାଇ ମୂରଲିପୁରସ୍ଥିତ ବିଲରୁ ଏକ ହୁଣ୍ଡି ବାକ୍ସ ମିଳିଛି। ରିପୋର୍ଟ ଲେଖା ହେବାବେଳକୁ ଏନେଇ କାହାରିକୁ ଗିରଫ କରାଯାଇ ନ ଥିବା ଥାନା ଅଧିକାରୀ ଭାବଗ୍ରାହୀ ରାଉତ କହିଛନ୍ତି।

### ଏନ୍ଆର୍ଏଲ୍ ଆଗରେ ପୁଣି ଧାରଣା

ପାରାଦୀପ,୧।୧୨(ସ୍ୱ.ପ୍ର.):ପାରାଦୀପର ଷଣ୍ଢକୁଦ ପାଖରେ ପ୍ରସ୍ତାବିତ ଏନଆର୍ଏଲ (ନୁମାଲିଗଡ ରିଫାଇନେରୀ ଲିମିଟେଡ)ପ୍ରକଳ୍ପ ଆଗରେ ଗୁରୁବାର ପୁଣି ଧାରଣା ଦିଆଯାଇଥିଲା। ଭାଜପା ସମର୍ଥିତ ଷଣ୍ଢକୁଦ ସୁରକ୍ଷା ସମିତି ପକ୍ଷରୁ ଦିଆଯାଇଥିବା ଏହି ଧାରଣାର ପ୍ରମୁଖ ଦାବି ଗୁଡ଼ିକ ହେଲା ଷଣ୍ଢକୁଦ ଲୋକଙ୍କୁ ନିଯୁକ୍ତି, ଡ୍ରେନ କରିବା, ପାଣି ସମସ୍ୟା ଦୂର କରିବା। ସମିତିର ସଭାପତି ଅର୍ଜିଲା ଶିବା, ବାଇତି ସୋଲେମାନ ରାଜୁ, ଭାଜପା ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଗୌତମ ନାୟକ ପ୍ରମୁଖ ଧାରଣାରେ ବସିଥିଲେ। ମଧ୍ୟାହ୍ନରେ ଜଟାଧାରମୁହାଣ ସାମୁଦ୍ରିକ ପୋଲିସ ଓ କମ୍ପାନୀ ଅଧିକାରୀ ବିକାଶ ଦାସ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୬ ରେ ପ୍ରଶାସନିକ ସ୍ତରରେ ଏନେଇ ବୈଠକ ହେବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ହଟିଥିଲା। ସୂଚନାଯୋଗ୍ୟ ନଭେମ୍ବର ୨୩ରେ ଷଣ୍ଢକୁଦ ଗ୍ରାମ କମିଟି ଓ ୨୫ରେ ଷଣ୍ଢକୁଦ ବିକାଶ ପରିଷଦ ନାମକ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଉଭୟ ସଙ୍ଗଠନ ବିଜେଡି ସମର୍ଥିତ ବୋଲି ଜଣାପଡିଛି।

### ଅଳକା ମହାବିଦ୍ୟାଳୟରେ ଏଡ୍ସ ଦିବସ ପାଳନ

ବାଲିଆ,୧।୧୨(ସ୍ୱ.ପ୍ର.): ବିରିଡି ବ୍ଲକ ଅଳକା ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ.ବିଶ୍ୱଜିତ ରାୟ ଏହି ଦିବସର ଆଭିମୁଖ୍ୟ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ରୁଦ୍ର ନାରାୟଣ ମହାନ୍ତି, ରୁଦ୍ର ନାରାୟଣ ମିଶ୍ର, ଅଶୋକ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ରବି ଫସଲ ମଞ୍ଜି କିଟ୍ ପ୍ରଦାନ କରିବାକୁ ଦାବି

ତିର୍ତ୍ତୋଲ, ୧।୧୨ (ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଧୋୟା ଅଞ୍ଚଳର ବହୁ ପଞ୍ଚାୟତରେ ଗତ ବନ୍ୟାରେ ବ୍ୟାପକ ଫସଲ ହାନି ହୋଇଥିଲା। ଏହି ପଞ୍ଚାୟତଗୁଡ଼ିକ ମଧ୍ୟରୁ ସାମନ୍ତରାପୁର ପଞ୍ଚାୟତ ଅଧିକ ପ୍ରଭାବିତ ହୋଇଥିଲା। ଏଥି ନିମନ୍ତେ ପଞ୍ଚାୟତର ଚାଷିମାନଙ୍କୁ କୃଷି ବିଭାଗ ତରଫରୁ ରବିଫସଲ ପାଇଁ ୬୦୦ ପ୍ୟାକେଟ ମୁଗ ମଞ୍ଜି କିଟ ପ୍ରଦାନ କରାଯାଇଥିଲା। ସରପଞ୍ଚ ମଧୁସ୍ମିତା ବେହେରାଙ୍କ ଦ୍ୱାରା ଚାଷୀଙ୍କୁ ଏହି କିଟ ବଣ୍ଟନ କରାଯାଇଥିଲା। ମାତ୍ର ଏତିକି କିଟ୍ ଯଥେଷ୍ଟ ନୁହେଁ। ବହୁ ଚାଷୀ ଏଥିରୁ ବାଦ୍ ପଡ଼ିଥିବା ଅଭିଯୋଗ କରି ଆଉ ୬୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ କିଟ୍ ପ୍ରଦାନ ଲାଗି କୃଷି ଅଧିକାରୀଙ୍କ ନିକଟରେ ସରପଞ୍ଚ ଦାବି କରିଛନ୍ତି। ତୁରନ୍ତ ରବି ପସଲ ବିହନ ଯୋଗାଇ ଦିଆ ନଗଲେ ଚାଷୀମାନେ ରବି ଫସଲ କରିବାରୁ ବଞ୍ଚିତ ହେବାର ଆଶଙ୍କା ରହିଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଏସମ୍ପର୍କରେ ବ୍ଲକ କୃଷି ଅଧିକାରୀ ନିରଞ୍ଜନ ସାହୁ କହିଛନ୍ତି, ଯେଉଁ ପରିମାଣର ମୁଗ ମଞ୍ଜି କିଟ ଆସିଥିଲା ସେଥିମଧ୍ୟରୁ ୬୦୦ଙ୍କୁ ଉକ୍ତ ପଞ୍ଚାୟତରେ କିଟ ବଣ୍ଟନ ସରିଛି। ଅଧିକ କିଟ ଯୋଗାଣ ଲାଗି ଦାବି କରାଯାଇଛି। ଏହାର ବିଚାର କରାଯାଇ କିଟ୍ ପାଇବାରୁ ବଞ୍ଚିତ ଚାଷିଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ଚାଷୀଙ୍କୁ ମୁଗ ବିହନ ପ୍ରଦାନ

ବାଲିଆ,୧।୧୨(ସ୍ୱ.ପ୍ର.); ବନ୍ୟା ଓ ବୃଷ୍ଟିପାତ ଯୋଗୁ ବିରିଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଚାଷୀଙ୍କ କ୍ଷତି ଭରଣା ପାଇଁ କୃଷି ବିଭାଗ ପକ୍ଷରୁ ଗୁରୁବାର ମୁଗବିହନ ପ୍ରଦାନ କରାଯାଇଛି। ବ୍ଲକ କୃଷି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମମତା ପାତ୍ର, ଆତ୍ମା କମିଟି ଅଧକ୍ଷ ପ୍ରତାପ ବେହେରା ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀଙ୍କ ସହ କର୍ମଚାରୀ ଓ କୃଷକ ସାଥିମାନେ ଉପସ୍ଥିତ ଥିଲେ।

# ୧୦ କିଲୋମିଟର ଗଲେ ମିଳୁଛି ରାଶନ

ଜଗତ୍‌ସିଂହପୁର ଅଫିସ, ୧।୧୨

ଜଗତ୍‌ସିଂହପୁର ଜିଲାର ବହୁ ଗରିବ ଲୋକଙ୍କୁ ଖାଉଟି ସୁରକ୍ଷା କାର୍ଡରେ ରାଶନ ଚାଉଳ, ଗହମ ଓ କିରୋସିନ ଆଦି ଆଣିବା ପାଇଁ ୧୦ କିଲୋମିଟର ଯିବାକୁ ପଡୁଛି। ଚାଉଳର ମୂଲ୍ୟ ଯେତିକି ନୁହେଁ ତା'ଠାରୁ ଅଧିକ ଖର୍ଚ୍ଚ ତାକୁ ଆଣିବାରେ ହେଉଛି। ଏନେଇ ଅନେକ ହିତାଧିକାରୀଙ୍କୁ କ୍ଷତି ସହିବାକୁ ପଡୁଛି । ନାଉଗାଁ ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ଏହି ବ୍ଲକ ଅନ୍ତର୍ଗତ ଅଲଣା ଓ ରୋହିଆ ପଞ୍ଚାୟତର ବହୁ କାର୍ଡ ଧାରୀ ଦୀର୍ଘ ୨ ବର୍ଷ ହେବ ଏଭଳି ସମସ୍ୟା ରହିଛି। ପ୍ରାୟ ୫ରୁ ୧୦ କି.ମି. ଦୂର ଗଜରାଜପୁରକୁ ଗଲେ ସେମାନେ ରାଶନ ଚାଉଳ ପାଉଛନ୍ତି। ଅନେକଙ୍କୁ କଣ୍ଟ୍ରୋଲ ସାମଗ୍ରୀ ଆଣିବା ପାଇଁ ଡାଲା ଅଟୋ ଭଡା କରିବାକୁ ପଡୁଛି।

ଏ ସମ୍ପର୍କରେ ଅଲଣା ପଞ୍ଚାୟତ ଅଧିନ ଅରଖପାରୀ ଗ୍ରାମର ସନ୍ତୋଷ ସାହୁ, ନରେଶ ମହାନ୍ତି, ନିରଞ୍ଜନ ସାହୁ, ଅରଖପାରୀ ନୂଆପାଟଣାର ପ୍ରମିଳା ସାହୁ, ବାଉରିବନ୍ଧୁ ମହାରଣା, ପ୍ରଭାତ ସାହୁ (ଅନ୍ତଦ୍ୱୟ), ମଧୁପୁରର ଅରବିନ୍ଦ ଦାସ (ଅନ୍ତଦ୍ୱୟ) ଓ ନୂଆପାଟଣାର ଗୁକୁନା ସାହୁ ପ୍ରମୁଖ କହିଛନ୍ତି, ଅଲଣା ପଞ୍ଚାୟତ ଅଧୀନ କୁଣ୍ଡେଶ୍ୱର, ମଧୁପୁର, ଅରଖପାରି, ଅଲଣା, ତହଡ଼ିପଡ଼ା, ସଠଳପୁର, ଓରଣ୍ଡ, ବେଣାପଡ଼ା ଓ ମୁଣ୍ଡାଳ ଗ୍ରାମର ପାଖାପାଖି ୧୩୦୦ କାର୍ଡ ଧାରୀ ରାଶନ ସାମଗ୍ରୀ ଗଜରାଜପୁରରୁ ଆଣୁଛନ୍ତି । ସେହିପରି ରୋହିଆ ପଞ୍ଚାୟତର ବହୁ କାର୍ଡ ଧାରି ଗଜରାଜପୁରରୁ କଣ୍ଟ୍ରୋଲ ସାମଗ୍ରୀ ଆଣୁଥିବା ରୋହିଆ ଗ୍ରାମର ଅଜିତ ମହାନ୍ତି, ବ୍ରହ୍ମାନନ୍ଦ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ଅନନ୍ତପୁରର ପଞ୍ଚାନନ ପରିଡ଼ା, ଅରଖକୁଦର ରବୀନ୍ଦ୍ରନାଥ ସ୍ୱାଇଁ ଓ ପୋହଳର ବିଜୁ ସ୍ୱାଇଁ ପ୍ରମୁଖ କହିଛନ୍ତି । ସେମାନଙ୍କ ଅଭିଯୋଗ ହେଲା, ୨ ବର୍ଷ ପୂର୍ବରୁ ସେମାନେ ଠିକ୍ ଭାବେ ଚାଉଳ ପାଉଥିଲେ। ପ୍ରଥମେ ଅଲଣାସ୍ଥିତ ବେଲବଣ ଏସ୍ଏଚ୍‌ଜି ଓ ରୋହିଆ


ହିତାଧିକାରୀମାନେ ଡାଲା ଅଟୋରେ ରାଶନ ସାମଗ୍ରୀ ନେଉଛନ୍ତି।

ପଞ୍ଚାୟତ ପକ୍ଷରୁ ପୃଥକ ଭାବେ ରାସନ ସାମଗ୍ରୀ ବଣ୍ଟନ କରାଯାଉଥିଲା । କୌଣସି କାରଣରୁ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ ହେବାପରେ ପଞ୍ଚାୟତ ସ୍ଥାନରେ ନାଉଗାଁର ଡିଲର ପ୍ରତାପ ବେହେରାଙ୍କୁ ଟ୍ୟାଗ କରି ଦିଆଯାଇଥିଲା। ମାତ୍ର ପରେ ବେହେରାଙ୍କୁ କେବଳ ତାଙ୍କ ନିଜ ଅଞ୍ଚଳ ଅର୍ଥାତ୍ ନାଉଗାଁରେ ରାଶନ ସାମଗ୍ରୀ ଦେବାକୁ ଅନୁମତି ଦିଆଯାଇଥିଲା। ଏହାପରେ ଅଲଣା ଓ ରୋହିଆ ପଞ୍ଚାୟତର ହିତାଧିକାରୀଙ୍କୁ କେବଳ ବେଲବଣ ଏସ୍ଏଚ୍‌ଜି ପକ୍ଷରୁ ରାଶନ ସାମଗ୍ରୀ ଦିଆଯାଉଥିଲା। ମାତ୍ର ମୃତ ଲୋକଙ୍କ ନାଁରେ ଅଲଣା ପଞ୍ଚାୟତରେ ଚାଉଳରେ ଅନିୟମିତତା ହୋଇଥିବା ଦର୍ଶାଯାଇ ଉକ୍ତ

**ଜଗତ୍‌ସିଂହପୁର ଜିଲା**
- ୨ ବର୍ଷ ହେଲା ଘାଣ୍ଟି ହେଉଛନ୍ତି ହିତାଧିକାରୀ
- ଚାଉଳ ମୂଲ୍ୟ ଅପେକ୍ଷା ଡାଲା ଅଟୋ ଭଡା ଖର୍ଚ୍ଚ ଅଧିକ

ଏସ୍ଏଚ୍‌ଜିକୁ ନିଲମ୍ବନ କରି ଦିଆଯାଇଥିଲା । ବେହେରା ଏଠାରେ ରାଶନ ସାମଗ୍ରୀ ବଣ୍ଟନର ଦାୟିତ୍ୱରେ ଥିବା ସମୟରୁ ଏଭଳି ଅନିୟମିତତା ହୋଇଥିବା ଦର୍ଶାଇ ତାଙ୍କୁ ମଧ ନିଲମ୍ବନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବେହେରାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ଦିଆଯାଇଛି । କିନ୍ତୁ ବେଲବଣ ଏସ୍ଏଚ୍‌ଜି ଉପରେ କଟକଣା ବଳବତ୍ତର ରହିଛି। ଏନେଇ ଉକ୍ତ ଏସ୍ଏଚ୍‌ଜି ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଅନ୍ୟପଟେ ଅଲଣା ଓ ରୋହିଆ ପଞ୍ଚାୟତର ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଯୋଗାଇବା ପାଇଁ ଗଜରାଜପୁରର ଡିଲର ଚିତ୍ତରଞ୍ଜନ ପାତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେବେଠାରୁ ପାତ୍ରୀ ରାସନ ସାମଗ୍ରୀ ଦେଇ ଆସୁଛନ୍ତି। କିନ୍ତୁ ଗଜରାଜପୁରରୁ ଅଲଣା ଓ ରୋହିଆ ପଞ୍ଚାୟତର ଅଧିକାଂଶ ଗ୍ରାମ ୬ କିଲୋମିଟରରୁ ୧୧ କିଲୋମିଟର ଭିତରେ ହୋଇଥିବାରୁ ହିତାଧିକାରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଡାଲା ଅଟୋ ଭଡା କରି ଗଲେ ପାଖାପାଖି ୨୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହାଦ୍ୱାରା ହିତାଧିକାରୀଙ୍କ ଉପରେ ଆର୍ଥିକ, ଶାରୀରିକ ଓ ମାନସିକ ଚାପ ପଡୁଛି ବୋଲି ଉପରୋକ୍ତ ବ୍ୟକ୍ତିମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର କହିଛନ୍ତି, ସମସ୍ୟାର ସମାଧାନ ପାଇଁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଉପଜିଲାପାଳ ଏହା ଉପରେ ନୂଆ ରିଟେଲର ନିଯୁକ୍ତି ପାଇଁ ନୋଟିଫିକେଶନ୍ କରି ପଦକ୍ଷେପ ନେବାକୁ ନାଉଗାଁ ବିଡିଙ୍କୁ ଚିଠି କରିଥିବା ସୂଚନା ଦେଇଛନ୍ତି।

## ଠାକୁରାଣୀଙ୍କ ଜମିକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**ଥାନାରେ ଉଭୟ ପକ୍ଷରୁ ପୃଥକ ଅଭିଯୋଗ**

ନାଉଗାଁ,୧।୧୨(ସ୍ୱ.ପ୍ର.)

ନାଉଗାଁ ଥାନା ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର (ଲେଙ୍କାପାରୀ) ଗ୍ରାମ ଠାକୁରାଣୀ ମା'କୁତାମ ଚଣ୍ଡୀଙ୍କ ଜମିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏନେଇ ଉଭୟ ପକ୍ଷରୁ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ମନ୍ଦିର ନିକଟରେ ଟେଷ୍ଟ ହାଉସ କରି ପରିବାର ପ୍ରତିପୋଷଣ କରୁଥିବା ଉପେନ୍ଦ୍ରନାଥ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବୁଧବାର ଘରେ ସେ ନଥିବା ବେଳେ ଗ୍ରାମର ଶଙ୍କର ଲେଙ୍କା, ମନୋଜ ରାଉତ, ସୁଶାନ୍ତ ଲେଙ୍କା, ଧରଣୀଧର ଲେଙ୍କାଙ୍କ ସହ ଅନ୍ୟ କେତେଜଣ ଲୋକ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। କାହିଁକି ପାଟି କରୁଛ ବୋଲି ସ୍ତ୍ରୀ ମନସ୍ମିତା ପଚାରିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ମନସ୍ମିତାଙ୍କୁ ଉଦ୍ଧାର କରିବା ପାଇଁ ବାପା ଘର ବାହାରକୁ ଆସିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଏଥିସହ ଘରର ଆଜେବେଷ୍ଟସ ଓ ଡାଲା ଅଟୋକୁ ଠେଙ୍ଗାରେ ପିଟି ଭାଙ୍ଗି ଦେଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଗ୍ରାମର ନୟନା ରାଉତଙ୍କ ପକ୍ଷରୁ ଥାନାରେ ଏକ ପାଲଟା ଅଭିଯୋଗ କରାଯାଇଛି। ସେଥିରେ ଦର୍ଶାଯାଇଛି ଯେ, ସେ ଓ ଗ୍ରାମର ଅନ୍ୟ କେତଜଣ ମହିଳା ମା' କୁତାମ ଚଣ୍ଡୀଙ୍କ ମନ୍ଦିର ପରିସର ସଫା କରିବା ସମୟରେ ଝୁନି ଲତା ରାଉତ, ବର୍ଷା ରାଉତ ଓ ପିଙ୍କି ରାଉତଙ୍କ ସମେତ ଗ୍ରାମର ଆଉ କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେମାନଙ୍କ ଉପରକୁ ଟେକା ପଥର ଫିଙ୍ଗିଥିଲେ। ଜୀବନ ବିକଳରେ ନୟନା ଓ ତାଙ୍କ ସହ ଥିବା ମହିଳାମାନେ ସେଠାରୁ ପଳାଇ ଆସିବାବେଳକୁ ଗ୍ରାମର ଉମେଶ ରାଉତ ଓ ଅନ୍ୟ କେତେଜଣ ବ୍ୟକ୍ତି ସେମାନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଉପେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ. ୨୭୦/୨୨) ଓ ନୟନାଙ୍କ ଅଭିଯୋଗ କୁ ଭିତ୍ତି କରି ମାମଲା (ନଂ.୨୭୧/୨୨) ରୁଜୁ ହୋଇଛି ବୋଲି ଥାନାଧିକାରୀ ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମା'କୁତାମ ଚଣ୍ଡୀଙ୍କ ଜମିକୁ ନେଇ ଗ୍ରାମରେ ୨୫ ବର୍ଷ ହେବ ବିବାଦ ଲାଗି ରହିଛି। ଏ ନେଇ ବହୁଥର ଗଣ୍ଡଗୋଳ ମଧ ହୋଇଛି।

## ରାମ କଥା ଶ୍ରବଣ, ପଠନ କଲେ ମଣିଷ ମାର୍ଜିତ ହୁଏ

ବିରିଡ଼ି, ୧।୧୨(ଡି.ଏନ.ଏ)

ରାମାୟଣର ଆଦର୍ଶ, ଭ୍ରାତୃଭାବ, ମହିଳାମାନଙ୍କୁ ସ୍ୱାଧୀନତାର ଆଦ୍ୟ ଓଁକାର, ଛୁଆଁ ଅଛୁଆଁ ଭେଦଭାବ, ସଭ୍ୟତା ଆଦି ବିଷୟବସ୍ତୁ ଯୁଗଯୁଗ ଧରି କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଛି । ତେଣୁ ରାମ କଥା ଶ୍ରବଣ ଓ ପଠନ ଦ୍ୱାରା ମଣିଷ ଜୀବନ ସାର୍ଥକ ହୋଇଥାଏ ବୋଲି ଜଗଦ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦଜୀ ମହାରାଜ ମତବ୍ୟକ୍ତ କରିଛନ୍ତି । ବିରିଡି ବ୍ଲକ ନୂଆପାରିସ୍ଥିତ ଜଗଦ୍‌ଗୁରୁ ରାମାନନ୍ଦ ଚାର୍ଯ୍ୟଙ୍କ ପୀଠରେ ସାତ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଦିବସରେ ଆୟୋଜିତ ଗୁରୁପୂଜା ଉତ୍ସବରେ ଅରୁପାନନ୍ଦଜୀ ମହାରାଜ ଉପରୋକ୍ତ ମତ ଦେଇଛନ୍ତି । ମହନ୍ତ ବୈଷ୍ଣବ ଦାସ ମହନ୍ତ ରାମ କିଶୋର ଦାସ, ସନ୍ଥ ନିର୍ଭୟାନନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବିଶ୍ୱ ଏଡ୍ସ ଦିବସ ପାଳିତ



ସଚେତନତା କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥିମାନେ।

ପାରାଦୀପ,୧।୧୨(ସ୍ୱ.ପ୍ର.)

ପାରାଦୀପ ବନ୍ଦର ହସ୍ପିଟାଲ ପକ୍ଷରୁ ଗୁରୁବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ହସ୍ପିଟାଲଠାରୁ ଅଫିସର୍ସ କ୍ଲବ ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ସିଆଇଏସ୍ଏଫ, ସାକ୍ଷରତା ସମିତି, କିନ୍ନର, ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ଏତଦ୍‌ବ୍ୟତୀତ ବନ୍ଦର ୩ ନଂ ଗେଟ ପାଖରେ ଟ୍ରକ ଚାଳକମାନଙ୍କ ଏଡ୍ସ ପରୀକ୍ଷା କରାଯାଇଥିଲା। ଲେଡିଜ କ୍ଲବ ସଭାନେତ୍ରୀ ସୁଚିସ୍ମିତା ବୋଷ, ଡାକ୍ତର ପ୍ରହଲ୍ଲାଦ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## '୧୦ ବର୍ଷର ଆଧାର କାର୍ଡ ଥିଲେ ନବୀକରଣ କର'

ଜଗତ୍‌ସିଂହପୁର ଅଫିସ, ୧।୧୨

ଅନେକଙ୍କ ଆଧାର କାର୍ଡ ୧୦ ବର୍ଷ ପୂର୍ବରୁ ହୋଇଥିଲା। ସେତେବେଳେ ଏହି କାର୍ଡରେ ଯେଉଁ ତଥ୍ୟ ସହ ଠିକଣା ଆଦି ଥିଲା ତାର ଅପବ୍ୟବହାର ହେବାର ଆଶଙ୍କା ରହିଛି। ତେଣୁ ଏହାକୁ ସଂଶୋଧନ କରାଇ ନେବା ଉଚିତ। ଗୁରୁବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଜିଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକରେ ଏହା କୁହାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ପୌରୋହିତ୍ୟ କରି କହିଥିଲେ, ଆଧାର କାର୍ଡକୁ ବ୍ୟକ୍ତିର ପରିଚୟ ପ୍ରମାଣ ଭାବେ ବ୍ୟବହାର କରାଯାଉଛି । ଏଥିସହ ସରକାରୀ ଯୋଜନା ଓ ସୁବିଧା ପାଇଁ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ଏନେଇ ଆଧାର ତଥ୍ୟକୁ ବ୍ୟକ୍ତିଗତ ବିବରଣୀ ସହ ଅପଡେଟ୍ ରଖିବାକୁ ପଡିବ। ଏହା ଦ୍ୱାରା ଆଧାର ପ୍ରମାଣୀକରଣ ଯାଞ୍ଚରେ କୌଣସି ଅସୁବିଧା ହେବନାହିଁ। ଜିଲାରେ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଆଧାରରେ ପଞ୍ଜୀକରଣ


ବୈଠକରେ ପ୍ରଶାସନିକ ଅଧିକାରୀମାନେ ସଚେତନତା ବାର୍ତ୍ତା ଦେଉଛନ୍ତି।

**ଜିଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ**

ସଂଖ୍ୟା କମ ଅଛି । ଆଗାମୀ ଦିନରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଏକ ଯୋଜନା ପ୍ରସ୍ତୁତ କରି ଏ ସମସ୍ତ ଶିଶୁଙ୍କ ଆଧାର ପଞ୍ଜିକରଣ ୧ ମାସ ଭିତରେ ଶେଷ କରିବାକୁ ପଦକ୍ଷେପ ନିଅନ୍ତୁ । ସେହିପରି ବିଦ୍ୟାଳୟସ୍ତରରେ ମଧ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କ ଆଧାର କାର୍ଡ ଅପଡେଟ୍ କରାଇବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଶନ ବିବରଣୀ କେନ୍ଦ୍ରଗୁଡିକରେ ମଧ ହିତାଧିକାରୀମାନଙ୍କ ଆଧାର କାର୍ଡ ଅପଡେଟ୍ କରିବା ପାଇଁ ଜିଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ଦାୟିତ୍ୱବାନ ହେବାକୁ ପଡ଼ିବ ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧରେ ୟୁଆଇଡିଏଆଇର ରାଜ୍ୟ ନିର୍ଦ୍ଦେଶକ କର୍ଣ୍ଣେଲ ପ୍ରଶାନ୍ତ କକ୍କର ମାହାର, ଜଗତ୍‌ସିଂହପୁର ଜିଲା ନୋଡାଲ ଅଫିସର ବିଜୟଲକ୍ଷ୍ମୀ ନାୟକ, ଡିଏସ୍‌ପି ଡିଆଇବି ମନୋରଞ୍ଜନ ଚୌଧୁରୀ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ରୋହିତ କୁମାର ଦାଶ, ଲିଡ୍ ବ୍ୟାଙ୍କ ଡେପୁଟୀ ମ୍ୟାନେଜର ଦମୟନ୍ତୀ ମୁର୍ମୁ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ବରିଷ୍ଠ ପରିଚାଳକ ଶୁଭଙ୍କର ମହାପାତ୍ର, ଜିଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ଅରବିନ୍ଦ ଆଚାର୍ଯ୍ୟ, ଜିଲା ସମାଜ ମଙ୍ଗଳ ଯୋଜନା ଅଧିକାରୀଙ୍କ ସମେତ ମୋ ସେବା କେନ୍ଦ୍ର ଜିଲା ପରିଚାଳକ ରତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## କୁରାଳ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ

ଏରସମା/ପାରାଦୀପ,୧।୧୨(ସ୍ୱ.ପ୍ର.):

ଏରସମା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କୁମ୍ଭକାର ସମ୍ପ୍ରଦାୟ ପକ୍ଷରୁ ଗତ ସୋମବାରଠାରୁ ଅନୁଷ୍ଠିତ କୁରାଳ ପଞ୍ଚମୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏରସମାର କଟିଜଙ୍ଗା ଗ୍ରାମରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲା ଗାୟକ ଜଗନ୍ନାଥ ବେହେରାଙ୍କ ପୌରୋହିତ୍ୟରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଥିଲା। ଏହି ଅବସରରେ କୁମ୍ଭକାରମାନଙ୍କ ପାରମ୍ପାରିକ ମାଟିପାତ୍ର ନିର୍ମାଣ ହେଉଥିବା ଚକକୁ ପୂଜା କରାଯାଇଥିଲା। ଗଡ଼ବିଶୁନିପୁର ପଞ୍ଚାୟତସ୍ଥିତ ଚଡ଼କପଦା ଗ୍ରାମରେ ଅନୁଷ୍ଠିତ ଉତ୍ସବରେ ଅଶୋକ ମୁଦୁଲି, ଅକ୍ଷୟ ମୁଦୁଲି, ପ୍ରତାପ ବେହେରା ପ୍ରମୁଖ ସାମିଲ ହୋଇଥିଲେ । ସୋମପୁର ପଞ୍ଚାୟତର ଗାରଡମଲ୍ଲ, ଭିତର ଅନ୍ଧାରୀ ପଞ୍ଚାୟତର କଡାକଣ, ବାଲିତୁଠ ପଞ୍ଚାୟତର ବଡବୁଦା ଗ୍ରାମରେ ଏହି ପର୍ବ ପାଳନ କରାଯାଇଥିଲା । ସେହିପରି



ପାରାଦୀପ ଉପକଣ୍ଠସ୍ଥିତ ଭୂତମୁଣ୍ଡାଇ ଗ୍ରାମରେ କୁମ୍ଭକାର ପରିବାର ପକ୍ଷରୁ କୁରାଳ ପଞ୍ଚମୀ ପର୍ବ ୫ ଦିନ ଧରି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗାଁରେ ଲକ୍ଷ୍ମୀ ନାରାୟଣ ପୂଜା ମଣ୍ଡପ କରାଯାଇ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାକୁ ତ୍ରୀନାଥ,ଚନ୍ଦନ, ଦିଲୀପ, ଚନ୍ଦନ, ଆଲୋକ ରଣା ପ୍ରମୁଖ ପରିଚାଳନା କରିଥିଲେ।

## ବେଆଇନ ଇଟାଭାଟି ଉପରେ ଚଢ଼ାଉ

କୁଜଙ୍ଗ,୧।୧୨(ଡି.ଏନ୍.ଏ.)

କୁଜଙ୍ଗ ତହସିଲଦାର ପ୍ରିତୀପର୍ଣ୍ଣା ମିଶ୍ର ଗୁରୁବାର ତହସିଲ ଅନ୍ତର୍ଗତ ସମାଗୋଳ ଗ୍ରାମରେ ଏକ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରି ପାଣି ମାଡ଼ କରିଛନ୍ତି। ଏହି ଅଞ୍ଚଳର ୨ ଭାଇ ଦୀର୍ଘବର୍ଷ ହେବ ଜନବସତି ଅଞ୍ଚଳରେ ଇଟାଭାଟି କରି ପୋଡୁଥିଲେ। ଏନେଇ ତହସିଲଦାର ୩ ବର୍ଷ ହେବ ବାରମ୍ବାର ତାଗିଦ୍ କରୁଥିଲେ ମଧ ଉଭୟ ଭାଇ ତହସିଲଦାରଙ୍କ ନିର୍ଦ୍ଦେଶକୁ ନ ମାନି ବେଆଇନ ଭାବେ ଭାଟିରେ ଇଟା ପୋଡୁଥିଲେ। ଖବରପାଇ କୁଜଙ୍ଗ ତହସିଲଦାର ମିଶ୍ର ଅଗ୍ନିଶମ ବାହିନୀ ସହାୟତାରେ ଉକ୍ତ ଭାଟି ଉପରେ ଚଢ଼ାଉ କରିଛନ୍ତି।

ଆବଶ୍ୟକସ୍ଥଳେ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଜରିମାନା ଆଦାୟ କରାଯିବ। ଏଥିସହ ଏଠାରେ ପଡ଼ିଥିବା ମାଟିକୁ ନିଲାମ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ମିଶ୍ର କହିଛନ୍ତି।


ନିର୍ମାଣ ହୋଇଥିବା ବେଆଇନ ଇଟାଭାଟି ।

## ଅଲଟ୍ରାସାଉଣ୍ଡ ସେଣ୍ଟରଗୁଡ଼ିକୁ ଯାଞ୍ଚ କର

ଜଗତ୍‌ସିଂହପୁର ଅଫିସ, ୧।୧୨

ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଲିଙ୍ଗ ନିରୂପଣ ଉପରେ ଦେଶରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ଏଭଳି କରୁଥିଲେ ଅପରାଧ ବୋଲି ଅଭିହିତ କରାଯାଇ ତାଙ୍କ ବିରୋଧରେ ଦଣ୍ଡ ବିଧାନ ବ୍ୟବସ୍ଥା ଅଛି । କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏଥିରେ ବ୍ୟତିକ୍ରମ ହେଉଛି। ଜିଲାର ଏକାଧିକ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଲିଙ୍ଗ ନିରୂପଣ ପାଇଁ ଏହି ମେଶିନ୍‌ର ଦୁରୂପଯୋଗ କରାଯାଉଛି। ବାରମ୍ବାର ଏଭଳି ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି। ଅନ୍ୟପଟେ ଔପଚାରିକତା ପାଇଁ ପ୍ରତିବର୍ଷ ପିସିପିଏନ୍‌ଡିଟି (ପ୍ରି କନସେପ୍‌ସନାଲ ଆଣ୍ଡ ପ୍ରି -ନେଟାଲ ଡାଇଗ୍ନୋଷ୍ଟିକ୍ ଟେକ୍‌ନିକ୍ୟୁସ୍) ବୈଠକ କରାଯାଇ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକ ତନଖି କରାଯାଇ ବ୍ୟାପକ ସଚେତନତା କରାଯିବ ବୋଲି କୁହାଯାଉଛି । ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।


ବୈଠକରେ ଜିଲାପାଳ ପାରୁଲ ପଟୱାରୀଙ୍କ ସହ ଅନ୍ୟ ଅଧିକାରୀମାନେ ।

ଜିଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଗୁରୁବାର ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି ଜିଲା ମନିଟରିଂ ଦଳ ଦ୍ୱାରା ଅଲଟ୍ରାସାଉଣ୍ଡ ସେଣ୍ଟରଗୁଡିକରେ ଅଚାନକ ତନଖି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଉପଯୁକ୍ତ ଯୋଗ୍ୟତା ସମ୍ପନ୍ନ ଡାକ୍ତରଙ୍କ ଦ୍ୱାରା ଏହି ମେଶିନ୍‌ର ବ୍ୟବହାର କରାଯାଉଛି କି ନାହିଁ ତାହା ଦେଖିବାକୁ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସରକାରଙ୍କ ତରଫରୁ ପୋର୍ଟେବଲ ଅଲଟ୍ରାସାଉଣ୍ଡ ମେଶିନ୍ ଅଛି। ଏହାର ବ୍ୟବହାର ଗୁରୁତର ରୋଗୀଙ୍କ ପାଇଁ ୱାର୍ଡରେ କରିବାକୁ ଅନୁମୋଦନ ଦିଆଯାଇଥିଲା। ଜିଲାପାଳ ଏକଥା ମଧ କହିଥିଲେ, ଲିଙ୍ଗ ନିରୂପଣ ଅପରାଧ ହୋଇଥିବାରୁ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଜରୁରୀ। ବ୍ଲକସ୍ତରରେ ଆଶା, ଅଙ୍ଗନୱାଡି କର୍ମୀଙ୍କୁ ନେଇ ସଚେତନତା

**ଜିଲା ପିସିପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ**

ତାଲିମ ଶିବିର କରିବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ ଅଲଟ୍ରାସାଉଣ୍ଡ ସେଣ୍ଟରଗୁଡିକର ବିବରଣୀ ପାଠ କରିଥିଲେ। ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ରବି ନାରାୟଣ ପାଲ, ଶିଶୁ ବିଶେଷଜ୍ଞ ଡା. ଅଜୟ କୁମାର ସ୍ୱାଇଁ, ସରକାରୀ ଓକିଲ ସଲିଲ ଘୋଷ, ସମାଜିକ କର୍ମୀ ଜ୍ୟୋତିର୍ମୟୀ ମହାନ୍ତି ଓ ଆଶ୍ରା ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ଏଡିଆଇପିଆର୍‌ଓ ଏବଂ ଡିପିଏମ୍ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହକାରୀ ପରିଚାଳକ ସ୍ୱସ୍ତି ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୨ ବାଇକ ମୁହାଁମୁହିଁ ଧକ୍କା, ୪ ଗୁରୁତର

ନୂଆଗାଁ,୧।୧୨(ଡି.ଏନ.ଏ.)-ନୟାଗଡ଼ ଜିଲା ନୂଆଗାଁ ଥାନା ପଞ୍ଚୁପାଣ୍ଡବ ନିକଟରେ ଗୁରୁବାର ସନ୍ଧ୍ୟାରେ ୨ ବାଇକ ମୁହାଁମୁହିଁ ଧକ୍କା ଫଳରେ ୪ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କ ପରିଚୟ ମିଳିପାରିନାହିଁ। ସେମାନଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଗୋଟିଏ ବାଇକ୍ ଦଶପଲ୍ଲା ପଟୁ ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ଅନ୍ୟ ବାଇକଟି ବିପରୀତ ଦିଗରୁ ଆସୁଥିଲା। ଦ୍ରୁତ ଗତି ଯୋଗୁ ଓଆର ୦୨ ବିକ୍ୟୁ ୪୫୨୩ ବାଇକ୍ ସହିତ ଅନ୍ୟ ବାଇକ୍(ନଂ. ଓଡି ୩୩ ଏ ଡି ୩୧୩୭) ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ ଚାଳକ ସହ ଅନ୍ୟ ୨ ଜଣ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଖବର ପାଇ ନୂଆଗାଁ ଥାନା ପୋଲିସ ଓ ଅଗ୍ନିଶମବାହିନୀ ସେମାନଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଛନ୍ତି। ପୋଲିସ ବାଇକ ଦୁଇଟିକୁ ଜବତ କରିଛି।

### ରାଷ୍ଟ୍ରଦୀପର ପାଠକ ସମ୍ମିଳନୀ

ଦଶପଲ୍ଲା,୧।୧୨(ଡି.ଏନ୍.ଏ.): ରାଷ୍ଟ୍ରଦୀପ ପ୍ରସାର ସମିତି ଦଶପଲ୍ଲା ପକ୍ଷରୁ ଏକ ହୋଟେଲ ସଭାଗୃହରେ ଏକ ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍.ଏସ୍.ଏସ୍, ପୁରୀ ବିଭାଗ ପ୍ରଚାର ମୁଖ୍ୟ ଜୟକୃଷ୍ଣ ପୃଷ୍ଟି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଅରୁଣ କୁମାର ମହାକୁଡ଼ ଓ ମୁଖ୍ୟବକ୍ତା ଭାବେ ' ରାଷ୍ଟ୍ରଦୀପ'ର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରଦୀପ'ର ପାଠକ , ଲେଖକ , ରାଷ୍ଟ୍ରଦୀପ ସମ୍ପର୍କିତ ଆଲୋଚନା କରାଯିବା ସହ ' ରାଷ୍ଟ୍ରଦୀପ'କୁ ଦଶପଲ୍ଲା ଅଞ୍ଚଳରେ ସମୃଦ୍ଧ କରିଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନସ ରଞ୍ଜନ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

### ସେବା ସମବାୟ ସମିତିର ପୂର୍ବତନ ସଭାପତିଙ୍କ ପରଲୋକ

ଭାପୁର,୧।୧୨(ଡି.ଏନ.ଏ.): ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ ପଞ୍ଚାୟତର ସମବାୟ ସମିତିର ପୂର୍ବତନ ସଭାପତି ତଥା ଫତେଗଡ଼ ଶିବଶକ୍ତି ପୂଜକ ସଂଘର ସଭାପତି ମହେଶ୍ୱର ରଣାଙ୍କ (୮୨) ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି । ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗ ଯୋଗୁ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ । ଜଣେ ମିଷ୍ଟଭାଷୀ ,ପରୋପକାରୀ ବ୍ୟକ୍ତି ଭାବେ ସେ ଜଣାଶୁଣା ଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ମନୋଜ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ ।

### ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଗୋପାଳପୁର,୧।୧୨(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଦାସପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶଶିଧର ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ଶଶିଧରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶାନ୍ତିଲତା ମୁନି ପେନସନ କାଗଜ ଓ ଅନ୍ୟାନ୍ୟ କାଗଜ ପ୍ରଦାନ କରିଥିଲେ। ଏବିଇଓ ଜୟସେନ ପ୍ରଧାନ, ଜୟନ୍ତ ସାହୁ ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପୁନଃ କାର୍ଯ୍ୟକ୍ଷମ ହେବ ଗୋପାଳପୁର ଚିଙ୍ଗୁଡ଼ି ଉତ୍ପାଦକ ୟୁନିଟ୍



ଜିଲାପାଳ ଓ ଅନ୍ୟମାନେ।

ଛତ୍ରପୁର,୧।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଗୋପାଳପୁରଠାରେ ଥିବା ବହୁ ପୁରାତନ ଚିଙ୍ଗୁଡି ଉତ୍ପାଦକ ୟୁନିଟ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ଲାଗି ଯୋଜନା ରହିଛି। ୧୯୮୮ରେ ଗୋପାଳପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଚିଙ୍ଗୁଡି ଉତ୍ପାଦକ ୟୁନିଟ ଦୀର୍ଘବର୍ଷ ଧରି ବନ୍ଦ ପଡିଛି। ବର୍ତ୍ତମାନ ଓଡିଶା ସରକାର ଏହି ୟୁନିଟ୍‌କୁ ନିଜ ଅଧୀନକୁ ଆଣି ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସହ କୋଚି ସାମୁଦ୍ରିକ ଦ୍ରବ୍ୟ ରପ୍ତାନି-ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଡି.ଭି.ସ୍ୱାମୀ ଏବଂ ନିର୍ଦ୍ଦେଶକ ଡଃ ଏମ. କାର୍ତ୍ତିଆନ ଗୁରୁବାର ଏକ ସୌଜନ୍ୟମୂଳ ସାକ୍ଷତ କରି ଆଲୋଚନା କରିଛନ୍ତି। ଗୋପାଳପୁରରୁ ଏହି ୟୁନିଟରେ ପୂର୍ବ ଠାରୁ କିଭଳି ଓଡିଶା ମତ୍ସ୍ୟବିଭାଗର ସହାୟତାରେ ଅଧିକରୁ ଅଧିକ ଚିଙ୍ଗୁଡି ଉତ୍ପାଦକ କରାଯାଇ ପାରିବ ତାହାକୁ ନେଇ ଆଲୋଚନା ହୋଇଛି। ନୂତନ ଭାବେ ଏହି ୟୁନିଟ ଚାଲୁ କରାଯାଇ ଦୁଇଟି ଏଚଏରି ସିଭାଜ-ପ୍ରକ୍ରିୟାରେ ୫ମିଲିଅନ ଟନ ଏବଂ ପିମୋନଡନ-ପ୍ରକ୍ରିୟାରେ ୩୦ ମିଲିଅନ ଟନ ଚିଙ୍ଗୁଡି ଉତ୍ପାଦକ କରିବା ପାଇଁ ଖସଡା ପ୍ରସ୍ତୁତ କରାଯାଇଛି । ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାଷନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ।

# ସଂରକ୍ଷିତ ଜଙ୍ଗଲରେ ଅଙ୍ଗାର ପ୍ରସ୍ତୁତି, ୪ ଗିରଫ

## ପୋଟାଲୁଣ୍ଡିରେ ହାତୀ ଆତଙ୍କ



ଜବତ କାଠ।

ଭଞ୍ଜନଗର,୧।୧୨(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ କାଳିଆମ୍ବ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ମୂଲ୍ୟବାନ କାଠକୁ ପୋଡି ଅଙ୍ଗାର ପ୍ରସ୍ତୁତି କରିବା ଅଭିଯୋଗରେ ବନବିଭାଗ ୪ ଜଣଙ୍କୁ ଗିରଫ କରିଛି। ଗିରଫ ୪ ଜଣଙ୍କୁ ସନ୍ଧ୍ୟାରେ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଛି। ଉକ୍ତ ଜଙ୍ଗଲରେ ଆଜିକୁ କିଛି ମାସ ହେବ କାଠ ଚୋରି ବଢ଼ିବାରେ ଲାଗିଛି। ଏହିଭଳି ପରିସ୍ଥିତିରେ ବିଭାଗୀୟ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏହି ଚଢାଉର ନେତୃତ୍ୱ ବନପାଳ ଶରତ ମହାନ୍ତି ନେଇଥିଲେ। ଅନ୍ୟପକ୍ଷରେ ଏହି ବନଖଣ୍ଡରେ ହାତୀ ଆତଙ୍କ ଥମିବାର ନାହିଁ। ସନ୍ଧ୍ୟାରେ ହାତୀମାନେ ତିନିଛକିଆ ଜଙ୍ଗଲରୁ ବାହାରି ଲେମ୍ବେଇ, ପୋଟାଲୁଣ୍ଡି ଅଞ୍ଚଳରେ ହୋଇଥିବା ଧାନ ଫସଲ କ୍ଷତି କରିଥିବା ଜଣାପଡିଛି। ବନ ବିଭାଗ କର୍ମଚାରୀ ହାତୀକୁ ଘଉଡାଇବାକୁ ଚେଷ୍ଟା ଚଳାଇଛନ୍ତି।

# ଏଡ୍‌ସ ରୋକିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ

ଫୁଲବାଣୀ ଅଫିସ, ୧।୧୨



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ମେଡିକାଲ କର୍ମଚାରୀମାନେ ।

ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ଏଡ୍‌ସ ରୋଗରେ ଅତୀତରେ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଏବେ ସେଭଳି ପରିସ୍ଥିତି ଆଉ ପ୍ରାୟ ନାହିଁ। ଲୋକେ ସଚେତନ ହେଲେଣି। ତଥାପି ସମ୍ପୂର୍ଣ୍ଣ ନିରାକରଣ ପାଇଁ ଆହୁରି ସଚେତନତା ଆବଶ୍ୟକ। ଏଡ୍‌ସ ରୋଗୀମାନଙ୍କୁ ନିଜ ପରିବାରର ସଦସ୍ୟମାନେ ଅନ୍ୟମାନଙ୍କ ଭଳି ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି ଡା. ଉପାଧ୍ୟାୟ କହିଛନ୍ତି। କନ୍ଧମାଳ ଜିଲାରେ ୨୫୫ ଜଣ ଏଡ୍‌ସ ରୋଗୀ ଥିଲେ । ସେମାନଙ୍କ ମଧ୍ୟରୁ ୩୬ ଜଣଙ୍କ ମୃତ୍ୟୁ ହୋଇଛି । ଏଡ୍‌ସ ରୋକିବା ଦିଗରେ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ। ସେଭଳି କିଛି ଲକ୍ଷଣ ଦେଖାଦେଲେ ପରୀକ୍ଷା କରାଇ ନେବାକୁ ଅତିରିକ୍ତ ଜିଲା ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରସନ୍ନ କୁମାର ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ନିଜେ ନିଜର ସୁରକ୍ଷା କବଚ ହେବା ପାଇଁ କହିଥିଲେ। ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ମାଧ୍ୟମରେ ସଚେତନ କରାଯାଉଛି ବୋଲି ସୂଚନା ଦେଇଥିଲେ । ଆଲୋଚନା ଚକ୍ରରେ ସ୍ୱାତୀର ସମ୍ପାଦକ ହରିଶଙ୍କରର ରାଉତଙ୍କ ସମେତ ଏ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନ, ଆଶା, ଗାଁ କଲ୍ୟାଣ ସମିତି ସଦସ୍ୟା, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧର୍ମେନ୍ଦ୍ର କୁମାର ତାଣ୍ଡି ଧନ୍ୟବାଦ ଦେଇଥିଲେ ।

## ବିଶ୍ୱ ଏଡ୍‌ସ ଦିବସ ପାଳିତ

ଆସିକା,୧।୧୨(ଡି.ଏନ.ଏ,)

ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁବ ରେଡକ୍ରସ ବାହିନୀ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଥିଲା । ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିସିରା ଡାକ୍ତରଖାନାର ଦୀପକ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡସ ରୋଗର କାରଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଯୁବ ରେଡକ୍ରସର ସଂଯୋଜିକା ଡ. ଲିଲା ଲିଲିୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଏଡସ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ଓ ପୋଷ୍ଟର ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ଆସିକା ବିଜ୍ଞାନ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ ପୌରହିତ୍ୟ କରିଥିଲା ବେଳେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୁବ୍ରତ ସ୍ୱରୂପ ପଣ୍ଡା ଯୋଗଦେଇଥିଲେ । ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ରାଜେଶ କୁମାର ସାହୁ ଓ ଦେବବ୍ରତ ସାହୁ କାର୍ଯକ୍ରମ ପରିଚାଳନା କରିଥିଲେ ।

# ନିଖୋଜ ମାନ୍ଦୁ ଘରକୁ ଫେରିଲେ



ପରିବାର ଲୋକଙ୍କ ସହ ମାନ୍ଦୁ ମାଝୀ ।

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧।୧୨

ଭୁବନେଶ୍ୱର ବୁଲିବାକୁ ଯାଇ ଗତ ୧୩ ତାରିଖରୁ ନିଖୋଜ ଥିବା ଫିରିଙ୍ଗିଆ ଥାନା ଅଞ୍ଚଳର ୬୫ ବର୍ଷୀୟ ମାନ୍ଦୁ ମାଝୀ ୧୭ ଦିନ ପରେ ଘରକୁ ଫେରିଛନ୍ତି। ସେ ଫେରିବା ପରେ ପରିବାରରେ ଖୁସି ଖେଳିଯାଇଛି।

ଗତ ୧୩ ତାରିଖରେ ମାନ୍ଦୁ ଭୁବନେଶ୍ୱର ବୁଲିବାକୁ ଯାଇଥିଲେ । ସେ ଇସ୍କନ ମନ୍ଦିର ଗେଟ୍ ପାଖରୁ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ବହୁ ଖୋଜାଖୋଜି ପରେ ବି ତାଙ୍କ ସନ୍ଧାନ ନ ମିଳବାରୁ ପରିବାର ଲୋକେ ଫିରିଙ୍ଗିଆ ଥାନାରେ ଜଣାଇବା ସହ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନୟାପଲ୍ଲୀ ଥାନା ପୋଲିସ ଇସ୍କନ ମନ୍ଦିରରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରିବା ପରେ ସେ ଗେଟ୍ ବାହାରକୁ ଯା'ଆସ କରିଥିବା ଜଣାପଡ଼ିଥିଲା । ମାତ୍ର ସେ ଫୁଲବାଣୀରେ ଥିବା କାଶିନୀପଦର ପଞ୍ଚାୟତ ଗଳେସୁଗା ଗାଁର ଜଣେ ବ୍ୟକ୍ତି ଦେଖି ତାଙ୍କୁ ଚିହ୍ନିବା ସହ ସାଙ୍ଗରେ ଫିରିଙ୍ଗିଆ ପର୍ଯ୍ୟନ୍ତ ନେଇ ଆସିଥିଲେ । ସାସିପଦର ଗାଁ ସ୍କୁଲର ଶିକ୍ଷକ ତାଙ୍କୁ ନେଇ ଘରେ ଛାଡ଼ି ଥିଲେ । ମାନ୍ଦୁ ଠିକ୍ ଭାବେ କିଛି ଜାଣି ପାରୁନାହାନ୍ତି । ସେ କେଉଁଠି ଥିଲେ ଏବଂ କିପରି ଆସିଲେ ଜାଣି ପାରୁ ନଥିବା ବେଳେ ଠିକ୍‌ରେ କଥାବାର୍ତ୍ତା ମଧ୍ୟ କହିପାରୁ ନାହାନ୍ତି ବୋଲି ପରିବାର ଲୋକେ କହିଛନ୍ତି।

# ଆନ୍ତଃ ମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୁଗୁଡ଼ା, ୧।୧୨(ଡି.ଏନ.ଏ.)



କବାଡ଼ି ମ୍ୟାଚ୍।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବାଲିପଦର ଆଞ୍ଚଳିକ ଡିଗ୍ରୀ କଲେଜ ପକ୍ଷରୁ ସ୍ୱପରିସରରେ ଆୟୋଜିତ ୧୪ତମ ଆନ୍ତଃମହାବିଦ୍ୟାଳୟ ମହିଳା କବାଡି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ ଏବଂ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ପ୍ରାକ୍ତନ ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ, କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଗଣେଶ ସେଠୀ, ବାଲିପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବି. ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ କଲେଜର ୧୩ ଦଳ ଅଂଶ ଗ୍ରହଣ କରିଥିବା ଏହି ଦ୍ୱିଦିବସୀୟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟ ଦଳ ୪୬-୧୬ ପଏଣ୍ଟରେ ଚିକିଟି କଲେଜ ଦଳକୁ ହରାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ବାଲିପଦର କଲେଜ ଭଞ୍ଜନଗର କଲେଜ ଦଳକୁ ୩୭-୦୮ ପଏଣ୍ଟରେ ହରାଇଥିଲା। ମ୍ୟାଚ୍ ରେଫରି ଭାବେ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଶ୍ରୀନିବାସ ଦୋରା ନିୟୋଜିତ ରହିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜେଶ ମହାନ୍ତି ଓ ରବି ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ବାଲିପଦର କଲେଜ କ୍ରୀଡା ସଂସ୍ଥାର ଉପସଭାପତି ଜିତେଶ୍ ରାଓ ଦୋରା, ଟିମ୍ ମ୍ୟାନେଜର ମିନତି ଆଚାରୀ, କ୍ରୀଡ଼ା ଶିକ୍ଷକ ଭଞ୍ଜକିଶୋର ଗୌଡ଼ ଓ କର୍ମଚାରୀ ନବଘନ ପ୍ରଧାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ବନ୍ୟାଜଳ ନିଷ୍କାସନ ସମ୍ପର୍କରେ ପ୍ରଶ୍ନ କଲେ ଛତ୍ରପୁର ବିଧାୟକ

## ବିଧାନସଭା ଶୀତକାଳୀନ ଅଧିବେଶନ

ଗଞ୍ଜାମ,୧।୧୨(ଡି.ଏନ.ଏ.)

ଖରଖରୀ ନାଳ ଓ ଋଷିକୁଲ୍ୟା ନଦୀର ସଙ୍ଗମ ସ୍ଥଳୀଠାରେ ଖରଖରୀ ନଦୀ ଶଯ୍ୟା ଅଣ ଓସାରିଆ ତଥା ଅଗଭୀର ଥିବା ଯୋଗୁ ବନ୍ୟା ଜଳ ଋଷିକୁଲ୍ୟା ନଦୀକୁ ନିଷ୍କାସିତ ହୋଇ ନ ପାରି ଗଞ୍ଜାମ ବ୍ଲକ ଅଞ୍ଚଳ ଚାଷ ଜମି ଜଳମଗ୍ନ ହୋଇ ପ୍ରତି ବର୍ଷ ଫସଲ କ୍ଷତି ହେଉଛି। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ବିଧାନସଭା ଶୀତକାଳୀନ ଅଧିବେଶନରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ପ୍ରଶ୍ନ କରିଥିଲେ। ଉତ୍ତରରେ ଉପରୋକ୍ତ ବିଷୟରେ ବିଭାଗ ଅବଗତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହାର ପ୍ରତିକାର ନିମନ୍ତେ ଋଷିକୁଲ୍ୟା, ବାହୁଦା, ବଂଶଧାରା ଓ ନାଗାବଳି ଅବବାହିକା ଅନ୍ତର୍ଗତ ବ୍ରହ୍ମପୁର ବିଭାଜନ ଦ୍ୱାରା ଖରଖରୀ ନାଳ ଋଷିକୁଲ୍ୟା ନଦୀ ସହ ସଙ୍ଗମ ସ୍ଥଳକୁ ୱେଲ ମାଉଥ ସେଫରେ ଓସାରିଆ କରି ୱେପିଲେକ୍ସ ବଣ୍ଡ କରିବା ବ୍ୟବସ୍ଥା କରାଯାଇଛି। ଏଥିସହ କଂସାରୀଗଣ୍ଡ ଇନଷ୍ଟ୍ରିମ ଷ୍ଟୋରେଜ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଇପିସି ମୋଡ଼ରେ ଏହାର ଚୁକ୍ତିନାମା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏଥିପାଇଁ ୪ କୋଟି ୬୨ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ଉକ୍ତ ଟଙ୍କାରେ ଖରଖରୀ ନାଳ ଆରଡ଼ି ୧୯ କିଲୋମିଟର ୯୨୫ ସେଣ୍ଟିମିଟରଠାରୁ ଆରଡ଼ି ୪୬ କିଲୋମିଟର ଯାଏ ସର୍ବେକ୍ଷଣ ଓ ସନ୍ଧାନ କରାଯାଇ ଉନ୍ନତୀକରଣ କରାଯିବାର ପ୍ରସ୍ତାବ ରହିଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ବ୍ଲକକୁ ବନ୍ୟା ଜନିତ ଫସଲ କ୍ଷତିରୁ ରକ୍ଷା ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଜଳସମ୍ପଦ ମନ୍ତ୍ରୀଙ୍କ ଉତ୍ତରରେ ବିଧାୟକ ବେହେରା ଖୁସିବ୍ୟକ୍ତ କରିଥିବା ଜଣାପଡିଛି।

# ଦାରିଙ୍ଗବାଡ଼ିରେ ଖୋଲିଲା ଇକୋ ରିଟ୍ରିଟ୍

ଦାରିଙ୍ଗବାଡ଼ି,୧।୧୨(ଡି.ଏନ.ଏ)

- ଚଳିତ ଥର ଶସ୍ତା ହେଲା ରାତ୍ରିଯାପନ ଦର
- ପଞ୍ଚତାରକା ହୋଟେଲ ବ୍ୟବସ୍ଥା ସହ ପର୍ଯ୍ୟଟନ କ୍ଷେତ୍ର ବୁଲିବା ସୁବିଧା



ଅତିଥିମାନେ ଇକୋ ରିଟ୍ରିଟ୍‌କୁ ଉଦଘାଟନ କରୁଛନ୍ତି।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକଠାରେ ଇକୋରିଟ୍ରିଟ୍ ଗୁରୁବାରଠାରୁ ଖୋଲିଛି । ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ରାଜ୍ୟର ଏକାଧିକ ସ୍ଥାନରେ ଏହି ଇକୋରିଟ୍ରିଟ୍‌ର ଶୁଭାରମ୍ଭ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲ, ବାଲିଗୁଡ଼ା ଏସ୍‌ଡିପିଓ ଜି.ଆର. ରାଘବେନ୍ଦ୍ର ଏବଂ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ବ୍ଲକ ସମେତ ଅନ୍ୟ ବ୍ଲକର ଲୋକ ପ୍ରତିନିଧିମାନେ ମଧ୍ୟ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ଶୁଭ୍ରାସିନୀ ନାୟକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଡିଓ ଗଦାଧର ପାତ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଡିଓ ଗଦାଧର ପାତ୍ରଙ୍କ ରଚୟିତା 'ଏଇ ଆମ ଦାରିଙ୍ଗବାଡ଼ି' ଭିଡିଓ ଆଲବମ୍‌କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ଦାରିଙ୍ଗବାଡ଼ିର ସୁନ୍ଦର ପାହାଡ଼, ଜଙ୍ଗଲ ଓ ପର୍ଯ୍ୟଟନକ୍ଷେତ୍ର ଏବଂ ସ୍ଥାନୀୟ କଳାକାରମାନଙ୍କୁ ନେଇ ଭିଡିଓଟି କରାଯାଇଛି। ସେହିପରି ଅତିଥିମାନେ ସମସ୍ତ ୨୫ କଟେଜକୁ ବୁଲି ଦେଖିଥିଲେ। ପ୍ରକାଶ ଯେ, ଚଳିତ ଥର ଦାରିଙ୍ଗବାଡିରେ ତୃତୀୟଥର ପାଇଁ କରାଯାଇଥିବା ବେଳେ ଚଳିତ ଥର ନୂତନ ଜମି ଏବଂ ଏକ ପାହାଡ଼ ଉପରେ କରାଯାଇଛି । ଚଳିତ ଥର ପୂର୍ବ ବର୍ଷ ଅପେକ୍ଷା ପର୍ଯ୍ୟଟକଙ୍କୁ ଶସ୍ତାରେ କଟେଜ ମିଳିବ ଏବଂ ଆଗ ଅପେକ୍ଷା ଅଧିକା ସୁବିଧା ସୁଯୋଗ ରହିଥିବା ଜିଲା ପର୍ଯ୍ୟଟନ ଅଧିକାରୀ ଶୁଭ୍ରାସିନୀ ନାୟକ କହିଛନ୍ତି। ଶିଶୁ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ପର୍ଯ୍ୟଟନକ୍ଷେତ୍ର ବୁଲିବା ଏବଂ ସେମାନଙ୍କ ଲାଗି ଗାଇଡ କରାଯିବା ବ୍ୟବସ୍ଥା ଆଦି ରହିଛି। ଚଳିତ ବର୍ଷ ଯେଉଁ ସ୍ଥାନରେ ଇକୋରିଟ୍ରିଟ କରାଯାଇଛି ଉକ୍ତ ସ୍ଥାନ ପାହାଡ଼ ଉପରେ ହୋଇଥିବାବେଳେ କଟେଜ ଭିତରେ ହେଉ କି ବାହାରେ ସେ ଡାଇନିଂ ହଲରେ ମଧ୍ୟ ପର୍ଯ୍ୟଟକ ବାହାରର ଦୃଶ୍ୟକୁ ଭରପୂର ଉପଭୋଗ କରିବା ବ୍ୟବସ୍ଥା ରହିଛି । ଫଳରେ ପର୍ଯ୍ୟଟକ ଚଳିତ ଇକୋରିଟ୍ରିଟ୍‌କୁ ଅଧିକା ଆକୃଷ୍ଟ ହେବେ ବୋଲି କନ୍ଧମାଳ ଜିଲାପାଳ କହିଛନ୍ତି। ସ୍ଥାନୀୟ ଲୋକ କିଭଳି ପର୍ଯ୍ୟଯକଙ୍କୁ ଭଲ ବ୍ୟବହାର କରିବେ ସେନେଇ ଜିଲାପାଳ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଛନ୍ତି।

# ଉଜ୍ଜ୍ୱଳା ଯୋଜନା ଅପହଞ୍ଚ, କାଠଚୁଲି ଭରସା

ଆର.ଉଦୟଗିରି,୧।୧୨(ଡି.ଏନ୍.ଏ.)

କେନ୍ଦ୍ର ସରକାର ଗ୍ରାମୀଣ ଗରିବ ମହିଳାଙ୍କ ରୋଷେଇ ଘରକୁ ମାଗଣା ରନ୍ଧନ ଗ୍ୟାସ ସଂଯୋଗ ଯୋଜନା କରିଛନ୍ତି। କିନ୍ତୁ ତାହା ଅପହଞ୍ଚ ହୋଇଥିବା ଏବଂ ଖଟିଖିଆଙ୍କ ପାଖରେ ଅର୍ଥର ଅଭାବ ଥିବାରୁ ୧୧୫୦ରୁ ୧୨ ଶହ ଟଙ୍କା ଦେଇ ଗ୍ୟାସ କିଣିବା ସମ୍ଭବପର ହୋଇପାରୁନି। ଫଳରେ ଗ୍ରାମାଞ୍ଚଳ ଲୋକେ ପୁଣି ଚିରାଚରିତ କାଠଚୁଲି ବ୍ୟବହାର କରୁଛନ୍ତି। ସ୍ଥାନୀୟ ପଞ୍ଚାୟତର ବହୁ ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଜ୍ୱଳନ୍ତ ଉଦାହରଣ ହେଉଛି ଆର.ଉଦୟଗିରି ଥାନାର ପୁଟୁରୁପଡା, ଟାଙ୍ଗଲି, ବେତରସିଂ, ପରିମଳ, ଦୟପୁରୁ, ସମ୍ବଲପୁର, ସୁନ୍ଦରଡାଙ୍ଗ, ଅନୁଗୁରୁ, କିରାମା, ପାରିଭେଟା, ବସ୍ତିରିଗୁଡା, ବାଦପୁର, ସୁରିଖିମ୍ବାର, ଅନ୍ତଲି, ରଙ୍ଗମାଟି, ଶରଳାପଦର, କେରେଡାଙ୍ଗ ଓ ଅତରସିଂ ଗ୍ରାମ ଏବଂ ନୂଆଗଡ଼ ବ୍ଲକର ତାବରଡା, ଲିଅବ, ଘୋଡାକୋଣ, ପି. ଅନ୍ତରଡା ପ୍ରଭୃତି ଗ୍ରାମଗୁଡିକର ଲୋକେ ରନ୍ଧନଗ୍ୟାସ କ'ଣ ଜାଣିନାହାନ୍ତି। ଏହି ଯୋଜନା ଗ୍ରାମଗୁଡ଼ିକରେ ପହଞ୍ଚି ପାରୁନି ବୋଲି ଲୋକେ କହୁଛନ୍ତି। ସେହିପରି ପାରିଭେଟା ଓ ରଙ୍ଗମାଟି ଗ୍ରାମରେ ପ୍ରାୟ ୬୦ରୁ ଅଧିକ ପରିବାର ଠକାମିର ଶିକାର ହୋଇଛନ୍ତି। ଦୁର୍ଗମାଞ୍ଚଳରେ ଏବେ ମଧ୍ୟ କାଠଚୁଲି ଉପରେ ନିର୍ଭର କରୁଛନ୍ତି ମହିଳା। ନୂଆଗଡ଼ ଓ ଆର.ଉଦୟଗିରିରେ କୌଣସି ଡିପୋ ନ ଥିବାରୁ ଏଠାକାର ଡିଲରମାନେ ପାରଳାଖେମୁଣ୍ଡି, ଗଣ୍ଡାହାତି ଓ କାଶୀନଗର ଅଞ୍ଚଳରେ ଥିବା ଡିପୋରୁ ଗ୍ୟାସ ଚଢାଦରରେ ବିକ୍ରି କରନ୍ତି। ନୂଆଗଡ଼ ଓ ଆର.ଉଦୟଗିରି ଗ୍ରାମରେ ଗ୍ୟାସ ଡିପୋ କରାଗଲେ ଅଞ୍ଚଳର ଲୋକମାନେ ଠକାମିରୁ ରକ୍ଷା ପାଇପାରନ୍ତେ ବୋଲି ଦାବି ହେଉଛି।

# ମିଳୁନି କୁକୁର କାମୁଡ଼ା ଇଞ୍ଜେକ୍ସନ

## ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ରସୁଲପୁର, ୧।୧୨ (ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି କୁକୁର କାମୁଡ଼ା ଇଞ୍ଜେକ୍ସନ। ଫଳରେ ଏଠାକୁ ଆସୁଥିବା ରୋଗୀଙ୍କୁ ଯାଜପୁରରୋଡ୍ କ୍ଷେତ୍ରୀୟ ଡାକ୍ତରଖାନା ଓ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ଯିବାକୁ ପଡୁଛି, ଯଦ୍ୱାରା ରୋଗୀ ନାନା ହଇରାଣହରକତ ହେବା ସହ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ରୋଗୀଙ୍କୁ ଏଭଳି ଦଶା ଭୋଗିବାକୁ ପଡୁଛି ବୋଲି ଉକ୍ତ ବ୍ଲକ୍ ଅଧୀନ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମର ପରମେଶ୍ୱର ସାହୁ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି, ତାଙ୍କ ସାନ ଭାଇ ରମେଶ ସାହୁଙ୍କ ପୁଅ ସାଇ ଶିବମ୍ ମଙ୍ଗଳବାର ଅପରାହ୍ନରେ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ତାଙ୍କୁ କୁକୁର କାମୁଡ଼ି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିବା ସହ ପ୍ରତିଷେଧକ ସତର୍କତା ପାଇଁ ଇଞ୍ଜେକ୍ସନ ଦେଇଥିଲେ। ବୁଧବାର ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଡାକ୍ତରଖାନାରେ ଉପସ୍ଥିତ ରହି କୁକୁର କାମୁଡ଼ା ଇଞ୍ଜେକ୍ସନ ନେବାକୁ ପରାମର୍ଶ ଦେଇଥିଲେ। ପରଦିନ ନିର୍ଦ୍ଧାରିତ ସମୟରେ ରୋଗୀଙ୍କୁ ନେଇ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଲାବେଳକୁ ଇଞ୍ଜେକ୍ସନ ନାହିଁ ବୋଲି ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ସୂଚନା ଦେଇଥିଲେ। ଏନେଇ ରୋଗୀଙ୍କ ପରିବାର ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ମାତ୍ର ଇଞ୍ଜେକ୍ସନ ମହଜୁଦ ନାହିଁ, ଆସିଲେ ଦିଆଯିବ ବୋଲି କର୍ତ୍ତୃପକ୍ଷ କହିଥିଲେ। ନିୟମମୁତାବକ କୁକୁର କାମୁଡ଼ିବାର ୨୪ ଘଣ୍ଟା ମଧ୍ୟରେ ରୋଗୀଙ୍କୁ ଜଳାତଙ୍କ ଇଞ୍ଜେକ୍ସନ ଦେବାକୁ ପଡ଼ିଥାଏ, ଯାହାକୁ ଶୂନ୍ୟ ଡୋଜ୍ ବୋଲି କୁହାଯାଇଥାଏ। ଏହିଭଳି ଭାବରେ ଜଣେ ରୋଗୀକୁ ୦୩, ୦୭, ୨୮ ଦିନରେ କ୍ରମାନ୍ୱୟରେ ୪ଟି ଡୋଜ ଇଞ୍ଜେକ୍ସନ ନେବାକୁ ପଡ଼େ। ତେଣୁ ଏହି ଇଞ୍ଜେକ୍ସନ ଅଭାବରୁ କୌଣସି ରୋଗୀ ଜଳାତଙ୍କ ରୋଗରେ ଆକ୍ରାନ୍ତ ନ ହେଉ ସେଥିଲାଗି ଇଞ୍ଜେକ୍ସନକୁ ବ୍ଲକସ୍ତର ଡାକ୍ତରଖାନାରେ ଉପଲବ୍ଧ କରାଯାଉଛି। ଏ ଦିଗରେ ବ୍ୟତୀକ୍ରମ ନ ଘଟିବାକୁ ଗୁରୁତ୍ୱ ଦିଆଯାଇ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ଦ୍ଧାରିତ ନିର୍ଘଣ୍ଟ ମଧ୍ୟରେ ଇଞ୍ଜେକ୍ସନ ଦିଆଯାଇଥାଏ। ମାତ୍ର ଏଠାରେ ଇଞ୍ଜେକ୍ସନ ନ ମିଳିବାରୁ ଅଭିଭାବକ ପିଲାଟିକୁ ନେଇ ଯାଜପୁରରୋଡ୍‌ସ୍ଥିତ କ୍ଷେତ୍ରୀୟ ଡାକ୍ତରଖାନାରେ ଜଳାତଙ୍କ ଇଞ୍ଜେକ୍ସନ ଦେଇଥିବା ସୂଚନା ମିଳିଛି। କେବଳ ଏହି ଜଣେ ରୋଗୀ ନୁହେଁ ଅନେକ ରୋଗୀ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ କରଙ୍କୁ ପଚାରିବାରୁ ସେ ଇଞ୍ଜେକ୍ସନ ଷ୍ଟକ୍ ସରି ଯାଇଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। ତେବେ ସରିବା ପୂର୍ବରୁ ଷ୍ଟକ୍ ଆସିଯିବା କଥା। ମାତ୍ର ଷ୍ଟକ୍ ଯାଞ୍ଚ ସହ ଏ ଦିଗରେ ଜିଲାକୁ ଅବଗତ କରାଇ ଇଞ୍ଜେକ୍ସନ ଆଣି ମହଜୁଦ୍ ରଖିବା ଆବଶ୍ୟକତା ରହିଛି। ଏଥିରେ କେଉଁଠି ତ୍ରୁଟି ରହିଛି ତାକୁ ଅନୁଧ୍ୟାନ କରିବେ। ସମ୍ପୃକ୍ତ ରୋଗୀ ଗୋଟିଏ ଡୋଜ ଇଞ୍ଜେକ୍ସନ ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇଛନ୍ତି। ଅନ୍ୟ ୩ଟି ଡୋଜ୍ ଏହି ଡାକ୍ତରଖାନାରୁ ନେଇପାରିବେ ବୋଲି ସେ ସୂଚନା ଦେଇଛନ୍ତି।

# ଆଶାକର୍ମୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ରସୁଲପୁର, ୧।୧୨ (ଡି.ଏନ.ଏ.)**

ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୨୬ ଉପସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୧୬୭ଜଣ ଆଶାକର୍ମୀ ୭ଦଫା ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁରୁବାରଠାରୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ନିଜ ଅଞ୍ଚଳର ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବିପୂରଣ ନହେବା ପର୍ଯ୍ୟନ୍ତ କର୍ମୀମାନେ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଆଶାକର୍ମୀଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ସ୍ଥାୟୀ କରିବା, ସରକାରୀ ଚାକରି ମାନ୍ୟତା, ମାସିକ ୧୮ହଜାର ଟଙ୍କା ବେତନ, ଇଏସଆଇ.ସିରେ ସାମିଲ, ଗ୍ରାଚ୍ୟୁଇଟି ପ୍ରଦାନ, ଅବସରପ୍ରାପ୍ତ କର୍ମୀଙ୍କୁ ଏକକାଳୀନ ୫ଲକ୍ଷ ସହାୟତା, ୫ହଜାର ଟଙ୍କା ଭତ୍ତା ପ୍ରଦାନ ଓ ମୃତ୍ୟୁ କାଳୀନ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ଆଦି ଦାବିରେ ସେମାନେ ଆନ୍ଦୋଳନ କରୁଛନ୍ତି। ତେବେ କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାରୁ ଶିଶୁ, ଗର୍ଭବତୀ, ପ୍ରସୂତିଙ୍କୁ ଟିକାକରଣ, ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ହାସଲ କରିବାରେ ବାଧା ଉପୁଜିବ ବୋଲି କୁହାଯାଉଛି।



ଆଶାକର୍ମୀମାନେ ଧାରଣାରେ ବସିଛନ୍ତି ।

# ଚଣ୍ଡିଖୋଲରେ ବିଶ୍ୱ ଏଡ୍‌ସ୍ ଦିବସ




ଏଡ୍‌ସ ସଚେତନତା ଶୋଭାଯାତ୍ରା ଚଣ୍ଡିଖୋଲ ବଜାର ପରିକ୍ରମା କରୁଛି।

**ଚଣ୍ଡିଖୋଲ, ୧।୧୨ (ଡି.ଏନ୍.ଏ.)**

ଚଣ୍ଡିଖୋଲସ୍ଥିତ ଉଦୀୟମାନଅନୁଷ୍ଠାନ ତରଫରୁ ବିଶ୍ୱ ଏଡ୍‌ସ୍ ଦିବସ ଚଣ୍ଡିଖୋଲଛକଠାରେ ଗୁରୁବାର ପାଳିତ ହୋଇଯାଇଛି। ଛକରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ଚଣ୍ଡିଖୋଲ ବଜାର ପରିକ୍ରମା କରିଥିଲା। ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ଅଜାମ୍ବର ମଲ୍ଲ, ରୋଟାରିଆନ ଚନ୍ଦନ କୁମାର ନାୟକ, ଆଇନଜୀବୀ ମନ୍ମଥ କୁମାର ପୃଷ୍ଟି, କ୍ୟାପ୍‌ଟେନ ଦିଲ୍ଲୀପ ନାୟକ, ଅଧ୍ୟାପକ ତୁହିନାଂଶୁ ରଥ, ସଲୀଳରାଜନନ୍ଦନ ମହାନ୍ତି, ଡ. ଦିଲ୍ଲୀପ କୁମାର ନାୟକ, ଡ. ସୁଧୀର କୁମାର ସାମଲ, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାସ, ପଣ୍ଡିତ ହିମାଂଶୁ ଶେଖର ପଣ୍ଡା ଓ ଆଇନଜୀବୀ ହେମନ୍ତ ମହାଲା ପ୍ରମୁଖ ଯୋଗଦେଇ ବିଭିନ୍ନ କାରଣ ପାଇଁ ଏଡ୍‌ସ ବ୍ୟାପୁଥିବା ଆଲୋଚନା ପ୍ରସଙ୍ଗରେ କହିଥିଲେ। ଏଥିପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ଅତିଥି ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଭାପତି ଅବିନାଶ ଜେନା ଓ ସମ୍ପାଦକ ଅନିଲ ଦାସ ପରିଚାଳନା କରିଥିଲେ। ଶୋଭାଯାତ୍ରାରେ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଜାତୀୟ ସେବା ଯୋଜନାର ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକମେଳା ପ୍ରସ୍ତୁତି

**ଯାଜପୁର ଟାଉନ, ୧।୧୨ (ଡି.ଏନ.ଏ.):**

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଯାଜପୁର ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏନେଇ ଗୁରୁବାର ଯାଜପୁର ଜିଲା ହାଇସ୍କୁଲ ପରିସରରେ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ସହଯୋଗରେ ମେଳାକୁ ଆକର୍ଷଣୀୟ କରିବା ନିମନ୍ତେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୁସ୍ତକ ପ୍ରକାଶକ, ବିକ୍ରେତାଙ୍କ ସହ ଯୋଗାଯୋଗ କରାଯାଇ ନିମନ୍ତ୍ରଣ ପାଇଁ କମିଟି ଗଠନ କରାଯାଇଛି। ପୁସ୍ତକ ମେଳାରେ ପୁସ୍ତକ ବିକ୍ରି ନମନ୍ତେ ଜିଲାର ସମସ୍ତ ସ୍କୁଲ, କଲେଜ ପାଠାଗାରାମାନଙ୍କ ସହ ଯୋଗାଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି। ବାଳାଶ୍ରମ ପଡ଼ିଆରେ ହେବାକୁଥିବା ପୁସ୍ତକମେଳା ସମୟରେ ବିଦ୍ୟୁତ ସେବା, ଶୌଚାଳୟ, ପିଇବା ପାଣିର ସୁ-ବନ୍ଦୋବସ୍ତ କରିବାକୁ କୁହାଯାଇଛି। ପୋଲିସ ପକ୍ଷରୁ ପୁସ୍ତକ ମେଳା ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ମେଳାର ପ୍ରଚାର ପ୍ରସାର ସହରର ବିଭିନ୍ନ ସ୍ଥାନରେ ହୋଡିଂ ଓ ବ୍ୟାନର ଲଗାଯିବ। ବୈଠକରେ ସଂସଦର ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର, ବିଭୂତି ମହାପାତ୍ର, ସୂର୍ଯ୍ୟମଣି ଖୁଣ୍ଟିଆ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ହୃଷୀକେଶ ପତି, ମନୋଜ କୁମାର ନାଥ, ଅଶୋକ କୁମାର ଦାଶ, ଅନିଲ ମହାନ୍ତି, ବିନୋଦ ନାୟକ, ପ୍ରଭାତ ମଲିକ, ଜିତେନ୍ଦ୍ର ବେହେରା, ପ୍ରଦୀପ ଦାସ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ଗୋପୀନାଥ ସେଠୀ, ଅବଦୁଲ ରଉଫ, ବିଜୟ ମହାପାତ୍ର, ଆନନ୍ଦ ଚନ୍ଦ୍ର ସାହୁ, ନକୁଳଦେବ ସାହୁ ପ୍ରମୁଖ ସଭ୍ୟ ଯୋଗଦେଇ ମତ ରଖିଥିଲେ।


## କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡା ସମେତ ଜଗତ୍‌ସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Bal-ance ଉପରେ ଦିଆଯାଏ ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen) ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ୍ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତ୍‌ସିଂହପୁର, ଯାଜପୁର ଟାଉନ, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୁଚାରୁରୂପେ କାର୍ଯ୍ୟ କରୁଅଛି ।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ-୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ-୯୪୩୭୧୮୩୧୯୯


# ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ

## ପ୍ରେମିକାଙ୍କ ଭାଇଙ୍କୁ ହତ୍ୟା ମାମଲା

**କାଳିଆପାଣି, ୧।୧୨ (ଡି.ଏନ.ଏ.):**

ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଟାଟା ବଜାରରେ ମଙ୍ଗଳବାର ଘଟିଥିବା ହତ୍ୟାକୁ ନେଇ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ହତ୍ୟା କାଣ୍ଡ ପରେ ବିଭିନ୍ନ ଦାବିରେ ବୁଧବାର ସ୍ଥାନୀୟ ଲୋକେ ଚମକା-ମଙ୍ଗଳପୁର ରାସ୍ତାରେ ଧାରଣା ଦେଇଥିଲେ। ପରେ ଉତ୍ତେଜନା ବଢ଼ିବା ସହ ହତ୍ୟା ଅଭିଯୁକ୍ତଙ୍କ ଟ୍ରକରେ ଲୋକେ ନିଆଁ ଲଗାଇ ଦେବା ସହିତ ତାଙ୍କ ଘର ଭଙ୍ଗା ରୁଜା କରିଥିଲେ। ତେଣୁ ଆଗକୁ ଯେଭଳି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବ ସେଥିପ୍ରତି ଦୃଷ୍ଟି ଦେଇ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଘଟଣାସ୍ଥଳରେ ଫୋର୍ସ ମୁତୟନ କରାଇଛନ୍ତି। ସୂଚନା ଥାଉକି, ଉକ୍ତ ଥାନା ଅଧୀନ ବାମ୍ଫିଲୋ ଗ୍ରାମର ସନ୍ତୋଷ ମହାପାତ୍ର ଟାଟା ବଜାରରେ ଦୋକାନ କରି ୨ ପୁଅଙ୍କ ସହ ବ୍ୟବସାୟ କରୁଥିଲେ। ସନ୍ତୋଷଙ୍କ ପରିବାର ମଧ୍ୟ ଟାଟା ବଜାର ହଟିଂରେ ରହୁଥିଲେ। ତେବେ ସେହିଠାରେ ରାସୋଳ ଗ୍ରାମର ବୀରେନ ସାମଲ(ଶାନ୍ତନୁ) ମଧ୍ୟ ରହୁଥିଲା। ବୀରେନଙ୍କ ଦୀର୍ଘଦିନ ହେବ ସନ୍ତୋଷଙ୍କ ସାନ ଝିଅଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କ ପ୍ରେମକୁ ସନ୍ତୋଷଙ୍କ ପରିବାର ବିରୋଧ କରୁଥିଲେ। ଫଳରେ ଏହାକୁ ନେଇ ମଝିରେ ବୀରେନ ସହ ସନ୍ତୋଷଙ୍କ ବଡ଼ପୁଅ କାହ୍ନୁଙ୍କ ଝଗଡ଼ା ହେଉଥିଲା। ତେଣୁ ମଙ୍ଗଳବାର ପୂର୍ବ ଶତ୍ରୁତାରୁ ବୀରେନ ଖଣ୍ଡାରେ ହାଣି କାହ୍ନୁଙ୍କୁ ହତ୍ୟା କରିଥିଲେ।


GOVERNMENT OF ODISHA
## OFFICE OF THE PANCHAYAT SAMITI, TITILAGARH
INVITATION FOR BIDS
(Email ID: ori-titilagarh@nic.in)

Letter No. 3312 Date: 01.12.2022

**DETAILES TENDER CALL NOTICE No. 06/TIG/22-23**

The **Block Development Officer, Titilagarh** on behalf of Governor of Odisha invites **Percentage Rate Bids in Single Cover** system in conformity with Detail Tender Call Notice No. 06/22-23 of Panchayat Samiti, Titilagarh, Dated: 02.12.2022 to be eventually drawn up in State level contract for the supply and installation of the detail given in the table.
The bidders may submit bids for the following works.

| Sl. No. | Name of Work | Approximate Value of Work | Class of Contractor | Concerned Office with Head Qrs. | Cost of Document (Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Supply of Desktop Computer for 10 Nos. of High School under 5T | 100 units × Rs.43,000 = Rs.43,00,000.00 | Registered Supplier/ Firm | Panchayat Samiti, Titilagarh | 7080/- | 03 Months |

**TERMS & CONDITIONS:**

1. The sale and receipt of the Bid document shall start from **Dt.02.12.2022 to 5 P.M. of Dt.15.12.2022** during office hour in **Panchayat Samiti Office, Titilagarh and Zilla Parishad (DRDA), Balangir on office hours.** Bid documents can be downloaded from official website of Government of Odisha **(http://www.balangir.nic.in)**.
2. Bid must be sealed properly and dropped in the tender box having mentioned as Tender Call Notice No. 06/TIG/22-23 in **Panchayat Samiti Office, Titilagarh and Zilla Parishad (DRDA), Balangir. Non-receipt of the tender paper on the mentioned time frame will not be entertained.**
3. The bids will be opened on the **Dt.16.12.2022 at 11.30 A.M.** in the office of the undersinged in the presence of the members of tender committee of Panchayat Samiti Office, Titilagarh, bidders or their authorized agents who wish to attend at the Conference Hall of **Panchayat Samiti Office, Titilagarh**.
4. Any addendum/corrigendum/cancellation of above tender will be displayed in notice board & published in the website **(http://www.balangir.nic.in)** only.

**Sd./- Block Development Officer, Titilagarh Block**



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 40/ET/SBP/ENGG/2022-23 ତା. 28.11.2022 ରିଖ

**1) ଇ-ଟେଣ୍ଡର ସଂ. 33-eT-DENC-SBP-22**
**କାର୍ଯ୍ୟର ନାମ :** ସମ୍ବଲପୁରରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ବିଲ୍ଡିଙ୍ଗରେ ତୃତୀୟ ମହଲା ନିମନ୍ତେ କନକୋର୍ସ ଏରିଆ ସହିତ ୱିଙ୍ଗ୍-1 ଏବଂ ସେଣ୍ଟ୍ରାଲ ପୋର୍ସନର ବ୍ୟବସ୍ଥା ନିମନ୍ତେ ସିଭିଲ ଇଂଜିନିୟରିଙ୍ଗ୍ କାର୍ଯ୍ୟ ସମୂହ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,69,82,384.25/-, EMD (ଟଙ୍କାରେ): 2,35,000/-

**2) ଇ-ଟେଣ୍ଡର ସଂ. 36-eT-DENC-SBP-22**
**କାର୍ଯ୍ୟର ନାମ :** ସାଟେଲାଇଟ୍ ଡିପୋ, ବଲାଙ୍ଗୀର ଷ୍ଟେସନଠାରେ ଟ୍ରାକ୍ ମେସିନ୍ କର୍ମଚାରୀଙ୍କ ନିମନ୍ତେ ବିଶ୍ରାମ ଗୃହର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 50,47,643.27, EMD (ଟଙ୍କାରେ): 1,01,000/-

**3) ଇ-ଟେଣ୍ଡର ସଂ. 37-eT-DENC-SBP-22**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ପରିସୀମା ଅଧୀନସ୍ଥ ଡୁଙ୍ଗୁରିପାଲି (In)-ଦେଓଗାଁ ରୋଡ୍ (In) ସେକ୍ସନ ଏବଂ ବଲାଙ୍ଗୀର-ବିଚ୍ଛୁପାଲି ସେକ୍ସନରେ ବିବିଧ P.Way ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୂହ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,17,03,507.20, EMD (ଟଙ୍କାରେ): 2,08,600/-

**କାର୍ଯ୍ୟ ଶେଷ ହେବା ଅବଧି :** 12 (ବାର) ମାସ (କ୍ର.ସଂ. 1 ଏବଂ 3 ନିମନ୍ତେ), 06 (ଛଅ) ମାସ (କ୍ର.ସଂ. 2 ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.21.12.2022ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-764/N/22-23



## କେନ୍ଦ୍ରାପଡ଼ା ପୌରପାଳିକା, କେନ୍ଦ୍ରାପଡ଼ା

**ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ**

ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରସଂସ୍ଥା ଆପଣଙ୍କୁ ପବିତ୍ର ୨୦୨୨ ଉପଲକ୍ଷେ ଅଭିନନ୍ଦନ ଜଣାଉଛି । କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବାପାଇଁ ପୌରସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡିକର ଉନ୍ନତି ନିମନ୍ତେ ସହଯୋଗ କାମନା କରୁଅଛୁ ।

୧. ୧ କୋଟି ଟଙ୍କା ବ୍ୟୟରେ ତିନିମୁହାଣିଠାରେ Smart Park ନିର୍ମାଣ କାର୍ଯ୍ୟ ଚାଲୁଅଛି ।
୨. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ଅଯୋଧ୍ୟାନଗରସ୍ଥିତ Blind School ପ୍ରାଙ୍ଗଣରେ ଏକ Sensory Park ନିର୍ମାଣ କାର୍ଯ୍ୟ ଶେଷ ହୋଇ ଏହାକୁ ସହରର ଦିବ୍ୟାଙ୍ଗ ପିଲାମାନଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି ।
୩. ୧ କୋଟି ଟଙ୍କା ବ୍ୟୟରେ ସହରର ରଣପଡାଠାରେ ଥିବା ହିନ୍ଦୁ ଶ୍ମଶାନକୁ Smart Cremation ଭାବେ ଉନ୍ନତୀକରଣ କରାଯାଉଅଛି ।
୪. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ରଣପଡାଠାରେ ଥିବା ମୁସଲମାନ ସମ୍ପ୍ରଦାୟଙ୍କ Kabarstanକୁ ଉନ୍ନତୀକରଣ କାର୍ଯ୍ୟ ଚାଲୁଅଛି ।
୫. ୧ କୋଟି ଟଙ୍କା ବ୍ୟୟରେ ସହରର Govt. High School ପଡ଼ିଆର ଉନ୍ନତୀକରଣ ସହିତ Galleryର ବ୍ୟବସ୍ଥା କରାଯାଇଅଛି ।
୬. ୫୦ ଲକ୍ଷ ଟଙ୍କା ବ୍ୟୟରେ ଗୋପବନ୍ଧୁ ଲାଇବ୍ରେରି ନିର୍ମାଣ କରାଯାଇ ଏହାକୁ ସାଧାରଣ ଜନତାଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି ।
୭. ୫୦ ଲକ୍ଷ ଟଙ୍କା ବ୍ୟୟରେ GYM ସେଣ୍ଟର କରାଯାଇ ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି ।
୮. ୧ କୋଟି ଟଙ୍କା ବ୍ୟୟରେ ଫକିରାବାଦ ମସ୍‌ଜିଦ ନିକଟରେ ଯାତ୍ରୀନିବାସର ନିର୍ମାଣ କାର୍ଯ୍ୟ ଚାଲୁଅଛି ।

ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ପୌରପାଳିକା
ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା
ଆକବରୀ ଖାତୁନ, ଉପାଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା



## ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

ଜିଲ୍ଲାବାସୀ, ଚାଷୀଭାଇ ଓ ବ୍ୟବସାୟୀ ତଥା ଖାଉଟି ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କମିଟିର ସମସ୍ତ ସଫଳତା ଓ ଆଗାମୀ ଦିନର ଲକ୍ଷ୍ୟ ପୂରଣ ନିମନ୍ତେ ସଦିଚ୍ଛା ଓ ସହଯୋଗ କାମନା କରୁଅଛି ।

୧. ଓଡ଼ିଶା ରାଜ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ଆଇନ ୧୯୫୬ ଅନୁଯାୟୀ, ୧୯୭୯ ମସିହାରେ କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଅଛି । ଏହା ଚାଷୀ ଭାଇମାନଙ୍କର କୃଷିଜାତ ଦ୍ରବ୍ୟର ବିକ୍ରିବଟାର ସୁବ୍ୟବସ୍ଥା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଜାର ପ୍ରାଙ୍ଗଣମାନ ନିର୍ମାଣ କରି ଚାଷୀଭାଇମାନଙ୍କୁ ସୁବିଧା ଓ ସୁଯୋଗମାନ ଯୋଗାଇ ଦେଉଅଛି । ଫଳରେ ଜିଲ୍ଲାର ଅଗଣିତ ଚାଷୀଭାଇ ଓ ଖାଉଟିମାନେ ଉପକୃତ ହେଉଛନ୍ତି ।
୨. କେନ୍ଦ୍ରାପଡ଼ା ଜିଲ୍ଲାର ଜମଧରଠାରେ କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରାଯାଇଅଛି । ଏଠାରେ ଗତ ୧୮ ବର୍ଷଠାରୁ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷୀଭାଇମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯାଇ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଉଅଛି ।
୩. କମିଟି ଅଧୀନରେ ଥିବା ୬ ଗୋଟି ଅର୍ଦ୍ଧ ସାପ୍ତାହିକ ପରିବା ହାଟ ଯଥା- ପଟ୍ଟାମୁଣ୍ଡାଇ, ଚାନ୍ଦୋଳ, ଛତା, ମାର୍ଶାଘାଇ, ଇନ୍ଦୁପୁର ଓ ରାଜନଗରଠାରେ କମିଟି ତରଫରୁ ଖୋଲାପିଣ୍ଡି, ଛାତପିଣ୍ଡି, ଛୋଟ ଗୋଦାମ ଗୃହ ଓ ଦୋକାନ ଗୃହମାନ ସ୍ଥାପନ କରାଯିବା ସହିତ ଚାଷୀଭାଇ ଓ ଖାଉଟିମାନଙ୍କର ବିକ୍ରିବଟା ପାଇଁ ବିଜୁଳି ଆଲୋକ ଓ ଜଳ ଯୋଗାଣର ମଧ୍ୟ ସୁବ୍ୟବସ୍ଥା କରାଯାଇଅଛି ।
୪. ୫(କ) ନମ୍ବର ଜାତୀୟ ରାଜପଥ, କେନ୍ଦ୍ରାପଡ଼ା ସହର ସନ୍ନିକଟ ଗୋପଛକଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇ ଚାଷୀଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି । ଚଳିତ ୨୦୨୦-୨୧ (ବିପଣନ) ବର୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ଭାଇମାନଙ୍କ ନିମନ୍ତେ ଘାଗରା ପଞ୍ଚାୟତଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇଅଛି ।
୫. ଛତାହାଟଠାରେ ୨୦୦୧ ମସିହାଠାରୁ କୃଷକ ବଜାର ସ୍ଥାପନ କରାଯାଇ କୃଷକ ଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି ।

ଅମର କୁମାର ନାୟକ, ଭାରପ୍ରାପ୍ତ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା
ଶ୍ରୀ ନିରଞ୍ଜନ ବେହେରା (ଓ.ପ୍ର.ସେ.-୧), ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା ଓ ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India undertaking
आन्ध्रा Andhra कार्पोरेशन Corporation

**ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank**

## ବିକ୍ରୟ ନୋଟିସ
**ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍ଏ, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଲ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ, ଠିକଣା- ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ- ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍. କେ. ଘୋଷ | ୧. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜଙ୍କ ନାମରେ ୧୨୫୦ ବର୍ଗଫୁଟ ପରିମାପର ଫ୍ଲାଟ୍ ନଂ. ଏଫ୍-୧୦୨, ପ୍ରଥମ ମହଲା, ଟାୱାର ନଂ. ଏଫ୍ ''ଗ୍ରାଣ୍ଡ ସାଭାନା'' ରାଜ ନଗର ଏକ୍ସଟେନ୍ସନ୍, ଏନ୍‌ଏଚ୍-୫୮, ଗ୍ରାମ- ନୁର ନଗର, ପରଗଣା ଲୋନୀ, ତହସିଲ ଓ ଜିଲ୍ଲା - ଗାଜିଆବାଦ, ୟୁପି । ଚଉହଦୀ: ପୂର୍ବ - ଫ୍ଲାଟ୍‌ର ପ୍ରବେଶ ପଥ/ସାଧାରଣ କରିଡର, ପଶ୍ଚିମ- ଅନ୍ୟ ଫ୍ଲାଟ୍, ଉତ୍ତର - ଖୋଲା ଜାଗା/ରାସ୍ତା ଆଗକୁ ପାର୍କ, ଦକ୍ଷିଣ- ଫ୍ଲାଟ୍ ନଂ. ଏଫ୍-୧୦୧ | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩୬.୦୦ ଲକ୍ଷ / ଟ.୩.୬୦ ଲକ୍ଷ / ଟ.୦.୫୦ ଲକ୍ଷ | ୨୧।୧୨।୨୦୨୨ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |
| | ୨. ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | | | ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୦.୫୦ ଲକ୍ଷ | | |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|---|
| ଗୋଡ଼ିପୁଟ ମାଟିଆପଡ଼ା | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | | ମୋଟ | ଏ.୨.୮୪୭ଡେସି. ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | | |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp — ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
- ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspx ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
- ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦

ତାରିଖ: ୦୧।୧୨।୨୦୨୨, ସ୍ଥାନ: ନୂଆଦିଲ୍ଲୀ
ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ‘ସଚେତନ ହୁଅ, ଏଡ୍‌ସ ହଟାଅ’






ପଟ୍ଟାମୁଣ୍ଡାଇ କଲେଜ ଓ ସବ୍‌ଡିଭିଜନ ହସ୍ପିଟାଲ ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା ।

ପଟ୍ଟାମୁଣ୍ଡାଇ,୧।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ଓ ରମା ଦେବୀ ନର୍ସି କଲେଜ ପକ୍ଷରୁ ମିଳିତ ଭାବେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି । ଏହି ଉପଲକ୍ଷେ ସବ୍‌ଡିଭିଜନ ହସ୍ପିଟାଲର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡାଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏଥିରେ ରମାଦେବୀ ନର୍ସି କଲେଜର ଛାତ୍ରୀଛାତ୍ରୀମାନେ ଭାଗ ନେଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ଏଡ୍‌ସ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଏହି ଶୋଭାଯାତ୍ରାରେ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ନୃସିଂହ ଚରଣ ଦାସ, ବିପିଏମ୍ ପ୍ରଶାନ୍ତ କୁମାର ଜେନା, ବିଏଏମ ସୟ କୁମାର ଦାସ, ଦୀପକ ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

ସେହିପରି ପଟ୍ଟାମୁଣ୍ଡାଇ କଲେଜରେ ଏନ୍‌ସିସି, ରେଡ୍‌କ୍ରସ ଓ ଏନଏସ୍‌ଏସ୍ ପକ୍ଷରୁ ସଭା ଓ ଜନସଚେତନତା ଶୋଭା ଯାତ୍ରା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷା ପ୍ରଫେସର ଡ଼. ପ୍ରେମଲତା ରାଉତ ଉଦ୍‌ଘାଟନ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ଏନ୍‌ସିସି ଅଫିସର କ୍ୟାପଟେନ ପ୍ରାଧ୍ୟାପକ ମନୋଜ ପରିଡା,ଅଧ୍ୟାପିକା ଆରଏନ୍‌ଏମ୍ ମଧୁସ୍ମିତା ପରିଡା, ଏନଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଯୁବରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ସରୋଜ ନାୟକଙ୍କ ନେତୃତ୍ୱରେ କଲେଜର ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିବା ସହିତ ଜନସଚେତନତା ସୃଷ୍ଟି କରିଥିଲେ । ଏହି ଶୋଭାଯାତ୍ରାରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

## ଟେଲିଫୋନ ଏକ୍ସଚେଞ୍ଜରୁ ଚୋରି: ଥାନାରେ ଏତଲା

ପଟ୍ଟାମୁଣ୍ଡାଇ, ୧।୧୨ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଣ୍ଡରା ଟେଲିଫୋନ ଏକ୍ସଚେଞ୍ଜ ଅଫିସରୁ ଚୋରି ହେଇଛି । ବୁଧବାର ସକାଳେ ଟେଲିଫୋନ ଏକ୍ସଚେଞ୍ଜରେ କାର୍ଯ୍ୟରତ ଠିକା କର୍ମଚାରୀ ମାନସ ରଞ୍ଜନ ସାମଲ ଏକ୍ସଚେଞ୍ଜକୁ ଯାଇ ବହୁ ମୂଲ୍ୟବାନ ଯନ୍ତ୍ରାଂଶ ଚୋରି ଯାଇଥିବା ଜାଣିବାକୁ ପାଇଥିଲେ । ଦୁର୍ବୃତ୍ତମାନେ ମେନ ଗେଟ ଓ ଶଟର ତାଲା ଭାଙ୍ଗି ଏକ୍ସଚେଞ୍ଜ ମଧ୍ୟରେ ପ୍ରବେଶ କରି ଯନ୍ତ୍ରାଂଶଗୁଡ଼ିକ ଚୋରି କରିଥିଲେ । ଚୋରି ଯନ୍ତ୍ରାଂଶ ମଧ୍ୟରେ ୨୪ ସେଲ ବିଶିଷ୍ଟ ବ୍ୟାଟେରୀ, ଡିଜି ବ୍ୟାଟେରୀ ଓ ଟିଓ୍ୱାଇଫାଇ ବ୍ୟାଟେରୀ ରହିଛି । ଏ ସମ୍ପର୍କରେ ଟେଲିଫୋନ ଏକ୍ସଚେଞ୍ଜର କର୍ମଚାରୀ ସାମଲ ପଟ୍ଟାମୁଣ୍ଡାଇ ଟେଲିଫୋନ ଏକ୍ସଚେଞ୍ଜର ଜୁନିୟର ଟେଲିକମ ଅଫିସରଙ୍କୁ ଟେଲିଫୋନ ଯୋଗେ ଜଣାଇଥିଲେ । ପଟ୍ଟାମୁଣ୍ଡାଇ ଟେଲିଫୋନ ଏକ୍ସଚେଞ୍ଜର ଜୁନିଅର ଟେଲିକମ ଅଫିସର ଥାନାରେ ଚୋରି ସମ୍ପର୍କରେ ଲିଖିତ ଏତଲା ଦେଇଥିଲେ । ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ମାର୍ଶାଘାଇ,୧।୧୨(ଡି.ଏନ୍.ଏ.)

ବୁଧବାର ବିଳମ୍ବିତ ରାତିରେ ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ନୀଳାଚଳ ବଜାର ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଗତସିଂହପୁର ଜିଲ୍ଲା ଅଭୟଚାନ୍ଦପୁର ଥାନା ଡ଼ିଙ୍କିଆ ଗ୍ରାମର ନିଲୁ ଦାସ (୧୯)ଙ୍କ ମୃତ୍ୟୁ ଘଟିଛି । ନିଲୁ ଏକ ପିକ୍‌ଅପ୍ ଗାଡ଼ିରେ ହେଲପର ଭାବେ କାମ କରୁଥିଲେ । ଗାଡ଼ି ଚାଳକ ଓ ନିଲୁ ବାଲିଚନ୍ଦ୍ରପୁରକୁ ଏକ ଟେଣ୍ଟ ବନ୍ଧା କାମରେ ଯାଇଥିଲେ । କାମ ସାରି ଦୁହେଁ ବିଳମ୍ବିତ ରାତିରେ ଗ୍ରାମକୁ ଫେରୁଥିବା ସମୟରେ ନୀଳାଚଳ ବଜାର ନିକଟରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ତାଙ୍କ ପିକ୍‌ଅପ୍ ଗାଡ଼ି ପିଟି ହୋଇଯାଇଥିଲା । ଫଳରେ ଘଟଣା ସ୍ଥଳରେ ନିଲୁଙ୍କ ମୃତ୍ୟୁ ଘଟିଥିଲା । ଚାଳକ ଆହତ ହୋଇଥିଲେ । ମାର୍ଶାଘାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୪୬୩/୨୨) ରୁଜୁ ହୋଇଛି । ପୋଲିସ ତଦନ୍ତ ଜାରି ରଖିଛି ।



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

ଆଳି,୧।୧୨(ଡି.ଏନ୍.ଏ.)

ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶରତ କୁମାର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମିନତୀ ବାରିକ,ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଜିଲା ପ୍ରମୁଖ କପିଳ ଚନ୍ଦ୍ର ମିଶ୍ର,ସମ୍ମାନୀୟ ଅତିଥି ଭାବେ ଚଣ୍ଡିଆଗାଡି ସରପଞ୍ଚ ସନାତନ ସାହୁ, ଯୁବନେତା ସୁମନ୍ତ ରାଉତ ଯୋଗଦେଇ ଛାତ୍ରୀଛାତ୍ର ଏକ ଲକ୍ଷ୍ୟ ନେଇ ପରିଶ୍ରମ କଲେ ସଫଳତା ପାଇ ପାରିବେ ବୋଲି କହିଥିଲେ । ଶିଶୁ ମନ୍ଦିରର ସମ୍ପାଦକ ଅନାଦି ଚରଣ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ମନୋଜ କୁମାର ସାହୁ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ବାଲବର୍ଗ, ଶିଶୁବର୍ଗ ଓ କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଚାମ୍ପିୟନ ହୋଇଥିବା ବାଲବର୍ଗର ଅଭିଷେକ ଦାଶ,ଆୟୁସା ଦାଶ,ଶିଶୁ ବର୍ଗରେ ଅନିମେଷ ପାତ୍ର, ଅନନ୍ୟା ନାୟକ, କନିଷ୍ଠ ବିଭାଗରେ ସ୍ମୃତି ଲେଙ୍କାଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ । ଶେଷରେ କୁନିକୁନି ପିଲାମାନେ ସମ୍ବଲପୁରୀ, ଦାସକାଠିଆ,ନାଟିକା ଆଦି ପରିବେଷଣ କରିଥିଲେ ।

## ଗୋସିଗାଁରେ ସ୍ୱାମୀ ନିଗମାନନ୍ଦ ଦେବଙ୍କ ନୂତନ ଆସନ ମନ୍ଦିର ପ୍ରତିଷ୍ଠା

ରାଜନଗର, ୧।୧୨(ଡି.ଏନ.ଏ.)

ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ସ୍ୱହସ୍ତ ପ୍ରତିଷ୍ଠିତ ନୀଳାଞ୍ଚଳ ସାରସ୍ୱତ ସଂଘ ଅନ୍ତର୍ଗତ ରାଜନଗର ସାରସ୍ୱତ ସଂଘର ନୂତନ ଆସନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜନଗର ବ୍ଲକ ମୁଖଶାଳା ଆଧାତ୍ମିକ କ୍ଷେତ୍ର ଗୋସିଗାଁଠାରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି । ଏଥିରେ ନୀଳାଞ୍ଚଳ ସାରସ୍ୱତ ସଂଘର ପରିଚାଳନା ଶରତ ଚନ୍ଦ୍ର ସିଂଦେଓ ପରିଚାଳନା କରିଥିଲେ । ପରିଚାଳନା ମଣ୍ଡଳୀର ସମ୍ପାଦକ ନରେଶ ଚନ୍ଦ୍ର ପତି, ସହସମ୍ପାଦକ କାନନ ବିହାରୀ ସାହୁ, କେନ୍ଦ୍ର ପରାମର୍ଶଦାତା ମଣ୍ଡଳୀର ସମ୍ପାଦକ ସଂଗ୍ରାମ କେଶରୀ ମଲ୍ଲିକ, ଜିଲା ସଭାପତି ବିଜୟ କୁମାର ପରିଡା, ରାଜନଗର ଆଞ୍ଚଳିକ ସଂଘର ସଭାପତି ଯୁଧିଷ୍ଠିର ସାହାଣୀ, ସମ୍ପାଦକ ଶରତ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ରାଜନଗର ଶାଖା ସଂଘର ସଭାପତି ବାବାଜୀ ଚରଣ ରାଉତ, ସମ୍ପାଦକ ନକୁଳ ଚନ୍ଦ୍ର ପଢିହାରୀ, ସଭ୍ୟ ଚନ୍ଦ୍ରମଣି ରାଉତ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ ।

## ନବନିର୍ମାଣ କୃଷକ ସଙ୍ଗଠନର ବୈଠକ



ଆୟୋଜିତ ବୈଠକରେ ନବ ନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ।

ଆଳି,୧।୧୨(ଡି.ଏନ.ଏ.)

ଆଳି ଧୋୟାଞ୍ଚଳର ଚାଷୀମାନଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଗଠିତ ହୋଇଥିବା ନବ ନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ କେତୁଆପାଳ ଉଗ୍ରତରା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଚାଷ ଓ ଚାଷୀର ଉନ୍ନତି ନିମନ୍ତେ କେତୁଆପାଳର ପୂର୍ବତନ ସରପଞ୍ଚ ରଶ୍ମିତା ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କେତୁଆପାଳ, ଦେସାହି, ଏରଡଙ୍ଗ, ପାଳିମୀ, ଗୋବିନ୍ଦପୁର ଅଞ୍ଚଳର ଶତାଧିକ ମହିଳା ପୁରୁଷ ଚାଷୀ ଯୋଗ ଦେଇଥିଲେ । ଏହି ବୈଠକରେ ରାଜ୍ୟ ସରକାରଙ୍କ କୃଷି ବିଭାଗ ଅଞ୍ଚଳର ଚାଷୀମାନଙ୍କ ପ୍ରତି ଅବହେଳା କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ବନ୍ୟା ହେଲେ ମାସ ମାସ ଧରି ବନ୍ୟାଜଳ ଜମିରେ ବୁଡି ରହିବା ଯୋଗୁଁ ଫସଲ ହାନୀ ହେଉଛି । ସେଥିପାଇଁ ଜମିରୁ ଜଳ ନିଷ୍କାସନର ବ୍ୟବସ୍ଥା କରିବା, ଫସଲ କ୍ଷତି ହେଲେ ଫସଲ ବୀମା ଯୋଗାଇବା, ଚାଷୀମାନଙ୍କ ନିମନ୍ତେ ଜଳସେଚନର ବ୍ୟବସ୍ଥା ଭଳି ବହୁ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଚାଷୀମାନଙ୍କ ଏହି ସମସ୍ୟାକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଜେନା ପ୍ରକାଶ କରିଛନ୍ତି ।

## ବିଶ୍ୱ ଏଡ୍‌ସ ଦିବସରେ ସଚେତନତା




ମାର୍ଶାଘାଇରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା ।

ମାର୍ଶାଘାଇ,୧।୧୨(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଖୁଆ-ଓଡ଼ଙ୍ଗସ୍ଥିତ ଚିତ୍ରୋତ୍ପଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଡକ୍ରସ ଅଧିକାରୀ ଅକ୍ଷୟ କୁମାର ସାହୁ ଯୋଗଦେଇ ଦେଶରେ ଏଡ୍‌ସ ରୋଗର ସ୍ଥିତି ଉପରେ ଆଲୋଚନା କରିବା ସହ ଜନ ସଚେତନତତା ଉପରେ ଗୁରୁତ୍ୱାରୋପ କରିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରା ମାଧ୍ୟମରେ ଲୋକମାନଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରାଯାଇଥିଲା ।

GOVERNMENT OF ODISHA
# OFFICE OF THE PANCHAYAT SAMITI, TITILAGARH
INVITATION FOR BIDS
(Email ID: ori-titilagarh@nic.in)

Letter No. 3312 Date: 01.12.2022

DETAILES TENDER CALL NOTICE No. 06/TIG/22-23

The **Block Development Officer, Titilagarh** on behalf of Governor of Odisha invites **Percentage Rate Bids in Single Cover** system in conformity with Detail Tender Call Notice No. 06/22-23 of Panchayat Samiti, Titilagarh, Dated: 02.12.2022 to be eventually drawn up in State level contract for the supply and installation of the detail given in the table.
The bidders may submit bids for the following works.

| Sl. No. | Name of Work | Approximate Value of Work | Class of Contractor | Concerned Office with Head Qrs. | Cost of Document (Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Supply of Desktop Computer for 10 Nos. of High School under 5T | 100 units × Rs.43,000 = Rs.43,00,000.00 | Registered Supplier/ Firm | Panchayat Samiti, Titilagarh | 7080/- | 03 Months |

**TERMS & CONDITIONS:**
1. The sale and receipt of the Bid document shall start from **Dt.02.12.2022 to 5 P.M. of Dt.15.12.2022** during office hour in **Panchayat Samiti Office, Titilagarh and Zilla Parishad (DRDA), Balangir on office hours.** Bid documents can be downloaded from official website of Government of Odisha **(http://www.balangir.nic.in)**.
2. Bid must be sealed properly and dropped in the tender box having mentioned as Tender Call Notice No. 06/TIG/22-23 in **Panchayat Samiti Office, Titilagarh and Zilla Parishad (DRDA), Balangir. Non-receipt of the tender paper on the mentioned time frame will not be entertained.**
3. The bids will be opened on the **Dt.16.12.2022 at 11.30 A.M.** in the office of the undersinged in the presence of the members of tender committee of Panchayat Samiti Office, Titilagarh, bidders or their authorized agents who wish to attend at the Conference Hall of **Panchayat Samiti Office, Titilagarh**.
4. Any addendum/corrigendum/cancellation of above tender will be displayed in notice board & published in the website **(http://www.balangir.nic.in) only**.

Sd./- Block Development Officer, Titilagarh Block

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 40/ET/SBP/ENGG/2022-23 ତା. 28.11.2022 ରିଖ

1) ଇ-ଟେଣ୍ଡର ସଂ. 33-eT-DENC-SBP-22
କାର୍ଯ୍ୟର ନାମ : ସମ୍ବଲପୁରରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ବିଲ୍ଡିଙ୍ଗରେ ତୃତୀୟ ମହଲା ନିମନ୍ତେ କନକୋର୍ସ ଏରିଆ ସହିତ ୱିଙ୍ଗ-1 ଏବଂ ସେଣ୍ଟ୍ରାଲ ପୋର୍ସନର ବ୍ୟବସ୍ଥା ନିମନ୍ତେ ସିଭିଲ ଇଂଜିନିୟରିଙ୍ଗ କାର୍ଯ୍ୟ ସମୂହ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,69,82,384.25/-, EMD (ଟଙ୍କାରେ): 2,35,000/-

2) ଇ-ଟେଣ୍ଡର ସଂ. 36-eT-DENC-SBP-22
କାର୍ଯ୍ୟର ନାମ : ସାଟେଲାଇଟ୍ ଡିପୋ, ବଲାଙ୍ଗୀର ଷ୍ଟେସନଠାରେ ଟ୍ରାକ୍ ମେସିନ୍ କର୍ମଚାରୀଙ୍କ ନିମନ୍ତେ ବିଶ୍ରାମ ଗୃହର ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 50,47,643.27, EMD (ଟଙ୍କାରେ): 1,01,000/-

3) ଇ-ଟେଣ୍ଡର ସଂ. 37-eT-DENC-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ପରିସୀମା ଅଧୀନସ୍ଥ ତୁଙ୍ଗରିପାଲି (In)-ଦେଓଗାଁ ରୋଡ୍ (In) ସେକ୍ସନ ଏବଂ ବଲାଙ୍ଗୀର-ବିଚ୍ଛୁପାଲି ସେକ୍ସନରେ ବିବିଧ P.Way ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୂହ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,17,03,507.20, EMD (ଟଙ୍କାରେ): 2,08,600/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ର.ସଂ. 1 ଏବଂ 3 ନିମନ୍ତେ), 06 (ଛଅ) ମାସ (କ୍ର.ସଂ. 2 ନିମନ୍ତେ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ନିମନ୍ତେ) ତା.21.12.2022ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-764/N/22-23

## କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ.,କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡା ସମେତ ଜଗତ୍‌ସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Bal-ance ଉପରେ ଦିଆଯାଏ ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen) ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ୍ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତ୍‌ସିଂହପୁର, ଯାଜପୁର ଟାଉନ, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୁଚାରୁରୂପେ କାର୍ଯ୍ୟ କରୁଅଛି ।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ-୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ-୯୪୩୭୧୮୩୧୯୯

## କେନ୍ଦ୍ରାପଡ଼ା ପୌରପାଳିକା, କେନ୍ଦ୍ରାପଡ଼ା

ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ

ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରସଂସ୍ଥା ଆପଣଙ୍କୁ ପବିତ୍ର ୨୦୨୨ ଉପଲକ୍ଷେ ଅଭିନନ୍ଦନ ଜଣାଉଛି । କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବାପାଇଁ ପୌରସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡିକର ଉନ୍ନତି ନିମନ୍ତେ ସହଯୋଗ କାମନା କରୁଅଛୁ ।

୧. ୧ କୋଟି ଟଙ୍କା ବ୍ୟୟରେ ତିନିମୁହାଣିଠାରେ Smart Park ନିର୍ମାଣ କାର୍ଯ୍ୟ ଚାଲୁଅଛି ।
୨. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ଅଯୋଧ୍ୟାନଗରସ୍ଥିତ Blind School ପ୍ରାଙ୍ଗଣରେ ଏକ Sensory Park ନିର୍ମାଣ କାର୍ଯ୍ୟ ଶେଷ ହୋଇ ଏହାକୁ ସହରର ଦିବ୍ୟାଙ୍ଗ ପିଲାମାନଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି ।
୩. ୧ କୋଟି ଟଙ୍କା ବ୍ୟୟରେ ସହରର ରଣପଡାଠାରେ ଥିବା ହିନ୍ଦୁ ଶ୍ମଶାନକୁ Smart Cremation ଭାବେ ଉନ୍ନତୀକରଣ କରାଯାଉଅଛି ।
୪. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ରଣପଡାଠାରେ ଥିବା ମୁସଲମାନ ସମ୍ପ୍ରଦାୟଙ୍କ Kabarstanକୁ ଉନ୍ନତୀକରଣ କାର୍ଯ୍ୟ ଚାଲୁଅଛି ।
୫. ୧ କୋଟି ଟଙ୍କା ବ୍ୟୟରେ ସହରର Govt. High School ପଡ଼ିଆର ଉନ୍ନତୀକରଣ ସହିତ Galleryର ବ୍ୟବସ୍ଥା କରାଯାଇଅଛି ।
୬. ୫୦ ଲକ୍ଷ ଟଙ୍କା ବ୍ୟୟରେ ଗୋପବନ୍ଧୁ ଲାଇବ୍ରେରି ନିର୍ମାଣ କରାଯାଇ ଏହାକୁ ସାଧାରଣ ଜନତାଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି ।
୭. ୫୦ ଲକ୍ଷ ଟଙ୍କା ବ୍ୟୟରେ GYM ସେଣ୍ଟର କରାଯାଇ ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି ।
୮. ୧ କୋଟି ଟଙ୍କା ବ୍ୟୟରେ ଫକିରାବାଦ ମସ୍‌ଜିଦ ନିକଟରେ ଯାତ୍ରୀନିବାସର ନିର୍ମାଣ କାର୍ଯ୍ୟ ଚାଲୁଅଛି ।

ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ପୌରପାଳିକା
ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା
ଆକବରୀ ଖାତୁନ, ଉପାଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା

## ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

ଜିଲ୍ଲାବାସୀ, ଚାଷୀଭାଇ ଓ ବ୍ୟବସାୟୀ ତଥା ଖାଉଟି ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କମିଟିର ସମସ୍ତ ସଫଳତା ଓ ଆଗାମୀ ଦିନର ଲକ୍ଷ୍ୟ ପୂରଣ ନିମନ୍ତେ ସଦିଚ୍ଛା ଓ ସହଯୋଗ କାମନା କରୁଅଛି ।

୧. ଓଡ଼ିଶା ରାଜ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ଆଇନ ୧୯୫୬ ଅନୁଯାୟୀ, ୧୯୭୯ ମସିହାରେ କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଅଛି । ଏହା ଚାଷୀ ଭାଇମାନଙ୍କର କୃଷିଜାତ ଦ୍ରବ୍ୟର ବିକ୍ରିବଟାର ସୁବ୍ୟବସ୍ଥା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଜାର ପ୍ରାଙ୍ଗଣମାନ ନିର୍ମାଣ କରି ଚାଷୀଭାଇମାନଙ୍କୁ ସୁବିଧା ଓ ସୁଯୋଗମାନ ଯୋଗାଇ ଦେଉଅଛି । ଫଳରେ ଜିଲ୍ଲାର ଅଗଣିତ ଚାଷୀଭାଇ ଓ ଖାଇଟିମାନେ ଉପକୃତ ହେଉଛନ୍ତି ।
୨. କେନ୍ଦ୍ରାପଡ଼ା ଜିଲ୍ଲାର ଜମଧରଠାରେ କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରାଯାଇଅଛି । ଏଠାରେ ଗତ ୧୮ ବର୍ଷଠାରୁ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷୀଭାଇମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯାଇ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଉଅଛି ।
୩. କମିଟି ଅଧୀନରେ ଥିବା ୬ ଗୋଟି ଅର୍ଦ୍ଧ ସାପ୍ତାହିକ ପରିବା ହାଟ ଯଥା- ପଟ୍ଟାମୁଣ୍ଡାଇ, ଚାନ୍ଦୋଳ, ଛତା, ମାର୍ଶାଘାଇ, ଇନ୍ଦୁପୁର ଓ ରାଜନଗରଠାରେ କମିଟି ତରଫରୁ ଖୋଲାପିଣ୍ଡି, ଛାତପିଣ୍ଡି, ଛୋଟ ଗୋଦାମ ଗୃହ ଓ ଦୋକାନ ଗୃହମାନ ସ୍ଥାପନ କରାଯିବା ସହିତ ଚାଷୀଭାଇ ଓ ଖାଉଟିମାନଙ୍କର ବିକ୍ରିବଟା ପାଇଁ ବିଜୁଳି ଆଲୋକ ଓ ଜଳ ଯୋଗାଣର ମଧ୍ୟ ସୁବ୍ୟବସ୍ଥା କରାଯାଇଅଛି ।
୪. ୫(କ) ନମ୍ବର ଜାତୀୟ ରାଜପଥ, କେନ୍ଦ୍ରାପଡ଼ା ସହର ସନ୍ନିକଟ ଗୋପଛକଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇ ଚାଷୀଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି । ଚଳିତ ୨୦୨୦-୨୧ (ବିପଣନ) ବର୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ଭାଇମାନଙ୍କ ନିମନ୍ତେ ଘାଗରା ପଞ୍ଚାୟତଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇଅଛି ।
୫. ଛତାହାଟଠାରେ ୨୦୦୧ ମସିହାଠାରୁ କୃଷକ ବଜାର ସ୍ଥାପନ କରାଯାଇ କୃଷକ ଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି ।

ଅମର କୁମାର ନାୟକ, ଭାରପ୍ରାପ୍ତ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା
ଶ୍ରୀ ନିରଞ୍ଜନ ବେହେରା (ଓ.ପ୍ର.ସେ.-୧), ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା ଓ ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India undertaking
आन्ध्रा Andhra | कार्पोरेशन Corporation

ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank

## ବିକ୍ରୟ ନୋଟିସ
ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ, ଠିକଣା- ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ- ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧.ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍. କେ. ଘୋଷ | ୧. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜଙ୍କ ନାମରେ ୧୨୫୦ ବର୍ଗଫୁଟ ପରିମାପର ଫ୍ଲାଟ୍ ନଂ. ଏଫ୍-୧୦୨, ପ୍ରଥମ ମହଲା, ଟାୱାର ନଂ. ଏଫ୍ ''ଗ୍ରାଣ୍ଡ ସାଭାନା'' ରାଜ ନଗର ଏକ୍ସଟେନ୍ସନ୍, ଏନ୍‌ଏଚ୍-୫୮, ଗ୍ରାମ- ନୁର ନଗର, ପରଗଣା ଲୋନୀ, ତହସିଲ ଓ ଜିଲ୍ଲା - ଗାଜିଆବାଦ, ୟୁପି । ଚଉହଦୀ: ପୂର୍ବ - ଫ୍ଲାଟ୍‌ର ପ୍ରବେଶ ପଥ/ସାଧାରଣ କରିଡର୍, ପଶ୍ଚିମ- ଅନ୍ୟ ଫ୍ଲାଟ୍, ଉତ୍ତର - ଖୋଲା ଜାଗା/ରାସ୍ତା ଆଗକୁ ପାର୍କ, ଦକ୍ଷିଣ- ଫ୍ଲାଟ୍ ନଂ. ଏଫ୍-୧୦୧ | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩୬.୦୦ ଲକ୍ଷ / ଟ.୩.୬୦ ଲକ୍ଷ / ଟ.୦.୫୦ ଲକ୍ଷ | ୨୧।୧୨।୨୦୨୨ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |
| | ୨. ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | | | ଟ.୩,୮୫,୩୫,୦୦୦/- / ଟ.୩୮,୭୦,୦୦୦/- / ଟ.୦.୫୦ ଲକ୍ଷ | | |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|---|
| ଗୋଡ଼ିପୁଟ ମାଟିଆପଡ଼ା | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | | ମୋଟ | ଏ.୨.୮୪୭ଡେସି. ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | | |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
- ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspx ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
- ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦

ତାରିଖ: ୦୧।୧୨।୨୦୨୨, ସ୍ଥାନ: ନୂଆଦିଲ୍ଲୀ
ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ବିଳମ୍ବିତ ରାତିରେ ୪ ବଖରା ଜଳିଗଲା

ଭାପୁର,୧।୧୨(ବି.ଏନ୍.ଏ.): ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକର ଧାନଡାଙ୍ଗରା ପଞ୍ଚାୟତ ଧାନଡାଙ୍ଗରା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଚାରି ବଖରା ପୋଡ଼ି ଯାଇଛି। ଗ୍ରାମର ଚରଣ ମହାନ୍ତି, ଯଦୁ ମହାନ୍ତି ଓ ବାବାଜୀ ମହାନ୍ତିଙ୍କ ପରିବାର ଖାଇପିଇ ଶୋଇଥିବା ବେଳେ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇଁ ଖଣ୍ଡପଡ଼ା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ୩ ପରିବାରର ୪ ବଖରା ଘର ପୋଡ଼ି ଯାଇଛି। ଚରଣ ମହାନ୍ତି କହିଛନ୍ତି, ତାଙ୍କର ସମସ୍ତ ଆସବାବପତ୍ର ସହିତ ନଗଦ ୩୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ୩ ପରିବାରର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡ କାରଣ ଜଣା ପଡିନାହିଁ। ଏକ ବିବାହ ଶୋଭାଯାତ୍ରାରେ ଫୁଟୁଥିବା ବାଣ ପଡି ଏପରି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପହଞ୍ଚି ସରକାରୀ ସହାୟତା ପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ୨୦୦ ଷ୍ଟଲରେ ୫୦ ପ୍ରକାରର ବିଲୁପ୍ତ ଖାଦ୍ୟ

### ଗମ୍ଭାରୀଖୋଲରେ ଖାଦ୍ୟମେଳା

### ସବୁଠୁ ସ୍ୱାଦିଷ୍ଟ କାଙ୍କୁ ପାୟସ

ନୟାଗଡ଼ ଅଫିସ,୧।୧୨

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ଗମ୍ଭାରୀଖୋଲ ଗାଁରେ ବୁଧବାର ଆଦିବାସୀଙ୍କ ପକ୍ଷରୁ ଖାଦ୍ୟ ମେଳା ହୋଇଥିଲା। ଏଥିରେ ୨ଶହ ଷ୍ଟଲ ଖୋଲିଥିବାବେଳେ ୫୦ଟି ଷ୍ଟଲର ଖାଦ୍ୟ ବିଲୁପ୍ତ ତାଲିକାରେ ରହିଛି। ତେବେ ଖାଦ୍ୟ ମେଳାରେ କାଙ୍କୁ ପାୟସ ବେଶ ଆକର୍ଷଣ ଥିଲା। ଏହା ଚାଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଏହି ମେଳାକୁ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ଉଦ୍‌ଘାଟନ କରିଥିଲେ। ଦଶପଲ୍ଲା ବିଡିଓ ଆଚାର୍ଯ୍ୟ, ବ୍ଲକ କୃଷି ଅଧିକାରୀ, ଦଶପଲ୍ଲା ମିଶନ ଶକ୍ତି ସଂଯୋଜିକା, ନିର୍ମାଣର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ପଞ୍ଚାୟତର ସରପଞ୍ଚ, ୱାର୍ଡମେମ୍ବର ଅତିଥି ରୂପେ ଯୋଗ ଦେଇଥିଲେ। କାଙ୍କୁ ମାଣ୍ଡିଆ ପରି ଏକ ଧଳା ଦାନା। ଏହାକୁ ପାୟସ ଓ ଖିରି କରି ଖାଇଲେ ଭଲ ଲାଗେ। ଅନ୍ୟପକ୍ଷେ ବରଡ଼ା, ସୁନୁସୁନିଆ, ପଥର ମୁଣ୍ଡି, କାନଶିରି, ଲୋଟଣୀ, ଅଗସ୍ତି ଶାଗ, ଅଙ୍ଗା ଫଳର ଇଟିଲି, ମଣ୍ଡା, ଆରିଶା, କାକରା, ଗଇଠା ଓ ଚକୁଳ ହୋଇଥିଲା। ସେହିପରି ପାରମ୍ପରିକ ପୋଡ଼ ପିଠା, ଚଣା ଓ ରାଶି ଲଡୁ, ଜହ୍ନା ଓ ମକା ମୁଆଁ, କୋଳଥ ଲଡୁ, ମାଣ୍ଡିଆ ଲଡୁ, ମାଣ୍ଡିଆ ଜାଉ, ଖୟାଆଳ, ମସିହା, କଡବା, ଙ୍ଗୁଙ୍ଗା ର ଭଜା ଭଜ, କଦଳୀ ମଞ୍ଜାରାଇଟି, କଦଳୀ ଭଣ୍ଡା ତରକାରୀ, ଓଲୁଅ ଖଟା, ସାରୁ ଭରତା, ମୁଗ ମଣ୍ଡା ପରି ଖାଦ୍ୟ ଉପଲବ୍ଧ ଥିଲା। ନଛିପୁର, ଗୁରୁଡ଼ିପଡା, ସରିଗଣ୍ଡା, ପୋଖରୀଗୋଛା ପରି ୪ଟି ପଞ୍ଚାୟତର ୧୪ଟି ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ୨୦୦ ଜଣ ମହିଳା ୨୦୦ଟି ଷ୍ଟଲ କରିଥିଲେ। ମାଗଣାରେ ଖାଦ୍ୟ ବଣ୍ଟନ ହୋଇଥିଲା। ନିର୍ମାଣ ଅନୁଷ୍ଠାନର ସୁଇସେଟ ପ୍ରକଳ୍ପ ପକ୍ଷରୁ ଆୟୋଜିତ ଏହି ମେଳା ଆଦିବାସୀ ଅଞ୍ଚଳରେ ବେଶ ଆଦୃତ ଲାଭ କରିଥିଲା।



ଖାଦ୍ୟ ମେଳାରେ ପ୍ରଦର୍ଶନ କରାଯାଇଥିବା ବିଭିନ୍ନ ପ୍ରକାର ବିଲୁପ୍ତ ଖାଦ୍ୟ।

# ଅଫିସରେ ପହଞ୍ଚିଲେନି ଡାଟା ଏଣ୍ଟ୍ରି ଅପରେଟର

### ୪ଦିନ ହେଲା ଘରେ ଜଳୁନି ଚୁଲି

ନୟାଗଡ଼ ଅଫିସ,୧।୧୨: ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଆଁରିଆସ୍ଥିତ ବାଣିଗୋଛା ପୂର୍ବ ବନ୍ୟପ୍ରାଣୀ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ପୂର୍ଣ୍ଣଚନ୍ଦ୍ର ନାୟକ ଗତ ୨୮ ତାରିଖରୁ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ କିଏ ଅପହରଣ କରିଛି ନା ସେ କେଉଁଆଡ଼େ ପଳାଇ ଯାଇଛନ୍ତି ତାହା ଜଣାପଡିନି। ଅଫିସରେ ନ ପହଞ୍ଚିବା ପରେ ପରିବାର ପକ୍ଷରୁ ଖୋଜାଖୋଜି ଜାରି ରହିଥିଲେ ହେଁ ସୁଫଳ ମିଳିନି। ଏନେଇ ଇଟାମାଟି ଥାନାରେ ଅଭିଯୋଗ ହୋଇଛି।ଅଭିଯୋଗ ଅନୁଯାୟୀ, ଗମ୍ଭାରି ଗାଁର ପୂର୍ଣ୍ଣଚନ୍ଦ୍ର ଗତ ୨୫ ତାରିଖରେ ଛୁଟିରେ ଆସିଥିଲେ। ସେ ଭୁବନେଶ୍ୱର ରାଲିରେ ଯୋଗ ଦେଇ ଘରକୁ ଫେରିଥିଲେ। ଗତ ୨୮ ତାରିଖରେ କୁଆଁରିଆ ଅଫିସକୁ ଯାଉଛି କହି ଯାଇଥିଲେ। ହେଲେ ଅଫିସରେ ପହଞ୍ଚି ନ ଥିଲେ। ପୁଅର ନିଖୋଜ ଖବର ଜଣାପଡିବା ପରେ ୪ଦିନ ହେଲା ଘରେ ଚୁଲି ଜଳୁନି। ଥାନାରେ ଅଭିଯୋଗ ହୋଇଥିଲେ ହେଁ ସହଯୋଗ ମିଳୁ ନ ଥିବା ଅଭିଯୋଗ ରହିଛି। ଏନେଇ ଇଟାମାଟି ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ କୁହନ୍ତି, ଅଭିଯୋଗ ମିଳିଛି। ମିସିଂ କେଶ ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।



ପୂର୍ଣ୍ଣଚନ୍ଦ୍ର ନାୟକ


### କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ,କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି ପରିସର ଅଧିକକୁ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସାମିଲ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷକୁ ଜମା ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ ଜମା ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଭିନ୍ନ ପ୍ରକାରର ବିକାଶପତ୍ର ...
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ବିଧବା, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ଓ ବରିଷ୍ଠ ନାଗରିକ (Senior Citizen) ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ।
- ...
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାମମଙ୍ଗଳା ... ଶାଖା ସୁଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ-୯୪୩୮୪୭୬୫୦୬ | ପ୍ରମୋଦ ସାହୁ, ସଭାପତି, ମୋ-୯୪୩୭୦୧୩୯୯୯


# ଏଡ୍‌ସ ରୋକିବା ପାଇଁ ସଚେତନତା ଜରୁରୀ




ସଚେତନତା ସଭାରେ ମଞ୍ଚାସୀନ ଅତିଥି।

ଦଶପଲ୍ଲା,୧।୧୨(ବି.ଏନ୍.ଏ.): ଦଶପଲ୍ଲା ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ରାଧା ମୋହନ ଜାଉ ନୋଡାଲ ହାଇସ୍କୁଲ ସଭାଗୃହରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏଥିରେ ତାଲୁକ ଆଇନ୍ ସେବା କମିଟିର ସଭାପତି ତଥା ଦଶପଲ୍ଲା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌମ୍ୟ ରଞ୍ଜନ ପୁଷ୍ଟି ଅଧ୍ୟକ୍ଷତା କରିଥିଲେ। ଦଶପଲ୍ଲା ବାରର ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ବେହେରା, କୃଷ୍ଣ ଚନ୍ଦ୍ର ଦାସ, ଆଲୋକ ସେନାପତି ଓ ସ୍କୁଲର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଆଲୋଚନାରେ ଅଂଶ ଗ୍ରହଣ କରି ଏଡ୍‌ସର କାରଣ ଓ ଏହାକୁ ପ୍ରତିରୋଧ ପାଇଁ ସଚେତନତା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଆଇନଜୀବୀ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

# କାଜୁ ବଗିଚାରୁ ଶାଗୁଆନ ଗଣ୍ଡି, ପଟା ଜବତ

ଓଡ଼ଗାଁ,୧।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବନ ବିଭାଗ ସହର ଉପକଣ୍ଠ ରଙ୍ଗଣୀପାଟଣା ପଞ୍ଚାୟତ ସାମ୍ନା ଗଳି ରାସ୍ତାରେ ଥିବା କାଜୁ ବଗିଚାରୁ ବିପୁଳ ପରିମାଣର ଶାଗୁଆନ, ଗମ୍ଭାରୀ ଗଣ୍ଡି ସହିତ ଶାଗୁଆନ ପଟା ଜବତ କରିଛି। ଗୁରୁବାର ମଧ୍ୟାହ୍ନରେ ଏହି ସୂଚନା ପାଇ ବନ ବିଭାଗ କର୍ମଚାରୀଙ୍କ ସମେତ ବନ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ମିତୁ ଦାଶଙ୍କ ଘର ସଂଲଗ୍ନ ଜାଗାରେ କରତ ଦ୍ୱାରା ଶାଗୁଆନ ଗଣ୍ଡି କଟାଯାଇଥିବା ଏବଂ ବହୁ ପରିମାଣରେ କାଠ ଗୁଣ୍ଡ ଜମା ହୋଇଥିବା ଦେଖିବାକୁ ମିଳିଥିଲା। ସେଠାରୁ ଗୋଟିଏ କାଠ କଟା କରତ ଜବତ କରାଯାଇଥିଲା। ସେହିପରି ଘର ସଂଲଗ୍ନ କାଜୁ ବଗିଚାରେ ମହଜୁଦ ରହିଥିବା ୨୦ ଖଣ୍ଡ ଶାଗୁଆନ ଗଣ୍ଡି ସହିତ ୨ ଗମ୍ଭାରୀ ଗଣ୍ଡି ଓ ଲୁଚାଇ ରଖାଯାଇଥିବା ୩୦ ଖଣ୍ଡ ଶାଗୁଆନ ପଟା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ଆଶିଷ କୁମାର କହଁର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କାଠ ଜବତ ଜାଗାକୁ ରାଜସ୍ୱ ବିଭାଗ ଅଧିକାରୀ ଚିହ୍ନଟ କରିବାପରେ ଏହି ମାମଲା ସମ୍ପୃକ୍ତ ଘର ଓ କାଜୁ ବଗିଚା ମାଲିକଙ୍କ ବିରୋଧରେ ପରିବର୍ତ୍ତନ କରିଯିବା ନିୟମ ରହିଥିବା ସେ କହିଛନ୍ତି। ରେଞ୍ଜର କହଁରଙ୍କ ସହିତ ବନପାଳ ସନ୍ଧ୍ୟାରାଣୀ ନାୟକ, ବନରକ୍ଷୀ ସୌମ୍ୟରଞ୍ଜନ ଦଲେଇ ଓ ବନ ସୁରକ୍ଷା ବଳ ଚଢ଼ାଉରେ ସାମିଲ ହୋଇଥିଲେ।




ବନ ବିଭାଗ କର୍ମଚାରୀମାନେ ଶାଗୁଆନ ଓ ଗମ୍ଭାରୀ କାଠ ଗଣ୍ଡି ଜବତ କରୁଛନ୍ତି।

# ୪ର୍ଥ ପାଳିରେ ମା'ଲକ୍ଷ୍ମୀଙ୍କ ପୂଜା

ଖଣ୍ଡପଡ଼ା,୧।୧୨(ସ୍ୱ.ପ୍ର.): ଚଳିତ ବର୍ଷର ୪ର୍ଥ ମାର୍ଗଶିର ଗୁରୁବାର ମା'ଲକ୍ଷ୍ମୀଙ୍କ ପୂଜା ପାଇଁ ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳ ଚଳଞ୍ଚଳ ହୋଇ ଉଠିଥିଲା। ମହିଳାମାନେ ନିଜ ଘରକୁ ଗୋବର ପାଣି ପକାଇ ଲିପା ପୋଛା କରିଥିଲେ। ବୁଧବାର ରାତିରୁ ଝିଅବୋହୂମାନେ ଝଟି ଚାଉଳରେ କାନ୍ଥ,କବାଟ, ଅଗଣା, ପିଣ୍ଡା, ତଚ୍ଛରା ମୂଳ ଏବଂ ବାରି ପାଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝୋଟି ଓ ଚିତା ପକାଇଥିଲେ। କମଳ ଉପରେ ମା'କମଳାଙ୍କ ପାଦର ସୁନ୍ଦର ଚିତା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ରାତି ପାହିବାରୁ ଦାଣ୍ଡ ଦୁଆରରେ ଦୀପ ଜଳାଇ ମା'ଲକ୍ଷ୍ମୀଙ୍କ ବରଣ କରାଯାଇଥିଲା। ସେଥିପାଇଁ ହୁଳହୁଳି ଶବ୍ଦରେ ପାହାନ୍ତା ପହର ମୁଖରିତ ହୋଇ ଉଠିଥିଲା। ଧୂପ ଦୀପ ନୈବେଦ୍ୟ ସମର୍ପଣ କରି ମା'ଙ୍କ ପୂଜା କରାଯାଇଥିଲା। ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ ପାଠ ସହ ପିଠାପଣାରେ ମହିଳାମାନେ ଲାଗି ପଡ଼ିଥିଲେ।




GOVERNMENT OF ODISHA

## OFFICE OF THE PANCHAYAT SAMITI, TITILAGARH

INVITATION FOR BIDS

(Email ID: ori-titilagarh@nic.in)

Letter No. 3312 — Date: 01.12.2022

DETAILES TENDER CALL NOTICE No. 06/TIG/22-23

The Block Development Officer, Titilagarh on behalf of Governor of Odisha invites Percentage Rate Bids in Single Cover system in conformity with Detail Tender Call Notice No. 06/22-23 of Panchayat Samiti, Titilagarh, Dated: 02.12.2022 to be eventually drawn up in State level contract for the supply and installation of the detail given in the table. The bidders may submit bids for the following works.

| Sl. No. | Name of Work | Approximate Value of Work | Class of Contractor | Concerned Office with Head Qrs. | Cost of Document (Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Supply of Desktop Computer for 10 Nos. of High School under 5T | 100 units × Rs.43,000 = Rs.43,00,000.00 | Registered Supplier/ Firm | Panchayat Samiti, Titilagarh | 7080/- | 03 Months |

TERMS & CONDITIONS:

1. The sale and receipt of the Bid document shall start from Dt.02.12.2022 to 5 P.M. of Dt.15.12.2022 during office hour in Panchayat Samiti Office, Titilagarh and Zilla Parishad (DRDA), Balangir on office hours. Bid documents can be downloaded from official website of Government of Odisha (http://www.balangir.nic.in).
2. Bid must be sealed properly and dropped in the tender box having mentioned as Tender Call Notice No. 06/TIG/22-23 in Panchayat Samiti Office, Titilagarh and Zilla Parishad (DRDA), Balangir. Non-receipt of the tender paper on the mentioned time frame will not be entertained.
3. The bids will be opened on the Dt.16.12.2022 at 11.30 A.M. in the office of the undersigned in the presence of the members of tender committee of Panchayat Samiti Office, Titilagarh, bidders or their authorized agents who wish to attend at the Conference Hall of Panchayat Samiti Office, Titilagarh.
4. Any addendum/corrigendum/cancellation of above tender will be displayed in notice board & published in the website (http://www.balangir.nic.in) only.

Sd./- Block Development Officer, Titilagarh Block



### ପୂର୍ବ ତଟ ରେଳପଥ

ବୈଦ୍ୟୁତିକ ନିବିଦା ବିଜ୍ଞପ୍ତି ନଂ. 40/ET/SBP/ENGG/2022-23 ତା. 28.11.2022 ରିଖ

1) ଇ-ଟେଣ୍ଡର ନଂ. 33-eT-DENC-SBP-22 ... କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,69,82,384.25/-, EMD (ଟଙ୍କାରେ): 2,35,000/-

2) ଇ-ଟେଣ୍ଡର ନଂ. 36-eT-DENC-SBP-22 ... କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 50,47,643.27, EMD (ଟଙ୍କାରେ): 1,01,000/-

3) ଇ-ଟେଣ୍ଡର ନଂ. 37-eT-DENC-SBP-22 ... କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,17,03,507.20, EMD (ଟଙ୍କାରେ): 2,08,600/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.21.12.2022ରିଖ 1500 ଘଣ୍ଟାରେ।

... www.ireps.gov.in ...

PR-764/N/22-23



### କେନ୍ଦ୍ରାପଡ଼ା ପୌରପାଳିକା, କେନ୍ଦ୍ରାପଡ଼ା

ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ

ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରସଂସ୍ଥା ଆପଣଙ୍କୁ ପବିତ୍ର ୨୦୨୨ ଉପଲକ୍ଷେ ଅଭିନନ୍ଦନ ଜଣାଉଛି। କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବାପାଇଁ ପୌରସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର ଉନ୍ନତି ନିମନ୍ତେ ସହଯୋଗ କାମନା କରୁଅଛି।

୧. ୧ କୋଟି ଟଙ୍କା ବ୍ୟୟରେ ତିନିମୁହାଣିଠାରେ Smart Park ନିର୍ମାଣ କାର୍ଯ୍ୟ ଚାଲୁଅଛି।
୨. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ଅଯୋଧ୍ୟାନଗରସ୍ଥିତ Blind School ପ୍ରାଙ୍ଗଣରେ ଏକ Sensory Park ନିର୍ମାଣ କାର୍ଯ୍ୟ ଶେଷ ହୋଇ ଏହାକୁ ସହରର ଦିବ୍ୟାଙ୍ଗ ପିଲାମାନଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି।
୩. ୧ କୋଟି ଟଙ୍କା ବ୍ୟୟରେ ସହରରେ ରୋଗୀଠାରେ ଥିବା ହିନ୍ଦୁ ଶ୍ମଶାନକୁ Smart Cremation ଭାବେ ଉନ୍ନତୀକରଣ କରାଯାଉଅଛି।
୪. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ଋଣଗଡ଼ାଠାରେ ଥିବା ମୁସଲମାନ ସମ୍ପ୍ରଦାୟର Kabarstanକୁ ଉନ୍ନତୀକରଣ କାର୍ଯ୍ୟ ଚାଲୁଅଛି।
୫. ୧ କୋଟି ଟଙ୍କା ବ୍ୟୟରେ ସହରର Govt. High School ପଡ଼ିଆର ଉନ୍ନତୀକରଣ ସହିତ Galleryର ବ୍ୟବସ୍ଥା କରାଯାଉଅଛି।
୬. ୫୦ ଲକ୍ଷ ଟଙ୍କା ବ୍ୟୟରେ ଗୋପବନ୍ଧୁ ଲାଇବ୍ରେରୀ ନିର୍ମାଣ କରାଯାଇ ଏହାକୁ ସାଧାରଣ ଜନତାଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି।
୭. ୫୦ ଲକ୍ଷ ଟଙ୍କା ବ୍ୟୟରେ GYM ସେଣ୍ଟର କରାଯାଇ ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି।
୮. ୧ କୋଟି ଟଙ୍କା ବ୍ୟୟରେ ଫକିରାବାଦ ମସ୍‌ଜିଦ ନିକଟରେ ଯାତ୍ରୀନିବାସର ନିର୍ମାଣ କାର୍ଯ୍ୟ ଚାଲୁଅଛି।

ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ପୌରପାଳିକା | ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା
ଆକବରୀ ଖାତୁନ, ଉପାଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା



### ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

ଜିଲ୍ଲାବାସୀ, ଚାଷୀଭାଇ ଓ ବ୍ୟବସାୟୀ ତଥା ଖାଉଟି ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କମିଟିର ସମସ୍ତ ସଫଳତା ଓ ଆଗାମୀ ଦିନର ଲକ୍ଷ୍ୟ ପୂରଣ ନିମନ୍ତେ ସଦିଚ୍ଛା ଓ ସହଯୋଗ କାମନା କରୁଅଛି।

୧. ଓଡ଼ିଶା ରାଜ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ଆଇନ ୧୯୫୬ ଅନୁଯାୟୀ, ୧୯୭୯ ମସିହାରେ କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଅଛି। ଏହା ଚାଷୀ ଭାଇମାନଙ୍କ କୃଷିଜାତ ଦ୍ରବ୍ୟର ବିକ୍ରିବଟାର ସୁବ୍ୟବସ୍ଥା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଜାର ପ୍ରାଙ୍ଗଣମାନ ନିର୍ମାଣ କରି ଚାଷୀଭାଇମାନଙ୍କୁ ସୁବିଧା ଓ ସୁଯୋଗମାନ ଯୋଗାଇ ଦେଉଅଛି। ଫଳରେ ଜିଲ୍ଲାର ଅଗଣିତ ଚାଷୀଭାଇ ଓ ଖାଉଟିମାନେ ଉପକୃତ ହେଉଛନ୍ତି।
୨. କେନ୍ଦ୍ରାପଡ଼ା ଜିଲ୍ଲାର ଜମଧରଠାରେ କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରାଯାଇଅଛି। ଏଠାରେ ଗତ ୧୮ ବର୍ଷଠାରୁ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷୀଭାଇମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯାଇ ଉଚିତ ମୂଲ୍ୟ ପ୍ରଦାନ କରାଯାଉଅଛି।
୩. କମିଟି ଅଧୀନରେ ଥିବା ୬ ଗୋଟି ଅର୍ଦ୍ଧ ସାପ୍ତାହିକ ପରିବା ହାଟ ଯଥା- ପଟ୍ଟାମୁଣ୍ଡାଇ, ଚାଉଳିଆ, ଛଟା, ମାର୍ଶାଘାଇ, ଇନ୍ଦୁପୁର ଓ ରାଜନଗରଠାରେ କମିଟି ତରଫରୁ ଖୋଲାଯାଇ, ଛାଉଣି, ଭୋଟ ଗୋଦାମ ଘର ଓ ଦୋକାନ ଗୃହମାନ ସ୍ଥାପନ କରାଯିବା ସହିତ ଚାଷୀଭାଇ ଓ ଖାଉଟିମାନଙ୍କର କିଣାବିକା ପାଇଁ ବିଜୁଳି ଆଲୋକ ଓ ଜଳ ଯୋଗାଣର ମଧ୍ୟ ସୁବ୍ୟବସ୍ଥା କରାଯାଇଅଛି।
୪. ୫(କ) ନମ୍ବର ଜାତୀୟ ରାଜପଥ, କେନ୍ଦ୍ରାପଡ଼ା ସହର ସନ୍ନିକଟ ଗୋପଛକଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇ ଚାଷୀଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପଯୋଗୀ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଉଅଛି। ଏତଦ୍‌ବ୍ୟତୀତ ୨୦୨୦-୨୧ (ବିପଣନ) ବର୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ଭାଇମାନଙ୍କ ନିମନ୍ତେ ଘାଗରା ପଞ୍ଚାୟତରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଉଅଛି।
୫. ଛଚାହାଟାଠାରେ ୨୦୦୧ ମସିହାଠାରୁ କୃଷକ ବଜାର ସ୍ଥାପନ କରାଯାଇ କୃଷକ ଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଉଅଛି।

ଅମର କୁମାର ନାୟକ, ଭାରପ୍ରାପ୍ତ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା | ଶ୍ରୀ ନିରଞ୍ଜନ ବେହେରା (ଓ.ପ୍ର.ସେ.-୧), ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା ଓ ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା



ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧
(ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank

## ବିକ୍ରୟ ନୋଟିସ
ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ

ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ ... "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ...

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଉଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) ଇଏମଡି ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ବିବାଦାଧୀନ ଏଦି, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଜ ସର୍ଭିକାଲ ପ୍ରଡକ୍ଟସ୍ ପ୍ରା. ଲି. ... | ୧. ଶ୍ରୀମତୀ ପଦ୍ମଜୀ ଭାରଦ୍ୱାଜଙ୍କ ନାମରେ ୧୨୫୦ ବର୍ଗଫୁଟ ପରିମାପର ଫ୍ଲାଟ୍ ନଂ. ଏଫ୍-୧୦୨, ... ୨. ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରୀ, ମୌଜା- ଗୋଳିପୁର, ... ଜିଲ୍ଲା- ପୁରୀ ... | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୮.୦ ତା ୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩୭.୦୦ ଲକ୍ଷ / ଟ.୩.୭୦ ଲକ୍ଷ / ଟ.୦.୫୦ ଲକ୍ଷ; ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୦.୫୦ ଲକ୍ଷ | ୨୧।୧୨।୨୦୨୨ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍ ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କ ଜଣାନାହିଁ |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡ଼ି ନିୟମାବଳୀ ପାଇଁ ... https://www.mstcecommerce.com/auctionhome/ibapi/index.jsp ... https://www.unionbankofindia.co.in/english/TendelViewAllAuction.aspx ...

ତାରିଖ: ୦୧।୧୨।୨୦୨୨, ସ୍ଥାନ: ନୂଆଦିଲ୍ଲୀ — ପ୍ରାଧିକୃତ ଅଧିକାରୀ, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଶୀତ ଅଧିବେଶନରେ ଆସିବ ୧୬ ବିଲ୍

**ନୂଆଦିଲ୍ଲୀ,୧।୧୨:** ଆସନ୍ତା ୭ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ କେନ୍ଦ୍ର ସରକାର ୧୬ଟି ନୂଆ ବିଲ୍ ଆଣିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଲୋକ ସଭା ପକ୍ଷରୁ ଜାରି ଏକ ବୁଲେଟିନ୍ ଅନୁସାରେ ତନ୍ମଧ୍ୟରେ ନ୍ୟାଶନାଲ ଡେଣ୍ଟାଲ କମିଶନ ବିଲ୍, ନ୍ୟାଶନାଲ ନର୍ସିଂ ଆଣ୍ଡ୍ ମିଡ୍-ୱାଇଫେରି କମିଶନ ବିଲ୍, କ୍ୟାଣ୍ଟନମେଣ୍ଟ ବିଲ୍, ଏବଂ ମଲ୍ଟି-ଷ୍ଟେଟ୍ କୋ-ଅପରେଟିଭ୍ ସୋସାଇଟି ଆମେଣ୍ଡ୍ମେଣ୍ଟ ବିଲ୍,୨୦୨୨ ରହିଛି। ପାର୍ଲାମେଣ୍ଟର ପୁରୁଣା ବିଲ୍ଡିଂରେ ଏହି ଅଧିବେଶନ ଡିସେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ।

### କ୍ଷମା ମାଗିଲେ ମଡେଲ

#### ବାରାଣସୀ ସବୁଠୁ ଭୟଙ୍କର ସହର

**ୱାଶିଂଟନ୍, ୧।୧୨:** ଭାରତୀୟ-ଆମେରିକୀୟ ମଡେଲ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପର୍ଣ୍ଣା ସିଂ ବାରାଣସୀକୁ ସବୁଠାରୁ ଭୟଙ୍କର ସହର କହି ବିବାଦୀୟ ମନ୍ତବ୍ୟ ଦେବା ପରେ ଏବେ କ୍ଷମା ମାଗିଛନ୍ତି। ଅପର୍ଣ୍ଣା ଟିକ୍‌ଟକ୍‌ରେ ବାରଣସୀର ଏକ ଭିଡିଓ ଶେୟାର କରିବା ସହ



କ୍ୟାପ୍‌ସନ୍‌ରେ ଲେଖିଥିଲେ, ସେ ବୁଲିଥିବା ସବୁଠାରୁ ଭୟଙ୍କର ସିଟି। ଉତ୍ତର ପ୍ରଦେଶର ବାରଣସୀକୁ ଭାରତର ପବିତ୍ର ସହର ବୋଲି ବିଶ୍ୱାସ ରହିଛି। ବାରାଣସୀକୁ ନେଇ ହିନ୍ଦୁଙ୍କର ବହୁ ଧର୍ମୀୟ ଭାବନା ରହିଛି। ନିକଟରେ ନଜ ବ୍ରାଣ୍ଡର ଜୁଏଲେରି ତିଆରି କରୁଥିବା ଡିଜାଇନରଙ୍କୁ ଭେଟିବା ପାଇଁ ଅପର୍ଣ୍ଣା ବାରାଣସୀ ଆସିଥିଲେ। ଗଙ୍ଗା ନଦୀରେ ଲୋକଙ୍କ ସ୍ନାନଠାରୁ ଆରମ୍ଭ କରି ସହରକୁ ସେ ଅପରିଷ୍କାର ବୋଲି ପରୋକ୍ଷଭାବେ କହିଥିଲେ। ଟିକ୍‌ଟକ୍‌ରେ ଅପର୍ଣ୍ଣାଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ୟୁଜର୍ସ ତାଙ୍କୁ ସମାଲୋଚନା କରିଥିଲେ। ଏହାପରେ ଆଉ ଏକ ଭିଡିଓ ଜରିଆରେ ସେ କ୍ଷମାମାଗିଥିବା ଖବର ପ୍ରକାଶ ପାଇଛି। ଭାରତର ଅନେକ ସହର ବୁଲି ସେ ନିଜର ଅଭିଜ୍ଞତା ଶେୟାର କରିଥିବାବେଳେ ବାରାଣସୀ ସମ୍ପର୍କରେ ସେ ଉଦ୍ଦେଶ୍ୟମୂଳକ ଭାବେ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଯଦି ଏହା ଲୋକଙ୍କ ମନରେ ଆଘାତ ଦେଇଛି ତା’ ପାଇଁ ସେ ଦୁଃଖିତ ବୋଲ ଭିଡିଓରେ କହିଛନ୍ତି।

### ନିଶାଦ୍ରବ୍ୟ ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ କରା ନ ଯାଉ: କେନ୍ଦ୍ର

**ନୂଆଦିଲ୍ଲୀ,୧।୧୨:**ଏଫ୍‌ଏମ୍ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ମଦ, ଡ୍ରଗ୍ସ ଏବଂ ଗନ୍ କଲଚର ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ ନ କରିବାକୁ ଗୁରୁବାର କେନ୍ଦ୍ରୀୟ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରେଡିଓ ଚ୍ୟାନେଲକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜ୍ଞାପନ ପ୍ରସାରଣ କରିବା ପୂର୍ବରୁ ଗ୍ରାଣ୍ଟ ଅଫ୍ ପର୍ମିସନ୍ ଏଗ୍ରିମେଣ୍ଟ (ଜିଓପିଏ) ଏବଂ ମାଇଗ୍ରେଶନ୍ ଗ୍ରାଣ୍ଟ ଅଫ୍ ପରମିସନ୍ ଏଗ୍ରିମେଣ୍ଟ (ଏମ୍‌ଜିଓପିଏ)କୁ ଭଲଭାବେ ଅନୁଧାନ କରି ବିଜ୍ଞାପନ ପ୍ରସାରଣ କରିବା ଆବଶ୍ୟକ। କେତେକ ଏଫ୍‌ଏମ୍ ରେଡିଓ ଚ୍ୟାନେଲ ମଦ ଓ ଡ୍ରଗ୍ସ ସମ୍ପର୍କିତ ବିଜ୍ଞାପନକୁ ଅତିରଞ୍ଜିତ କଲାଭଳି ଗୀତ ବ୍ୟବହାର କରୁଥିବା ଘଟଣା ସାମ୍ନାକୁ ଆସିବା ପରେ ସରକାରଙ୍କ ପକ୍ଷରୁ ଏ ପ୍ରକାର ନିର୍ଦ୍ଦେଶ ଜାରି କରାଯାଇଛି। ଏପ୍ରକାର ବିଜ୍ଞାପନ ପ୍ରସାରଣ ଦ୍ୱାରା ଶ୍ରୋତା ପ୍ରଭାବିତ ହେବାର ଆଶଙ୍କା ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଯିଶୁ କହିଥିଲେ ଉଡ଼ନ୍ତା ବିମାନର ଡୋର୍ ଖୋଲିବାକୁ

**ୱାଶିଂଟନ**



୩୭,୦୦୦ ଫୁଟ୍ ଉଚ୍ଚରେ ଉଡ଼ାଣ କରୁଥିବା ଏକ ବିମାନର ଜଣେ ମହିଳା ଯାତ୍ରୀଙ୍କ କାରନାମା ଏବେ ଚର୍ଚ୍ଚାରେ। ଶନିବାର ଆମେରିକାର ହ୍ୟୁଷ୍ଟନରୁ କଲମ୍ବସ ଅଭିମୁଖେ ଯାତ୍ରା କରୁଥିବା ଏକ ବିମାନର ସାଇଡ୍ ଡୋର୍‌କୁ ୩୪ ବର୍ଷୀୟା ଏଲୋମ୍ ଅଗବେଗନିନୋଭ ଖୋଲୁଥିଲେ। ଡୋର୍‌ରେ ବାରମ୍ବାର ନିଜ ମୁଣ୍ଡ ବାଡ଼େଇ ସେ ବାହାରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଏଲୋମ୍‌ଙ୍କୁ ଜଣେ ଯାତ୍ରୀ ଅଟକାଇବାରୁ ସେ ତାଙ୍କୁ କାମୁଡ଼ିଦେଇଥିଲେ। ଏହାକୁ ନେଇ ଅନ୍ୟ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଫଳରେ ପାଇଲଟ୍ ବାଧ୍ୟହୋଇ ବିଲ୍ ଆଣ୍ଡ ହିଲାରି କ୍ଲିଣ୍ଟନ ନ୍ୟାଶନାଲ ଏୟାରପୋର୍ଟରେ ବିମାନର ଜରୁରୀ ଅବତରଣ କରାଇଥିଲେ। ଏଥିପାଇଁ ମହିଳାଙ୍କୁ ଗିରଫ କରାଯାଇଥିଲା। ଆମେରିକାର ଆର୍କାନ୍‌ସାସ୍ ଇଷ୍ଟର୍ନ ଡିଷ୍ଟ୍ରିକ୍ଟ କୋର୍ଟରେ ହାଜର ବେଳେ ଉଡ଼ନ୍ତା ବିମାନରେ ଏପରି କାହିଁକି କରୁଥିଲେ ବୋଲି ବିଚାରପତି ତାଙ୍କୁ ପ୍ରଶ୍ନ କରିଥିଲେ। ଏଲୋମ୍ କହିଥିଲେ, ବହୁ ଦିନ ଧରି ସେ ବିମାନ ଯାତ୍ରା କରି ନ ଥିଲେ। ଯିଶୁଖ୍ରୀଷ୍ଟ ତାଙ୍କୁ ଓହିଓ ଯିବାଥ ପାଇଁ କହିଥିଲେ। ଯିଶୁ ହିଁ ଯାତ୍ରା ମଝିରେ ପ୍ଲେନ୍‌ର ଡୋର୍ ଖୋଲିବାକୁ ପରାମର୍ଶ ଦେଇଥିଲେ।

## ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଖବରଦାତାଙ୍କ ଅଜବ ପ୍ରଶ୍ନ



**ୱେଲିଂଟନ୍:** ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନ୍ନା ମାରିନ (୩୭) ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡ ଗସ୍ତ କରି ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡେନ(୪୨)ଙ୍କୁ ଭେଟିଛନ୍ତି। ଏ ଅବସରରେ ନ୍ୟୁଜିଲାଣ୍ଡରେ ଜାସିଣ୍ଡା ଆର୍ଡେନ ଏକ ମିଳିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ଜଣେ ଖବରଦାତାଙ୍କ ପ୍ରଶ୍ନକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ଜାତୀୟ ଗଣମାଧ୍ୟମର ଜଣେ ରିପୋର୍ଟର ଜାସିଣ୍ଡାଙ୍କୁ ପ୍ରଶ୍ନ କରିଥିଲେ ଯେ, ସମବୟସ୍କା ହୋଇଥିବାଯୋଗୁ ଆପଣମାନଙ୍କ ଭିତରେ ବହୁତଗୁଡ଼ିଏ ସାମଞ୍ଜସ୍ୟ ରହିଛି। ସେଥିଲାଗି ଆପଣ ଦୁହେଁ ଏକାଠି ହୋଇଛନ୍ତି ? ଏହାର ଉତ୍ତରରେ ଜେସିଣ୍ଡା କହିଛନ୍ତି, ରାଜନୀତିରେ ମହିଳାଙ୍କ ତୁଳନାରେ ଅଧିକ ସଂଖ୍ୟାରେ ପୁରୁଷ ସକ୍ରିୟ। ଦୁଇଜଣ ମହିଳା କେବଳ ନିଜର ଲିଙ୍ଗଗତ କାରଣରୁ ପରସ୍ପରକୁ ସାକ୍ଷାତ କରନ୍ତି ନାହିଁ। ଏହାପରେ ଜାସିଣ୍ଡା ଖବରଦାତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଯେତେବେଳେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜନ୍ କିଙ୍କ ସାକ୍ଷାତ ହୋଇଥିଲା ସେତେବେଳେ କୌଣସି ବ୍ୟକ୍ତି ତାଙ୍କୁ ଏ ପ୍ରକାର ପ୍ରଶ୍ନ କରିଥିଲେ କି? କାରଣ ସେ ସମରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ବୟସ ପାଖାପାଖି ସମାନ ଥିଲା। ନ୍ୟୁଜିଲାଣ୍ଡ ଓ ଫିନଲାଣ୍ଡ ମଧ୍ୟରେ ବାଣିଜ୍ୟଭିତ୍ତିକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବାବେଳେ ବୈଶ୍ୱିକ ସଙ୍କଟ ଜଳବାୟୁ ପରିବର୍ତ୍ତନ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ ଆଲୋଚନା ହୋଇଥିବା ଜେସିଣ୍ଡା କହିଛନ୍ତି।

ଏହି ଖବରଦାତା ସମ୍ମିଳନୀର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଜେସିଣ୍ଡା ୨୦୧୭ରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବାବେଳେ ୨୦୧୯ରେ ସନ୍ନା ମାରିନ ଫିନଲାଣ୍ଡର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ। ବିଶ୍ୱର ପାଖାପାଖି ୧୩ ରାଷ୍ଟ୍ରରେ ମହିଳା ରାଷ୍ଟ୍ରମୁଖ୍ୟ ରହିଛନ୍ତି। ୧୯୯୭ରେ ନ୍ୟୁଜିଲାଣ୍ଡ ନିଜର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କୁ ପାଇଥିବାବେଳେ ୨୦୦୦ରେ ଫିନଲାଣ୍ଡ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ ଜଣେ ମହିଳା।

# ମହିଳା ଖଣ୍ଡପୀଠରେ ବୈବାହିକ ମାମଲା

**ନୂଆଦିଲ୍ଲୀ,୧।୧୨**

### ସୁପ୍ରିମକୋର୍ଟ ଇତିହାସରେ ତୃତୀୟ

୪ ବର୍ଷର ବ୍ୟବଧାନ ପରେ ସୁପ୍ରିମକୋର୍ଟ ଏକ ଖଣ୍ଡପୀଠ ଗଠନ କରିଛନ୍ତି, ଯେଉଁଠି ୨ ଜଣ ମହିଳା ବିଚାରପତି ବୈବାହିକ ବିବାଦ ଓ ଜାମିନ ପ୍ରସଙ୍ଗରେ ସ୍ଥାନାନ୍ତର ଆବେଦନର ଶୁଣାଣି କରିବେ। ୨ ମହିଳା ବିଚାରପତି ହେଲେ ଜଷ୍ଟିସ୍ ହିମା କୋହଲି ଏବଂ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ। ମହିଳା ବିଚାରପତି ଦ୍ୱୟଙ୍କ ଖଣ୍ଡପୀଠ ଗୁରୁବାର ସର୍ବୋଚ୍ଚ ଅଦାଲତଙ୍କ କୋର୍ଟ ନଂ.୧୧ରେ ଶୁଣାଣି କରିଥିଲେ। ପୂର୍ବରୁ ତାଲିକାଭୁକ୍ତ ହୋଇଥିବା ୩୨ଟି ମାମଲା ହାତକୁ ନେଇଥିଲେ। ତହିଁରୁ ବୈବାହିକ ବିବାଦ ଓ ଜାମିନ ସମ୍ପର୍କିତ ୧୦ଟି ଲେଖାଏ ଟ୍ରାନ୍ସଫର ପିଟିଶନର ଶୁଣାଣି ହୋଇଛି। ସୁପ୍ରିମକୋର୍ଟରେ ଏହା ହେଉଛି ଏହି ଧରଣର ତୃତୀୟ ଖଣ୍ଡପୀଠ। ପୂର୍ବରୁ ୨୦୧୩ରେ ଜଷ୍ଟିସ୍ ଜ୍ଞାନସୁଧା ମିଶ୍ରା ଓ ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ ଏବଂ ୨୦୧୮ରେ ଜଷ୍ଟିସ୍ ଆର୍. ଭାନୁମତି ଓ ଇନ୍ଦିରା ବାନାର୍ଜୀଙ୍କୁ ନେଇ କେବଳ ମହିଳାଙ୍କ ଖଣ୍ଡପୀଠ ଗଠିତ ହୋଇଥିଲା। ସୁପ୍ରିମକୋର୍ଟରେ ପ୍ରଥମ ୩୯ ବର୍ଷ ଧରି କୌଣସି ମହିଳା ବିଚାରପତି ନ ଥିଲେ। ୧୯୮୯ରେ ଜଷ୍ଟିସ୍ ଫାତିମା ବିବି ପ୍ରଥମ ଥର ପାଇଁ ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ପାଇଥିଲେ। ସେହିପରି ଗତ ୭୨ ବର୍ଷର ଇତିହାସରେ ସର୍ବୋଚ୍ଚ ଅଦାଲତରେ ମାତ୍ର ୧୧ ମହିଳା ବିଚାରପତି ନିଯୁକ୍ତ ହୋଇଛନ୍ତି। ୧୯୫୦ରେ ସୁପ୍ରିମକୋର୍ଟ ପ୍ରତିଷ୍ଠା ହେବା ପରଠାରୁ ଅଦ୍ୟାବଧି କେବେହେଲେ ଏକକାଳୀନ ୪ରୁ ଊର୍ଦ୍ଧ୍ୱ ମହିଳା ବିଚାରପତି ରହିନାହାନ୍ତି। ବର୍ତ୍ତମାନ ଜଷ୍ଟିସ୍ କୋହଲି, ଜଷ୍ଟିସ୍ ତ୍ରିବେଦୀ ଏବଂ ଜଷ୍ଟିସ୍ ବି.ଭି. ନାଗରତ୍ନ ମହିଳା ବିଚାରପତି ଅଛନ୍ତି। ଜଷ୍ଟିସ୍ ନାଗରତ୍ନ ୨୦୨୭ରେ ଦେଶର ପ୍ରଥମ ମହିଳା ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିପାରନ୍ତି। ସୁପ୍ରିମକୋର୍ଟର ମୋଟ ବିଚାରପତିଙ୍କ ସଂଖ୍ୟା ୩୪ ରହିବା ସ୍ଥାନରେ ବର୍ତ୍ତମାନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ମିଶାଇ ମାତ୍ର ୨୭ ଜଣ ଅଛନ୍ତି।



ଜଷ୍ଟିସ୍ ହିମା କୋହଲି



ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ

## ଜିତିବା ପର୍ଯ୍ୟନ୍ତ ନିର୍ବାଚନ ଲଢୁଥିବି

**ଗାନ୍ଧିନଗର,୧।୧୨**



ମଗନଭାଇ ସୋଲାଙ୍କି

ଗୁଜରାଟ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଗୁରୁବାର ଶେଷ ହୋଇଛି। ବହୁ ରାଜନୈତିକ ଦଳ ରାଜ୍ୟ ଶାସନ କ୍ଷମତା ହାତେଇବାକୁ ଆଶାବାନ୍ଧି ବସିଛନ୍ତି। ଏପରିସ୍ଥିତିରେ ଗୁଜରାଟ ସବରକାଣ୍ଠା ଜିଲା ହିମତନଗର ବିଧାନସଭା ଆସନରୁ ନିର୍ବାଚନ ଲଢୁଥିବା ମଗନଭାଇ ସୋଲାଙ୍କି (୫୭)ଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି। ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ମଗନଭାଇ ନିଜ ୨.୫ ଫୁଟ୍‌ର ଦୀର୍ଘକାୟ ନିଶ ପାଇଁ ବେଶ୍ ଚର୍ଚ୍ଚିତ। ୨୦୧୭ରୁ ନିର୍ବାଚନ ଲଢ଼ିବା ଆରମ୍ଭ କରିଥିବା ମଗନଭାଇ କୌଣସି ଇଲେକ୍ସନ ଜିତି ନାହାନ୍ତି। ତାଙ୍କୁ ନିର୍ବାଚନ ଲଢ଼ିବା ପସନ୍ଦ ବୋଲି ସେ କୁହନ୍ତି। ଶେଷଥର ହିମତନଗର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ବିଧାୟକ ଥିବାବେଳେ ମଗନଭାଇ ଏହି ଆସନରୁ ଇଲେକ୍ସନ ଲଢୁଛନ୍ତି। ୫ରେ ହେବାକୁ ଥିବା ଗୁଜରାଟ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଅବସରରେ ହିମତନଗରରେ ମତଦାନ କରାଯିବ।

ଆର୍ମିରେ ଲ୍ୟୁଟନାଣ୍ଟ ଭାବେ କାର୍ଯ୍ୟ କରୁଥିବା ମଗନଭାଇ ୨୦୧୨ରେ ଅବସର ନେଇଥିଲେ। ପ୍ରଥମଥର ପାଇଁ ବହୁଜନ ସମାଜ ପାର୍ଟି ତରଫରୁ ସେ ୨୦୧୭ରେ ହିମତନଗର ଆସନରୁ ନିର୍ବାଚନ ଲଢ଼ିଥିଲେ। ଏହାପରେ ୨୦୧୯ ଲୋକ ସଭା ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହେଲେ। ନିର୍ବାଚନ ପ୍ରଚାରରେ ଗଲାବେଳେ ଲୋକେ ତାଙ୍କ ନିଶକୁ ଦେଖିବା ପାଇଁ ଗହଳି ଜମାନ୍ତି। ଛୋଟ ପିଲାଙ୍କଠୁ ଆରମ୍ଭ କରି ଯୁବପିଢ଼ି ସମସ୍ତେ ତାଙ୍କ ନିଶକୁ ଦେଖି ଆକୃଷ୍ଟ ହେଉଥିବା ମଗନଭାଇ କୁହନ୍ତି। ଦୀର୍ଘକାୟ ନିଶ ବଢ଼ାଇବାର ନୁସ୍‌କା ମଧ୍ୟ କେହି କେହି ତାଙ୍କଠାରୁ ପଚାରି ବୁଝନ୍ତି। ନିଶର ଯତ୍ନ ପାଇଁ ଚାକିରି ସମୟରେ ସରକାର ତାଙ୍କୁ ଆର୍ଥିକ ସହାୟତା ଯୋଗାଉଥିବାବେଳେ ଉଚ୍ଚାଧିକାରୀ ମଧ୍ୟ ତାଙ୍କ ନିଶକୁ ନେଇ ବହୁ ପ୍ରଶଂସା କରନ୍ତି। ଚଳିତବର୍ଷ ସେ ନିର୍ବାଚନ ଜିତିଲେ ନିଶ ରଖିବା ଲାଗି ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ ଆଇନ ପ୍ରଣୟନ କରିବା ଲାଗି ସରକାର ନିକଟରେ ଦାବି କରିବେ। ଅନ୍ୟପକ୍ଷେ ରିଟାଏର୍ଡ୍ ସେନା ଅଧିକାରୀଙ୍କ ଅସୁବିଧା ପୂରଣ ସମ୍ପର୍କରେ ବିଧାନସଭାରେ ଦାବି ଉପସ୍ଥାପନ କରିବା କଥା ସେ କହିଛନ୍ତି। ଯେ ପର୍ଯ୍ୟନ୍ତ ନିର୍ବାଚନ ଜିତି ନାହାନ୍ତି ସେ ପର୍ଯ୍ୟନ୍ତ ମଗନଭାଇ ନିର୍ବାଚନ ଲଢୁଥିବେ ବୋଲି କହିଛନ୍ତି। ପ୍ରଥମଥର ତାଙ୍କୁ ୧୦୦୦ ଭୋଟ ମିଳିଥିବାବେଳେ ଲୋକ ସଭା ନିର୍ବାଚନରେ ୨୫୦୦ ସମର୍ଥକ ତାଙ୍କୁ ଭୋଟ ଦେଇଥିଲେ। ଚଳିତ ନିର୍ବାଚନରେ ତାଙ୍କୁ ଆହୁରି ଅଧିକ ଭୋଟ ମିଳିବ ବୋଲି ସେ ଆଶାୟୀ। ଏହି ବିଧାନସଭା ଆସନରୁ ଭାଜପା ଦଳୀୟ ପ୍ରାର୍ଥୀ ବିରେନ୍ଦ୍ରସିନ ଜାଲା, କଂଗ୍ରେସର କମଲେଶଭାଇ ପଟେଲ ଏବଂ ଏଏପି ପକ୍ଷରୁ ନିର୍ମଳସିନ ପରମାଲ ଚଳିତବର୍ଷ ବିଧାନସଭା ନିର୍ବାଚନ ଲଢୁଛନ୍ତି।

## ଅଶ୍ଳୀଳ ଭିଡିଓ ଭାଇରାଲ ପରେ ଜଜ୍ ନିଲମ୍ବିତ

**ନୂଆଦିଲ୍ଲୀ,୧।୧୨**

### ଭିଡିଓର ବହୁଳ ପ୍ରସାର ଫଳରେ ବ୍ୟକ୍ତିଗତ ଅଧିକାର କ୍ଷୁଣ୍ଣ ହେବା ଆଶଙ୍କା: ହାଇକୋର୍ଟ

ଦିଲ୍ଲୀର ରାଉଜ ଏଭେନ୍ୟୁ ଆଡିଶନାଲ ସେସନ୍ସ ଜଜ୍‌ଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହେବାରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ଏହି ଭିଡିଓକୁ ହଟାଯିବା ଲାଗି ଦିଲ୍ଲୀ ହାଇକୋର୍ଟ ଜଜ୍ ଯଶୋବନ୍ତ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ବିଚାରପତି ଯଶୋବନ୍ତଙ୍କ ଜଣିକିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଭିଡିଓର ବହୁଳ ପ୍ରସାର ଫଳରେ ଆବେଦନକାରୀଙ୍କ ବ୍ୟକ୍ତିଗତ ଅଧିକାର କ୍ଷୁର୍ଣ୍ଣ ଆଶଙ୍କା ରହିଛି। ଜଜ୍ ନିଜ ଚାମ୍ବରରେ ଜଣେ ମହିଳା ସହକର୍ମୀଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓରେ ଥିବା ମହିଳା ସାମାଜିକ ଗଣମାଧ୍ୟମରେ ଭିଡିଓର ପ୍ରସାରଣ ରୋକିବା ପାଇଁ କୋର୍ଟରେ ଆବେଦନ କରିଥିଲେ। ଜଜ୍‌ଙ୍କ କାର୍ଯ୍ୟାଳୟରେ ଲାଗିଥିବା କ୍ୟାମେରାରେ ଭିଡିଓ ଉତ୍ତୋଳନ କରାଯାଇଥିବା ଜଣାପଡ଼ିଛି। ୯ ତାରିଖରେ ସ୍ୱତନ୍ତ୍ର ଚାମ୍ବରରେ ଏ ମାମଲାର ଆସନ୍ତା ଶୁଣାଣି କରାଯିବ। ଏ ନେଇ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ବେଳେ ମହିଳାଙ୍କ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି।

# ଜି୨୦ ଅଧ୍ୟକ୍ଷତାରେ ୟୁକ୍ରେନ୍ ଯୁଦ୍ଧ ବାଧକ

**ନୂଆଦିଲ୍ଲୀ,୧।୧୨**




ଭାରତ ଗୁରୁବାର ଜି୨୦ ଅଧ୍ୟକ୍ଷତା ଆନୁଷ୍ଠାନିକ ଭାବେ ଗ୍ରହଣ କରିଛି। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଯୋଗୁ ସୃଷ୍ଟ ସଙ୍କଟ ଏହି ରାଷ୍ଟ୍ର ସମୂହର ଅଧ୍ୟକ୍ଷତା କ୍ଷେତ୍ରରେ ବାଧକ ସାଜିପାରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଙ୍କେତ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଏକ ସମ୍ପାଦକୀୟରେ କହିଛନ୍ତି, ଯେତେବେଳେ ଦେଶଗୁଡ଼ିକ ଭୂଖଣ୍ଡ ଓ ସମ୍ବଳକୁ ନେଇ ଲଢ଼େଇ କରିଥାଆନ୍ତି, ସେତେବେଳେ ସାରା ବିଶ୍ୱ ଏକ ଭିନ୍ନ ମାନସିକତାରେ ଫସିଯାଇଥାଏ। ଏଭଳି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଏ। ଏହାକୁ ଦୃଷ୍ଟିରେ ରଖି ଖାଦ୍ୟ ଯୋଗାଣ ଶୃଙ୍ଖଳକୁ ରାଜନୈତିକ ପରିଧି ମଧ୍ୟରୁ ମୁକ୍ତ କରାଯିବ। ଜି୨୦ ସହଯୋଗୀମାନଙ୍କ

### ସଙ୍କେତ ଦେଲେ ମୋଦି

ସହ ପରାମର୍ଶକୁ ପ୍ରାଥମିକତା ଦିଆଯିବା ସହିତ ବଞ୍ଚିତ ବର୍ଗର ଲୋକଙ୍କ ସ୍ୱରକୁ ଶୁଣାଯିବ। ଚଳିତ ବର୍ଷର ଜି୨୦ ଅଧ୍ୟକ୍ଷତା ସମାବେଶୀ, ମହତ୍ତ୍ୱାକାଂକ୍ଷୀ ଓ ନିର୍ଣ୍ଣାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ନୂଆଦିଲ୍ଲୀର କୂଟନୈତିକ ସନ୍ତୁଳନକୁ ଦର୍ଶାଉଛି। ପ୍ରକାଶ ଯେ, ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଇଣ୍ଡୋନେସିଆର ବାଲିରେ ଜି୨୦ ନେତାଙ୍କ ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କଠାରୁ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିଥିଲେ। ବିଶ୍ୱର ମୋଟ ଘରୋଇ ଉତ୍ପାଦର ୮୦%ରୁ ଊର୍ଦ୍ଧ୍ୱ ଜି୨୦ରୁ ଆସିଥାଏ। ସେହିପରି ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଏହି ରାଷ୍ଟ୍ରଗୋଷ୍ଠୀର ୭୫ ପ୍ରତିଶତ ଅବଦାନ ରହିଛି। ବିଶ୍ୱ ଜନସଂଖ୍ୟାର ୬୦% ହେଉଛି ଜି୨୦ ରାଷ୍ଟ୍ର ସମୂହର।

### ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି



ଦ୍ରୌପଦୀ ମୁର୍ମୁ

‘ବସୁଧୈବ କୁଟୁମ୍ବକମ୍’ ବିଷୟବସ୍ତୁ ଉପରେ ଆଧାରିତ ଭାରତର ଜି୨୦ ଅଧ୍ୟକ୍ଷତା ସଫଳ ହେଉ ବୋଲି ‘ଟିମ୍ ଇଣ୍ଡିଆ’କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତକୁ ଆସିବାକୁ ଥିବା ବିଦେଶୀ ଅତିଥିମାନଙ୍କୁ ରାଷ୍ଟ୍ରପତି ମୁର୍ମୁ ‘ଅତିଥି ଦେବୋ ଭବ’ ପରମ୍ପରା ଅନୁସାରେ ସ୍ୱାଗତ ଜଣାଇଛନ୍ତି। ଜି୨୦ର ପରବର୍ତ୍ତୀ ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୯ରୁ ୧୦ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଚାଲିବ। ଏହି ଅବସରରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରାଷ୍ଟ୍ରମୁଖ୍ୟ/ପ୍ରତିନିଧିମାନେ ସାମିଲ ହେବେ।

## ଭାରତ ପାଇଁ ଐତିହାସିକ ମୁହୂର୍ତ୍ତ



ପି. କେ. ମିଶ୍ର

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଗୁରୁବାର ଭାରତର ଜି -୨୦ ଅଧ୍ୟକ୍ଷତାକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ଦେଶର ପ୍ରତିଷ୍ଠା ଓ ଖ୍ୟାତିକୁ ଉପଯୁକ୍ତ ଭାବେ ପ୍ରଦର୍ଶନ କରିବା ଆମ ଦାୟିତ୍ୱ। ଦେଶର ୫୬ ସ୍ଥାନରେ ଏହି ବୈଠକ ଆୟୋଜିତ ହେବ। ପ୍ରତ୍ୟେକ ରାଜ୍ୟ ସରକାର, କେନ୍ଦ୍ର ଶାସିତ ଅଞ୍ଚଳ ତଥା ନାଗରିକ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଅଂଶୀଦାର ବୋଲି ଏଥିରେ ନିଶ୍ଚିତ ହେବ। ଭାରତରେ ଯେତିକି ବିବିଧତା ରହିଛି ସେତିକି ସ୍ୱତନ୍ତ୍ରତା ରହିଛି। ଦେଶର ସର୍ବୋତ୍ତମ ପରମ୍ପରା ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ଆମ ଦାୟିତ୍ୱ ବୋଲି ବିଶ୍ୱବିଦ୍ୟାଳୟ କନେକ୍ଟ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମିଶ୍ର କହିଛନ୍ତି। ମିଶ୍ର ଆହୁରି କହିଛନ୍ତି, ସର୍ବବୃହତ୍ ବହୁପକ୍ଷୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଭାରତ ଗୌରବମୟ ସୁଯୋଗ ପାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ଇତିହାସ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ, କଳା ଏବଂ ଅନ୍ୟାନ୍ୟ ସାଂସ୍କୃତିକ ପରମ୍ପରା ବିଷୟରେ ତାଲିମ ଦେଇ ପାରିବେ। ଏପରି କି ବିଦ୍ୟାର୍ଥୀମାନେ ବୈଠକ ଆୟୋଜନ ତଥା ବିଦେଶୀ ପ୍ରତିନିଧିଙ୍କୁ ମାର୍ଗଦର୍ଶନ କରିବାରେ ଏକ ଅଂଶ ହୋଇପାରିବେ। ଗୁରୁତ୍ୱପୂର୍ଣ୍ଣ ଐତିହାସିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ସ୍ଥାନ ବ୍ୟତୀତ ପ୍ରକୃତି, ପଦଯାତ୍ରା, ଗ୍ରାମ୍ୟ ପରିଦର୍ଶନ, ସାପ୍ତାହିକ ତଥା ସ୍ଥାନୀୟ ବଜାର ପରିଦର୍ଶନ ଭଳି ଗଭୀର ଅନୁଭୂତି ହୋଇପାରେ। ବିଶ୍ୱବିଦ୍ୟାଳୟଗୁଡ଼ିକ ମେଧାବୀ ପିଲାଙ୍କୁ ଚୟନ କରି ଅଧିବେଶନରେ ଯୋଗାଯୋଗ ପାଇଁ ତାଲିମ ଦେଇପାରିବେ।

# ମାଆ କୋଳକୁ ଫେରିଲା ୬ ଦିନର ପୁଅ

- ତୁରନ୍ତ ପଦକ୍ଷେପ ନେଲା ସିଡବ୍ଲ୍ୟୁସି
- ନଜର ରଖିବେ ଆଶାସାଥୀ ଓ ପୋଲିସ
- ମଧ୍ୟସ୍ଥଙ୍କ ଭୂମିକା ସନ୍ଦେହରେ, ତଦନ୍ତ ହେବ

କେନ୍ଦ୍ରାପଡ଼ା ଅଫିସ, ୧।୧୨

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଶିଶୁପୁତ୍ର ନିଖୋଜ ହେବା ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିଛି । ଚାଇଲ୍ଡ ୱେଲଫେୟାର କମିଟି (ସିଡବ୍ଲ୍ୟୁସି)ର ତଦନ୍ତ ଓ ତତ୍ପରତା ଯୋଗୁ ମାଆ କୋଳକୁ ୬ ଦିନର ପୁଅ ଫେରିଛି । ତେବେ ଏହି ନିଖୋଜ ଘଟଣା ବହୁ ରହସ୍ୟ ଓ ପ୍ରଶ୍ନ ଆଗକୁ ଆଣିଛି । କେଉଁ କାରଣ ଯୋଗୁ ଶିଶୁ ପୁତ୍ରକୁ କଳାହାଣ୍ଡି ଜିଲାର ଜଣେ ବ୍ୟକ୍ତିଙ୍କୁ ଦିଆଯାଇଥିଲା ତାହାର ସ୍ପଷ୍ଟ ଉତ୍ତର ଏଯାଏ ମିଳିନାହିଁ । ସେହିପରି ଶିଶୁ ପୁତ୍ରକୁ ହସ୍ତାନ୍ତର କରିଥିବା ଗ୍ରାମର ଜଣେ ମଧ୍ୟସ୍ଥଙ୍କୁ ବର୍ତ୍ତମାନ ସୁଦ୍ଧା ତଦନ୍ତ ପରିସରକୁ ଅଣାଯାଇନାହିଁ । ଡାକ୍ତରଖାନା ଛାଡ଼ିବା ପରେ ଏହି ଶିଶୁକୁ ହସ୍ତାନ୍ତର କରାଯାଇଥିଲା । ଏଥିପାଇଁ ଟଙ୍କା କାରବାର, ଲୋକଲଜ୍ଜା ଅଥବା ଆର୍ଥିକ ପରିସ୍ଥିତି ଦାୟୀ କି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି । ତେବେ ଏ ସମ୍ପର୍କରେ ସମ୍ପୃକ୍ତ ମହିଳା କହିଛନ୍ତି, ତାଙ୍କର ଗୋଟିଏ ୨୨ ବର୍ଷର ପୁଅ ଅଛି । ସେହିପରି ଝିଅର ବୟସ ୧୭ । ଗତ ୨୫ ତାରିଖରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ସ୍ୱାମୀ ପକ୍ଷାଘାତ ରୋଗରେ ପୀଡ଼ିତ ଥିବାରୁ ଆର୍ଥିକ ପରିସ୍ଥିତି ଦୁର୍ବଳ ହୋଇଛି। ପୁଅର ଲାଳନପାଳନ ପାଇଁ କଳାହାଣ୍ଡି ଜିଲାରେ ଥିବା ମାଉସୀ ଝିଅ ଭଉଣୀଙ୍କୁ ଦେଇଥିଲି । ଏବେ ପୁଅ ମୋ କୋଳକୁ ଫେରି ଆସିବା ପରେ ଖୁସି ଲାଗୁଛି । ଆଉ କାହାକୁ ଲାଳନପାଳନ ପାଇଁ ହସ୍ତାନ୍ତର କରାଯିବ ନାହିଁ । ଏହି ହସ୍ତାନ୍ତରରେ ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀ ସହାୟତା କରିଥିଲେ ବୋଲି ସେ ପ୍ରକାଶ କରିବା ସହ ପୁଅ ବିକ୍ରି ହୋଇ ନ ଥିବା କହିଛନ୍ତି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ରାଧାକାନ୍ତ ମହାନ୍ତି, ମାନବାଧିକାର କର୍ମୀ ସାଗର ଜେନା, ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ ପ୍ରମୁଖ କହିଛନ୍ତି, ଏହି ଶିଶୁ ହସ୍ତାନ୍ତର ଘଟଣା ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ତଦନ୍ତ ହେଲେ ଶିଶୁ ଚାଲାଣ ଘଟଣାର ରହସ୍ୟ ଖୋଲିବ । ସିଡବ୍ଲ୍ୟୁସି ସଦସ୍ୟା ତଥା ଏହି କମିଟିର ପୂର୍ବତନ ଅଧ୍ୟକ୍ଷା ସ୍ମିତାଞ୍ଜଳି ମହାପାତ୍ର କହିଛନ୍ତି, ଶିଶୁର ଲାଳନ ପାଳନ ପ୍ରତି ସମ୍ପୃକ୍ତ ଗ୍ରାମର ଆଶା ଓ ପୋଲିସଙ୍କୁ ନଜର ରଖିବାକୁ ଚିଠି ହେବ। ଏଥିସହିତ ଘଟଣାର ତଦନ୍ତ ପାଇଁ କମିଟି ଅଧ୍ୟକ୍ଷ ଭଗବତୀ ପ୍ରସାଦ ଦାସ ଓ ସ୍ଥାନୀୟ ପୋଲିସକୁ ଚିଠି ଲେଖାଯିବ । ଗତ ନଭେମ୍ବର ୨୫ରେ ସମ୍ପୃକ୍ତା ମହିଳା ଶିଶୁପୁତ୍ର ଜନ୍ମ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରକୁ ଫେରିଥିଲେ । ତେବେ ଘରେ ପହଞ୍ଚିବା ସମୟରେ ପୁଅ ସାଥିରେ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହୋଇଥିଲା । ଏହି ଘଟଣା ନଜରକୁ ଆସିବା ପରେ କମିଟି ପକ୍ଷରୁ ତଦନ୍ତ ପାଇଁ ଏକ ଟିମ୍ ଗଠନ ହୋଇଥିଲା। ଚାଇଲ୍ଡ ଲାଇନ କୋଅର୍ଡିନେଟର ବାଣୀପ୍ରିୟା ପଣ୍ଡା, ଟିମ୍ ଲିଡର ଅମରେଶ ପାଣି, ସ୍ୱେଚ୍ଛାସେବୀ ସନ୍ଦୀପ କୁମାର ସିଂ, ଆଶାସାଥୀ ମଞ୍ଜୁଲତା ସାମଲ ଓ ଆଳି ଆଇଆଇସି ଦିଲ୍ଲୀପ କୁମାର ସାମଲଙ୍କ ସହଯୋଗରେ ବୁଧବାର ସନ୍ଧ୍ୟାରେ ଶିଶୁପୁତ୍ରକୁ ଆଣି ମାଆଙ୍କୁ ଦିଆଯାଇଥିଲା। ଗୁରୁବାର ଏହି ଦମ୍ପତି କାର୍ଯ୍ୟାଳୟରେ ହାଜର ହୋଇ ପୁଅର ଦାୟିତ୍ୱ ନେଇଥିବା ଲିଖିତ ଆକାରରେ ଜଣାଇଛନ୍ତି । ଅପରପକ୍ଷେ ଶିଶୁର ଯତ୍ନରେ ସମସ୍ୟା ଥିଲେ ସରକାରଙ୍କ ପକ୍ଷରୁ କେଉଁ ପ୍ରକାର ସହଯୋଗ ଦିଆଯାଇପାରିବ ବୋଲି ସମ୍ପୃକ୍ତ ଦମ୍ପତିଙ୍କୁ ଜଣାଇ ଦିଆଯାଇଥିବା ସଦସ୍ୟା ମହାପାତ୍ର ପ୍ରକାଶ କରିଛନ୍ତି ।


ସିଡବ୍ଲ୍ୟୁସି ସଦସ୍ୟଙ୍କ ସହିତ ଉଦ୍ଧାର ଶିଶୁ ମା'କୋଳରେ ।

# ଗ୍ୟାରେଜ ମାଲିକ, ପୁଅ ସହ ୫ ଗିରଫ

ନାଉଗାଁ,୧।୧୨(ସ୍ୱ.ପ୍ର):

ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତସ୍ଥିତ ଧମିଲାପାରୀରେ ନଭେମ୍ବର ୨୭ ରାତିରେ ପ୍ରକାଶ ମଲ୍ଲିକଙ୍କ ଘରୁ ପଲସର ବାଇକ ଚୋରି ହୋଇଯାଇଥିଲା। ଏନେଇ ୨୮ରେ ପ୍ରକାଶ ଥାନାରେ ଅଭିଯୋଗ କରିଥିଲେ।

ଏହି ଘଟଣାରେ ଜଣେ ଗ୍ୟାରେଜ ମାଲିକ ଓ ତାଙ୍କ ପୁଅଙ୍କ ସମେତ ଗ୍ୟାରେଜ ମିସ୍ତ୍ରୀ ଏବଂ ଅନ୍ୟ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ଗୌଡୁଣୀ ପଡିଆର ବ୍ରହ୍ମାନନ୍ଦ ନାଥ(୫୨)ଓରଫ କୁନିଆ, ପୁଅ ଜୀବନ ନାଥ(୨୪), ଗ୍ୟାରେଜ ମିସ୍ତ୍ରୀ ତଥା ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଛଣାହାଟର ନରେଶ ବେହେରା(୪୪), ବାଲିକୁଦା ଥାନା ଅଢ଼ଙ୍ଗା(କୋଳଦା)ର ମୃତ୍ୟୁଞ୍ଜୟ ମହାନ୍ତି(୨୮) ଓରଫ ପପୁ ଏବଂ କାକଟପୁର ଥାନା ଅନ୍ତର୍ଗତ ସୋମନାଥପୁରର କୃତ୍ତିବାସ କାଣ୍ଡି(୫୨) ଓରଫ କର୍ଣ୍ଣ । ମୃତ୍ୟୁଞ୍ଜୟ ଓ କୃତ୍ତିବାସ ବିଭିନ୍ନ ସ୍ଥାନରୁ ଗାଡ଼ି ଚୋରି କରି ବ୍ରହ୍ମାନନ୍ଦଙ୍କ ଗ୍ୟାରେଜରେ ବିକ୍ରି କରୁଥିଲେ। ଏହାପରେ ଉକ୍ତ ଗ୍ୟାରେଜରେ ଚୋରି ଗାଡ଼ିର ବିଭିନ୍ନ ଯନ୍ତ୍ରାଂଶ ଖୋଲି ବାହାର କରି ଦିଆଯାଉଥିଲା ବୋଲି ଅଭିଯୁକ୍ତମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପ୍ରକାଶଙ୍କ ଅଭିଯୋଗ ପରେ ଥାନାଧିକାରୀ ଅନିରୁଦ୍ଧ ନାୟକ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ। ପ୍ରକାଶଙ୍କ ଗାଡି ଗୌଡୁଣୀ ପଡିଆସ୍ଥିତ ଏକ ଗ୍ୟାରେଜରେ ଥିବା ନେଇ ପୋଲିସକୁ କୌଣସି ସୂତ୍ରରୁ ଖବର ମିଳିଥିଲା। ପ୍ରକାଶଙ୍କୁ ନିଜର ଗାଡ଼ି ଚିହ୍ନଟ କରିବା ପାଇଁ ସେଠାକୁ ପଠାଯାଇଥିଲା। ପ୍ରକାଶ ଗାଡ଼ି ଚିହ୍ନଟ କରିବା ପରେ ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ଗ୍ୟାରେଜରେ କଟାଯାଇଥିବା ଯନ୍ତ୍ରାଂଶଗୁଡ଼ିକୁ ଜବତ କରାଯାଇଛି।


ଗିରଫ ହୋଇଥିବା ୫ ଅଭିଯୁକ୍ତ ।

## ଗାଡ଼ି ଚୋରି ଘଟଣା

## ବିରଳ ପକ୍ଷୀକୁ ଉଦ୍ଧାର କଲା ବନ ବିଭାଗ

ବରୀ,୧।୧୨(ଡି.ଏନ.ଏ.):

ବରୀ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତର ବିରୂପା ନଦୀ ପଠାରୁ ଠାବ ହୋଇଥିବା ଏକ ବିରଳ ପକ୍ଷୀକୁ ଗୁରୁବାର ବନ ବିଭାଗ ଉଦ୍ଧାର କରିଛି। ପକ୍ଷୀଟି ବୁଧବାର କୌଣସି କାରଣବଶତଃ ନଦୀ କୂଳ ବାଲି ଘାଟରେ ବସିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ପକ୍ଷୀଟିକୁ ଦେଖିବାକୁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ବରୀ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଅରବିନ୍ଦ ରାଉତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପକ୍ଷୀକୁ ଆଣି ନିଜ ହେପାଜତରେ ରଖିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବନ ବିଭାଗ କର୍ମଚାରୀ ଜ୍ୟୋତିରଞ୍ଜନ ମହାପାତ୍ର ପହଞ୍ଚିଥିଲେ। ଉକ୍ତ ପକ୍ଷୀଟିକୁ ସ୍ଥାନୀୟ ଲୋକେ ଶାଗୁଣା ବୋଲି କହୁଛନ୍ତି। ବନ ବିଭାଗ ଅଧିକାରୀ ମଧ୍ୟ ଏହାକୁ ଶାଗୁଣା ବୋଲି ପ୍ରକାଶ କରିଛନ୍ତି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅର୍ଚ୍ଚନା


@ ମୁନି


@ ନୀଳମାଧବ


@ ପ୍ରଦେଶ


@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଥାଲାସେମିଆ ରୋଗରେ ପୀଡ଼ିତ ପୁଅ

ଝୁମ୍ପୁରି,୧।୧୨(ଡି.ଏନ୍.ଏ.):

**ଜୀବନ ବଞ୍ଚାଇବାକୁ ମା'ବାପାଙ୍କ ଆକୁଳ ନିବେଦନ**

- ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଦଶରଥପୁର ବ୍ଲକ୍ ଜାଫରପୁର ପଞ୍ଚାୟତସ୍ଥ ଜାଫରପୁର ଗ୍ରାମର ପିପିନ ମଲ୍ଲିକ ଜଣେ ଦିନ ମଜୁରିଆଭାବେ ଜୀବନ ଅତିବାହିତ କରୁଛନ୍ତି। ସ୍ୱାମୀସ୍ତ୍ରୀଙ୍କ ସହ ଦୁଇ ପୁଅ ଓ ଜଣେ ଭିନ୍ନକ୍ଷମ ଝିଅକୁ ନେଇ ତାଙ୍କର ସଂସାର ଚଳୁଥିବାବେଳେ ବଡ଼ ପୁଅକୁ ଥାଲାସେମିଆ ରୋଗ ହୋଇଥିବା ଜଣାପଡ଼ିବା ପରେ ପିପିନଙ୍କ ମୁଣ୍ଡରେ ବଜ୍ର ପଡ଼ିଛି । ମାସକୁ ମାସ ଏହି ଆକ୍ରାନ୍ତ ପୁଅର ରକ୍ତ ବଦଳା ଯାଉଥିବାବେଳେ ପ୍ରାୟ ୮ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଔଷଧ ଦରକାର ହେଉଛି। ମାତ୍ର ପିପିନଙ୍କ ପରି ଜଣେ ଗରିବ ବ୍ୟକ୍ତି ପାଇଁ ଏତେ ବ୍ୟୟବହୁଳ ଚିକିତ୍ସା ସମ୍ଭବ ହେଉନାହିଁ। ଏତେ ଟଙ୍କା କେଉଁଠୁ ଆଣିବେ ଓ ପୁଅର ଚିକିତ୍ସା କରିବେ ତାହାକୁ ଭାବି ଭାବି ସେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଏପରି ସ୍ଥିତିରେ ତାଙ୍କୁ ନା କୌଣସି ସରକାରୀ ସାହାଯ୍ୟ ମିଳୁଛି ନା ତାଙ୍କ ପାଖରେ ପଇସା ଅଛି ପୁଅର ଚିକିତ୍ସା କରିବାକୁ। ଅର୍ଥ ସେମାନଙ୍କ ଚିକିତ୍ସାରେ ବାଧକ ସାଜିଛି। ତେଣୁ ପୁଅର ଜୀବନ ବଞ୍ଚାଇବା ପାଇଁ ମା'ବାପା ଆକୁଳ ନିବେଦନ କରିଛନ୍ତି।


ପରିବାର ସଦସ୍ୟଙ୍କ ସହ ପିପିନ୍।

# ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ।

ରାଜନଗର,୧।୧୨(ଡି.ଏନ.ଏ.)

ଗୁରୁବାର ଭିତରକନିକାର ପେଣ୍ଠଠାରେ ଇକୋ ରିଟ୍ରିଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା ପୌରୋହିତ୍ୟ କରିଥିଲେ। ଉତ୍ସବରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଏଡିଏମ୍ ପିତାମ୍ବର ସାମଲ, କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମ୍ୟୁନିସପାଲିଟି ଚେୟାରମ୍ୟାନ ହେମନ୍ତ କୁମାର ସାହୁ, ରାଜନଗର ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡିଓ ରବିନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଖବରଦାତା ଭାସ୍କର ରାଉତରାୟ, ହାତିନା ପଞ୍ଚାୟତ ସମିତି ସଭ୍ୟା ଉତ୍ତମା ସେଠୀ, ପର୍ଯ୍ୟଟନ ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

ଇକୋ ରିଟ୍ରିଟ କିପରି ସଫଳ ହେବ, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଭିତରକନିକାର ଇକୋ ରିଟ୍ରିଟକୁ ଆସିବାକୁ ବୁକିଂ କରିଥିବା ଓ ଇଚ୍ଛା ପ୍ରକାଶ କରିଥିବା ପର୍ଯ୍ୟଟକ ଯେପରି ସକାରାତ୍ମକ ଓ ନିଆରା ଅନୁଭୂତି ନେଇ ଫେରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଅନ୍ୟସ୍ଥାନ ଅପେକ୍ଷା ଭିତରକନିକା ଇକୋ ରିଟ୍ରିଟ ବିଗତ ବର୍ଷରେ ଅଧିକ ସଫଳ ହୋଇଥିଲା। ଭିତରକନିକା ଇକୋ ରିଟ୍ରିଟକୁ ଆସୁଥିବା ପର୍ଯ୍ୟଟକମାନେ ଦିନରେ ଭିତରକନିକାରେ ମିନି ଆମାଜନର ଅନୁଭୂତି ସାଉଁଟିବେ ଓ ରାତିରେ ବଙ୍ଗୋପସାଗର ବେଳାଭୂମିରେ ମଜା ଉଠାଇ ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୨୦୨୦ରୁ ଭିତରକନିକାର ନଳିତାପାଟିଆଠାରେ ଇକୋ ରିଟ୍ରିଟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଅନ୍ୟ ସ୍ଥାନ ଅପେକ୍ଷା ନଳିତାପାଟିଆ ଇକୋ ରିଟ୍ରିଟ ଅଧିକ ସଫଳ ହୋଇଥିଲା। ଗତବର୍ଷଠାରୁ ନଳିତାପାଟିଆ ପରିବର୍ତ୍ତେ ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ ଆୟୋଜନ କରାଯାଉଛି। କୋଣାର୍କ ପରି ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିରେ ରାତ୍ରି ରହଣି ସହିତ ବେଳାଭୂମିର ଶୋଭା ଉପଭୋଗ କରିପାରୁଛନ୍ତି।

## ମଜା ଉଠାଇବେ ପର୍ଯ୍ୟଟକ

ପ୍ରକୃତି ପ୍ରେମୀ ପର୍ଯ୍ୟଟକମାନେ ଭିତରକନିକା ଭ୍ରମଣ ଓ ଜଳଯାତ୍ରା କରିବାକୁ ପସନ୍ଦ କରିଥାନ୍ତି। ଇକୋ ରିଟ୍ରିଟରେ ରହିବାକୁ ବୁକିଂ କରିଥିବା ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳପଥ ଓ ସ୍ଥଳପଥରେ ଭିତରକନିକାର ପରିଭ୍ରମଣର ସୁଯୋଗ ଦିଆଯିବ। ଇକୋ ରିଟ୍ରିଟ ସ୍ଥଳରେ ଭାସମାନ ରେସ୍ତୋରାଁରେ ଜଳପାନ ଠୁଁ ଆରମ୍ଭ କରି ଯୋଗ କରିବାର ନିଆରା ଅନୁଭୂତି ସାଉଁଟିବେ। ପର୍ଯ୍ୟଟକମାନେ ସମୁଦ୍ର ସ୍ନାନର ମଜା ନେବା ସହ ବଣଭୋଜି କରି ଆତ୍ମତୃପ୍ତିରେ ଫେରିଥାନ୍ତି। ପେଣ୍ଠ ପ୍ରବେଶ ପଥରେ ଆରାଧ୍ୟ ପ୍ରଭୁ ଶ୍ରୀବନବିହାରୀଜୀଉ ମନ୍ଦିର ଓ ଶିବ ମନ୍ଦିର ରହିଛି। ଏଠାରେ ଓଡ଼ିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ୫୦୫ ମିଟରର ଜିଓ ସିନ୍ଥେଟିକ ୱାଲ ରହିଛି। ଝାଉଁ ଜଙ୍ଗଲ ସହିତ ସମୁଦ୍ରରେ ୬ ପ୍ରଜାତିର ଡଲଫିନଙ୍କ ଜଳକ୍ରୀଡା ପର୍ଯ୍ୟଟକଙ୍କୁ ଭରପୁର ଆନନ୍ଦ ଦେଇଥାଏ। ପେଣ୍ଠର ଗୋଟିଏ ପଟରେ ବରୁଣେଇ ମୁହାଁଣ ଥିବା ବେଳେ ଅନ୍ୟପଟେ ରହିଛି ଭିତରକନିକା ଜାତୀୟ ଉଦ୍ୟାନ। ୩ କିଲୋମିଟର ବ୍ୟାପ୍ତ ବିସ୍ତୀର୍ଣ୍ଣ ବେଳାଭୂମି ଓ ବେଳାଭୂମିରେ ନାଲି କଙ୍କଡା କଉଡୁକିଆ ଖେଳ ଇକୋ ରିଟ୍ରିଟକୁ ଆସୁଥିବା ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବ। ବଙ୍ଗୋପସାଗରରେ ଅଲିଭରିଡଲେଙ୍କ ଜଳକ୍ରୀଡା ଓ ବେଳାଭୂମିରେ ଅଣ୍ଡା ଦେବାର ବିରଳ ଦୃଶ୍ୟ ଦେଖିବାକୁ ପାଇବେ। ଇକୋ ରିଟ୍ରିଟ ସ୍ଥଳରେ ଚଳିତବର୍ଷ ୨୫ଟି କଟେଜର ବ୍ୟବସ୍ଥା କରାଯାଇଛି। ୨୦ଟି ଡିଲକ୍ସ କଟେଜ ଥିବା ବେଳେ ୫ଟି ପ୍ରିମିୟମ ସୁଇସ କଟେଜ ରହିଛି। କଟେଜଗୁଡିକ ବିଳାସପୂର୍ଣ୍ଣ କରାଯାଇଛି।

# କଳା ତାଲିକାଭୁକ୍ତ ହୋଇପାରନ୍ତି ୩ ଆଉଟ୍ ସୋର୍ସିଂ ସଂସ୍ଥା

■ ଲାଇସେନ୍ସ ନ ନେଇ କରିଛନ୍ତି ଠିକା କର୍ମଚାରୀ ନିଯୁକ୍ତି
■ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତି କଲେ ଲାଇସେନ୍ସ ବାଧ୍ୟତାମୂଳକ
■ ଶ୍ରମ ଆଇନର ଉଲ୍ଲଂଘନ ଯୋଗୁ ବଢ଼ୁଛି ଚିନ୍ତା
■ ଶ୍ରମ କାର୍ଯ୍ୟାଳୟକୁ ଚିଠି ଲେଖି ସୁପାରିସ କରିଥିଲେ ସିଡିଏମ୍ଓ

ନୟାଗଡ଼ ଅଫିସ,୧।୧୨

ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକା କର୍ମଚାରୀ ନିଯୁକ୍ତି କରିଥିବା ୩ ଆଉଟ ସୋର୍ସିଂ ସଂସ୍ଥା ପାଣିକୋଇଲିର ଭାରତ ସିକ୍ୟୁରିଟ ସର୍ଭିସ, ନୂଆଦିଲ୍ଲୀର ଓରିଅନ ସିକ୍ୟୁରିଟ୍ ପ୍ରାଇଭେଟ, ଭୁବନେଶ୍ୱରର ଜଗନ୍ନାଥ ପ୍ରସାଦ ନର୍ସରୀ କଳା ତାଲିକାଭୁକ୍ତ ହେବାକୁ ଯାଉଛନ୍ତି। ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲେ ହେଁ ଏହି ସଂସ୍ଥାଗୁଡିକ ଶ୍ରମ ବିଭାଗରୁ ଲାଇସେନ୍ସ ନେଇ ନ ଥିବାରୁ ଶ୍ରମ ଆଇନର ଉଲ୍ଲଂଘନ କରି ଫସିଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ୩ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରମ ବିଭାଗକୁ ଚିଠି ଲେଖିଥିଲେ। ଠିକା ଶ୍ରମିକଙ୍କ ଅଭିଯୋଗ ଓ ସିଡିଏମ୍ଓଙ୍କ ଚିଠି ପାଇବା ପରେ ଶ୍ରମ ବିଭାଗ ପକ୍ଷରୁ ଆଇନଗତ ପଦକ୍ଷେପ ନେବାକୁ ଉଦ୍ୟମ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ସରକାରୀ ହେଉ ଅଥବା ବେସରକାରୀ ସଂସ୍ଥାରେ ୨୦ରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦିଆଗଲେ ଆଉଟ ସୋର୍ସିଂ ସଂସ୍ଥା ଶ୍ରମ କାର୍ଯ୍ୟାଳୟରୁ ଲାଇସେନ୍ସ ନେବା ବାଧ୍ୟତାମୂଳକ। ଶ୍ରମ ବିଭାଗର ଲାଇସେନ୍ସ ନ ଥିଲେ ଠିକା ନିଯୁକ୍ତି ଦିଆଯାଇ ପାରିବ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ୫୦କୁ ବର୍ଦ୍ଧିତ ହୋଇଛି। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରତ ସିକ୍ୟୁରିଟି ସର୍ଭିସ ପାଣିକୋଇଲି ସଂସ୍ଥା ୧୭୩ଜଣ, ଓରିଅନ ସିକ୍ୟୁରିଟ୍ ପ୍ରାଇଭେଟ ନୂଆଦିଲ୍ଲୀ ୮୩ଜଣ, ଜଗନ୍ନାଥ ପ୍ରସାଦ ନର୍ସରୀ ଭୁବନେଶ୍ୱର ୧୫୦ଜଣ, ଅନଶିକା ସର୍ଭିସ ଭୁବନେଶ୍ୱର ୧୭ଜଣ, ଏକଜ୍‌କ୍ୟୁଟିଭ ସିକୁରିଟ ସର୍ଭିସ ପ୍ରାଇଭେଟ ଲିମିଟେଡ ସଂସ୍ଥା ୧୫ଜଣଙ୍କୁ ନିଯୁକ୍ତି କରିଛି। ୩ ବର୍ଷ ତଳେ ପାଣିକୋଇଲିର ଭାରତ ସିକ୍ୟୁରିଟ ସର୍ଭିସ, ନୂଆଦିଲ୍ଲୀର ଓରିଅନ ସିକ୍ୟୁରିଟ୍ ପ୍ରାଇଭେଟ, ଭୁବନେଶ୍ୱରର ଜଗନ୍ନାଥ ପ୍ରସାଦ ପ୍ରମୁଖ ଆଉଟ ସୋର୍ସିଂ ସଂସ୍ଥା ୨୦ରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀଙ୍କୁ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦେଇଥିଲେ। ଶ୍ରମ ବିଭାଗରୁ ଲାଇସେନ୍ସ ନ ନେଇ କିପରି ଠିକା ନିଯୁକ୍ତି ଦେଲା ତାହା ଏବେ ତଦନ୍ତସାପେକ୍ଷ। ୩ ବର୍ଷ ତଳର ତତ୍କାଳୀନ ସିଡିଏମ୍ଓ କାହିଁକି ୩ ଆଉଟସୋର୍ସିଂ ସଂସ୍ଥାକୁ ଅନୁକମ୍ପା ଦେଖାଇଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ସିଡିଏମ୍ଓ ଆସିଲେ ସେ ବି କାହିଁକି ନୀରବ ରହିଲେ ତାକୁ ନେଇ ବିବାଦ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ୩ଟି ଆଉଟ ସୋର୍ସିଂ ସଂସ୍ଥାର ସମୟ ସୀମା ଶେଷ ହୋଇ ପୁଣି ସେମାନଙ୍କର ଅବଧି କିଛି ଦିନ ବୃଦ୍ଧି କରାଯାଇଥିଲେହେଁ ଶ୍ରମ କାର୍ଯ୍ୟାଳୟରୁ ଲାଇସେନ୍ସ ନେଲେ ନାହିଁ। ଡିସେମ୍ବର ୨୪ରେ ୩ ଆଉଟ ସୋର୍ସିଂ ସଂସ୍ଥାର ଅବଧି ଶେଷ ହେବ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କହନ୍ତି, ସ୍ୱାସ୍ଥ୍ୟ ବିଭାଗରେ ପାଣିକୋଇଲିର ଭାରତ ସିକ୍ୟୁରିଟ ସର୍ଭିସ, ନୂଆଦିଲ୍ଲୀର ଓରିଅନ ସିକ୍ୟୁରିଟ୍ ପ୍ରାଇଭେଟ, ଭୁବନେଶ୍ୱରର ଜଗନ୍ନାଥ ପ୍ରସାଦ ପ୍ରମୁଖ ଆଉଟ ସୋର୍ସିଂ ସଂସ୍ଥା ସେମାନଙ୍କ ଠିକା କର୍ମଚାରୀ ନିଯୁକ୍ତି ଦେଇଥିଲେହେଁ ନିଜ କର୍ମଚାରୀଙ୍କୁ ଠିକରେ ଦରମା ଦେଲେ ନାହିଁ। ପୁଣି ଇଏସ୍ଆଇ ଓ ଇପିଏଫ୍ ଡିପୋଜିଟ୍ କରି ନାହାନ୍ତି। ବାରମ୍ବାର ୩ଟି ଯାକ ଆଉଟ୍ ସୋର୍ସିଂ ସଂସ୍ଥାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସହଯୋଗ ମିଳିଲା ନାହିଁ। ପୁଣି କାରଣଦର୍ଶାଅ ନୋଟିସ୍ ପରେ ବି ସୁଫଳ ମିଳିଲା ନାହିଁ। ଏଣୁ ବ୍ଲାକ ଲିଷ୍ଟ ଘୋଷଣା ପାଇଁ ଶ୍ରମ କାର୍ଯ୍ୟାଳୟକୁ ଅବଗତ କରାଯାଇଛି। ଅନ୍ୟପକ୍ଷେ ଆଉଟ ସୋର୍ସିଂ ସଂସ୍ଥାଗୁଡିକର ସମୟ ସୀମା ଶେଷ ହୋଇ ଯାଇଥିବାରୁ ନୂଆ ସଂସ୍ଥା ପୁଣି ନୂଆ ନିଯୁକ୍ତି ଦେବ। ଏଥିପାଇଁ ପ୍ରସ୍ତୁତି ଜାରି ରହିଛି। ନୂଆ ସଂସ୍ଥା ନିଯୁକ୍ତି ଦେବାବେଳେ ଶ୍ରମ ଆଇନ ଯେପରି ଉଲ୍ଲଂଘନ ହୋଇ ନ ଥିବ ଓ ସରକାରୀ ନୀତି ନିୟମ ଭିତରେ ସବୁ କାର୍ଯ୍ୟ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କୁହନ୍ତି, ସଂଶୋଧିତ ଆଇନ ଅନୁସାରେ ୫୦ରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀ ନିଯୁକ୍ତି କଲେ ଶ୍ରମ ବିଭାଗରୁ ଆଉଟ ସୋର୍ସିଂ ସଂସ୍ଥା ଲାଇସେନ୍ସ ନେବା ବାଧ୍ୟତାମୂଳକ। ବିନା ଲାଇସେନ୍ସରେ ସଂପୃକ୍ତ ସଂସ୍ଥା ନିଯୁକ୍ତି ଦେଇ ପାରିବେ ନାହିଁ। ଠିକା କର୍ମଚାରୀଙ୍କ ଅଭିଯୋଗ ଓ ସିଡିଏମ୍ଓଙ୍କ ପତ୍ର ପାଇବା ପରେ ଶ୍ରମ ଆଇନର ଉଲ୍ଲଂଘନ ହୋଇଥିବା ଜଣାପଡିଛି। ଆଇନ ଉଲ୍ଲଂଘନ କରିଥିବା ଆଉଟ ସୋର୍ସିଂ ସଂସ୍ଥାକୁ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ଠିକା କର୍ମଚାରୀ କିପରି ସେମାନଙ୍କ ଦରମା ପାଇ ପାରିବେ ସେନେଇ ପଦକ୍ଷେପ ନିଆଯାଉଛି। ଶ୍ରମ ଆଇନର ଉଲ୍ଲଂଘନ ହୋଇଥିବାରୁ ଆଇନର ବିଭିନ୍ନ ଦିଗକୁ ଅନୁଧ୍ୟାନ କରାଯାଉଛି ବୋଲି ସେ କହିଛନ୍ତି।

# ଏଡ୍ସ ସଚେତନତା ସୃଷ୍ଟି କଲେ ଛାତ୍ରୀ



ଛାତ୍ରୀମାନେ ସଚେତନତା ରାଲିରେ ଗ୍ରାମ ପରିକ୍ରମା କରୁଛନ୍ତି।

ଖଣ୍ଡପଡ଼ା,୧।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ସହର ମହିଳା କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। କନିଷ୍ଠ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବ୍‌ର ମିଳିତ ଆନୁକୁଲ୍ୟରେ ଆୟୋଜିତ ସଭାରେ ଯୁକ୍ତ ୨ କଲେଜ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଡ଼ାକ୍ତର ପ୍ରଦୀପ କୁମାର ପାଇକରାୟ ଯୋଗଦେଇ ବିଶ୍ୱ ଏଡ୍ସ ଦିବସ ଓ ଏହାର ଭୟବହତା ଉପରେ ଆଲୋଚନା କରିବା ସହିତ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା,ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ରେଡ୍ ରିବନ କ୍ଲବ ଇନ୍‌ଚାର୍ଜ ଅଧ୍ୟାପିକା ଝରଣା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଡିଓ ସାହୁ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରି ଜନସଚେତନତା ସୃଷ୍ଟି କରିଥିଲେ। ଅଧ୍ୟାପକ ଡ. ଅଜିତ ବସନ୍ତରାୟ, ବିରଞ୍ଚି କୁମାର ମହାରଣା, ଅଧ୍ୟାପିକା ତୃପ୍ତିପ୍ରିୟା ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମହିଳାଙ୍କୁ ବିଷ ପିଆଇ ହତ୍ୟା

## ୪ଜଣଙ୍କ ବିରୋଧରେ ମାମଲା ରୁଜୁ

ନୟାଗଡ଼ ଅଫିସ,୧।୧୨

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିପଡ଼ା ଫାଣ୍ଡି ଭାଲିଆଡିହି ଗାଁରେ ନୟାଗଡ଼ ପୁରୁଣାସହରର ରଶ୍ମିତା ମହାନ୍ତି ନାମକ ଜଣେ ମହିଳାଙ୍କୁ ବିଷ ପିଆଇ ହତ୍ୟା କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ଭାଲିଆଡିହି ଗାଁର ପ୍ରସନ୍ନ ନାୟକ ସମେତ ପ୍ରସନ୍ନଙ୍କ ବାପା, ମା, ସ୍ତ୍ରୀଙ୍କ ବିରୋଧରେ ଏକ ମାମଲା(ନଂ. ୧୫୫/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଟାଉନ ଥାନା ଅଧୀନ ନୟାଗଡ଼ ପୁରୁଣାସହର ଭାଲୁ ମହାନ୍ତିଙ୍କ ସ୍ତ୍ରୀ ରଶ୍ମିତାଙ୍କ ବାପଘର ଗୋଡିପଡ଼ା ଫାଣ୍ଡି ଭାଲିଆଡିହି ଗାଁରେ। ରଶ୍ମିତା ଭାଲିଆଡିହି ଗାଁର ପ୍ରସନ୍ନ ନାୟକଙ୍କ ଘରକୁ ଗତ ୨୮ ତାରିଖ ଅପରାହ୍ନରେ ଯାଇଥିଲେ। ପ୍ରସନ୍ନଙ୍କ ଘରକୁ ଯିବାର କାରଣ ଜଣାପଡିନି। ସେଠାରୁ ଫେରିବା ପରେ ରଶ୍ମିତାଙ୍କୁ ସେମାନେ ବିଷ ପିଆଇ ଦେଇଥିବା ଜଣାପଡିଥିଲା। ମା'ମଞ୍ଜୁବାଳା ଝିଅ ରଶ୍ମିତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଏମ୍ସରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅନ୍ୟପକ୍ଷେ ମା'ମଞ୍ଜୁବାଳାଙ୍କ ଅଭିଯୋଗ କ୍ରମେ ଶରଣକୁଳ ଥାନାରେ ମାମଲା ରୁଜୁ ହୋଇଛି। ରଶ୍ମିତାଙ୍କ ୧୫ ବର୍ଷର ଝିଅ ଓ ୧୩ ବର୍ଷର ପୁଅ ଅଛନ୍ତି। ରଶ୍ମିତା କେଉଁଥିପାଇଁ ନୟାଗଡ଼ରୁ ଭାଲିଆଡିହି ଆସିଥିଲେ, ହତ୍ୟା ପଛର କାହାଣୀ କ'ଣ ହୋଇ ପାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ରଶ୍ମିତାଙ୍କ ହତ୍ୟା ପଛର କାରଣ କ'ଣ ପଚରାଉଚୁରା ସହ ତଦନ୍ତ ଚାଲିଛି। ପୁଣି ବ୍ୟବଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି।

# ଶରଣକୁଳରେ ୧୧ ଘଣ୍ଟା ବିଦ୍ୟୁତ୍ କାଟ

**ନୟାଗଡ଼ ଅଫିସ,୧।୧୨:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଶରଣକୁଳ ଓ ଆଖପାଖ ଅଞ୍ଚଳରେ ଗୁରୁବାର ୧୧ ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ ହୋଇଛି। ଗୁରୁବାର ସକାଳ ୯ଟାରୁ ଲାଇନ କଟି ରାତି ୯ଟରେ ଫେରିଥିଲା। ତେବେ ମଝିରେ ଅପରାହ୍ନରେ ୧ ଘଣ୍ଟା ବିଦ୍ୟୁତ୍ ଆସିଥିଲା। ଜିଲାରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ ଦେଖା ଦେଇଛି। ଶରଣକୁଳର ବିଦ୍ୟୁତ୍ କାଟ୍ ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ବିଦ୍ୟୁତ୍ କାଟର କାରଣ ଜାଣିବା ପାଇଁ ଗ୍ରାହକ ଫୋନ କଲେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଫୋନ ଉଠାଉ ନ ଥିବା ଅଭିଯୋଗ ହେଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅର୍ଚ୍ଚନା


@ ମୁନି


@ ନୀଳମାଧବ


@ ପ୍ରଦେଶ


@ ପ୍ରିୟଙ୍କା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



## ଏସ୍.ବି. ଇଲେଭେନ ବିଜୟୀ

ନୟାଗଡ଼ ଅଫିସ,୧।୧୨

ନୟାଗଡ଼ ଜିଲା କ୍ରିକେଟ୍ ଆସୋସିଏଶନ୍ ଆନୁକୂଲ୍ୟରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ନୟାଗଡ଼ କପ୍-୨୦୨୨ ସ୍ଥାନୀୟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟିତ ମ୍ୟାଚରେ ଏସ୍.ବି.ଇଲେଭେନ୍ କ୍ଲବ ଭୁବନେଶ୍ୱର ୫ ଉଇକେଟ୍‌ରେ ପାରାମାଉଣ୍ଟସ୍ ସ୍ପୋର୍ଟିଂ କ୍ଲବକୁ ହରାଇଛି। ଏସ୍.ବି.ଇଲେଭେନ୍ କ୍ଲବ ଟସ୍ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ପାରାମାଉଣ୍ଟସ୍ ସ୍ପୋର୍ଟିଂ କ୍ଲବର ସତ୍ୟରଞ୍ଜନ ଓ ସୁଦର୍ଶନ ଓପନିଂ କରିବାକୁ ଆସିଥିଲେ। ହେଲେ ଏସ.ବି.ଇଲେଭେନ୍ କ୍ଲବର ବୋଲର ମିଲନ୍ ସାମଲ ପ୍ରଥମ ଓଭରରେ ୧ରନ୍ ଦେଇ ୨ ଉଇକେଟ୍ ଅକ୍ତିଆର କରିଥିଲେ। ସେହିପରି ଭାବେ ପାରାମାଉଣ୍ଟସ ସ୍ପୋର୍ଟିଂ କ୍ଲବ୍ ୨.୨ ଓଭରରେ ୬ରନ କରି ୪ ଉଇକେଟ୍ ହରାଇଥିଲା। ପାରାମାଉଣ୍ଟସ୍ ସ୍ପୋର୍ଟିଂ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭର ପୂର୍ବରୁ ଅର୍ଥାତ୍ ୧୯ ଓଭରରେ ଦଳର ସମସ୍ତ ମୂଲ୍ୟବାନ ଉଇକେଟ୍ ହରାଇ ୬୧ରନ୍ କରିବାରେ ସକ୍ଷମ ହୋଇପାରିଥିଲା। ଏସ୍.ବି ଇଲେଭେନ୍ କ୍ଲବ୍ ୬୨ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା। ପାରାମାଉଣ୍ଟସ୍ ସ୍ପୋର୍ଟିଂ କ୍ଲବର ଘାତକ ବୋଲିଂକୁ ସାମ୍ନାକରି ଏସ୍.ବି ଇଲେଭେନ୍ କ୍ଲବ୍ ୧୪ ଓଭରରେ ଦଳର ମୂଲ୍ୟବାନ ୫ଟି ଉଇକେଟ୍ ହରାଇ ବିଜୟ ହାସଲ କରିଥିଲା। ଏସ୍.ବି ଇଲେଭେନ୍ କ୍ଲବର ମିଲନ ସାମଲକୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଘୋଷଣା ହେବା ପରେ ଅତିଥି ତାଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚକୁ ଅମ୍ପାୟାର ଶରତ ଚନ୍ଦ୍ର ସାହୁ ଓ ଓସିଏର ଅମ୍ପାୟାର ପ୍ରଦୀପ କୁମାର ଜେନା ପରିଚାଳନା କରିଥିଲେ। ଅଧ୍ୟାପକ ଗଣେଶ୍ୱର ମିଶ୍ର ଓ ଆଶୁତୋଷ ମିଶ୍ର ଧାରାବିବରଣୀ ପ୍ରଦାନ କରିଥିଲେ।

# ଗୋଚର, ଗ୍ରାମ୍ୟ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ

■ ଅଭିଯୋଗ ପରେ ହେଉନି କାର୍ଯ୍ୟାନୁଷ୍ଠାନ
■ ସବୁ ଜାଣି ନୀରବ ରହିଛି ରାଜସ୍ୱ ବିଭାଗ

ନୂଆଗାଁ,୧।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ତହସିଲ କାର୍ଯ୍ୟାଳୟ ନୂଆଗାଁ ଓ ମହିପୁର ଅଧୀନ ଅନେକ ଗୋଚର ଜମି ଓ ଗ୍ରାମ୍ୟ ଜଙ୍ଗଲ ଜମିରେ ବେଆଇନ ଭାବେ ରାସ୍ତା ନିର୍ମାଣ କରାଯାଇଛି। ଏ ନେଇ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ସବୁ ଜାଣି ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ବସିଥିବା ଅଭିଯୋଗ ହୋଇଛି।

ଗୋରୁଙ୍କ ଖାଦ୍ୟ ପାଇଁ ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ ଗୋଚର ଜମି ସଂରକ୍ଷିତ ରହିଛି। ସେହିପରି ଗ୍ରାମବାସୀ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଜୀବନନିର୍ବାହ କରିବା ଉଦ୍ଦେଶ୍ୟରେ ଜଙ୍ଗଲ ଜମି ମଧ୍ୟ ସଂରକ୍ଷଣ କରାଯାଇଛି। ଉକ୍ତ ଜମିଗୁଡିକୁ କୌଣସିମତେ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ କେତେଜଣ ଅସାଧୁ ବ୍ୟକ୍ତି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ହାତ କରି ସଂରକ୍ଷିତ ଗୋଚର, ଗ୍ରାମ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ କରୁଛନ୍ତି। ବିଭାଗୀୟ ଅଧିକାରୀ ଏ ବାବଦରେ ସବୁ ଜାଣି ମଧ୍ୟ ଚୁପ୍ ରହୁଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ସୂଚନା ଅନୁଯାୟୀ, ନୂଆଗାଁ ତହସିଲ ନୂଆଗାଁ ରାଜସ୍ୱ ଅଧୀନ କପାଗାଡୁ ମୌଜାର ଗ୍ରାମ ଜଙ୍ଗଲ ଏବଂ ଗୋଚର ଜମିରେ ବେଆଇନ ଭାବେ ଜଣେ ବ୍ୟକ୍ତି ନିଜ ଫାର୍ମ ହାଉସକୁ ରାସ୍ତା ନିର୍ମାଣ କରୁଥିବା ନେଇ ସ୍ଥାନୀୟ ଲୋକେ ନୂଆଗାଁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ସେହିପରି ଉକ୍ତ ବ୍ୟକ୍ତି ଜଣକ ମହିପୁର ରାଜସ୍ୱ ଅଧୀନ ବାଲଣ୍ଡା ମୌଜାର ଅନେକ ଗୋଚର ଏବଂ ଗ୍ରାମ ଜଙ୍ଗଲ ଜମି ନିଜ ଅକ୍ତିଆରରେ ରଖି ସେଠାରେ ରାସ୍ତା ନିର୍ମାଣ କରିଛନ୍ତି। ଏସବୁ ବାବଦରେ ରାଜସ୍ୱ ବିଭାଗ କର୍ମଚାରୀ, ଆର୍‌ଆଇଙ୍କୁ ଅବଗତ ଥିଲେ ମଧ୍ୟ ଚୁପ୍ ରହିଛନ୍ତି। ଅଧିକାଂଶ ସମୟରେ ଗରିବ ନିରୀହ ଲୋକ ସରକାରୀ ଜମି ଦଖଲ କରୁଥିଲେ ସେମାନଙ୍କୁ ଉକ୍ତ ଜାଗାରୁ ଉଚ୍ଛେଦ କରାଯାଉଛି କିମ୍ବା ସେମାନଙ୍କ ନିକଟରୁ ଜବରଦଖଲ ବାବଦରେ ଜରିମାନା ଆଦାୟ କରାଯାଉଛି। କିନ୍ତୁ ଫାର୍ମ ହାଉସ ନିର୍ମାଣ କରୁଥିବା ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଇଁ ଆଇନ କାମ କରୁ ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ସଂକ୍ରାନ୍ତରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ପଚାରିବାରେ ମୁଁ ଏ ବାବଦରେ ଅବଗତ ଅଛି। ମହିପୁର ଏବଂ ନୂଆଗାଁ ଆରଆଇଙ୍କୁ ତଦନ୍ତ ଦାୟିତ୍ୱ ଦେଇଛି। ନୂଆଗାଁ ଆରଆଇ ତଦନ୍ତ କରି ସାରିଲେଣି। ସେମାନେ ତଦନ୍ତ ରିପୋର୍ଟ ଦେବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ଗୋଚର ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ରାସ୍ତା।

# ୧ମ ଦିନରେ ୬ଲକ୍ଷ କୋଟିର ନିବେଶ ପ୍ରସ୍ତାବ

■ ୩ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା
■ ଏମ୍ଆଇଓସି-୨୨ରେ ୭ଲକ୍ଷ କୋଟିରୁ ଅଧିକ ପୁଞ୍ଜି ଗ୍ରହଣ ରାଜିନାମା
■ ମିନେରାଲ କ୍ଷେତ୍ରରେ ସର୍ବାଧିକ, ଏମ୍ଏସ୍ଏମ୍ଇ ବର୍ଗରେ ସର୍ବନିମ୍ନ ପାଣ୍ଠି

**ଭୁବନେଶ୍ୱର,୧।୧୨**

ଚଳିତ ବର୍ଷର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨ ବୁଧବାର ଠାରୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୨୦୨୨ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଏହି କନ୍‌କ୍ଲେଭ ଜାରି ରହିବ। ବିଶେଷକରି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍ଆଇଓସି)–୨୨ର ପ୍ରଥମ ଦିନରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା (୫,୮୫,୭୪୨.୨୬ ଟଙ୍କା)ର ନିବେଶ ପ୍ରସ୍ତାବ ଆସିଥିବା ଜଣାପଡ଼ିଛି। ସେହିଭଳି ପ୍ରଥମ ଦିନରେ ୬୭ଟି ବାଣିଜ୍ୟିକ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର(ଏମ୍ଓୟୁ) ହୋଇଥିବା ବେଳେ ୨୧ ଶିଳ୍ପସଂସ୍ଥା ଏବଂ ୪୬ ଷ୍ଟାର୍ଟଅପ୍ ୟୁନିଟ୍ ସହ ଏମ୍ଓୟୁ ହୋଇଛି। ଉପରୋକ୍ତ ୬୭ ସଂସ୍ଥା ଦ୍ୱାରା ୨,୪୭,୮୯୭ ଜଣଙ୍କୁ ନିଯୁକ୍ତି ମିଳିବା ସୁଯୋଗ ରହିଥିବା ଶିଳ୍ପ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗତ ୬ ମାସ ମଧ୍ୟରେ ଦେଶ ଓ ବିଦେଶରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ ଜରିଆରେ ମଧ୍ୟ ୧ ଲକ୍ଷ କୋଟି (୧,୪୦, ୩୮୬.୧୯ ଟଙ୍କା)ରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ଶିଳ୍ପ ବିଭାଗ ପକ୍ଷରୁ ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ୭୮ ଶିଳ୍ପସଂସ୍ଥା ସହ ଏମ୍ଓୟୁ ସ୍ୱାକ୍ଷର ହୋଇଥିବା ବେଳେ ୭୨,୮୪୯ ଜଣ ନିଯୁକ୍ତି ପାଇବେ ବୋଲି ମଧ୍ୟ ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ମିଶନ ଏମ୍ଆଇଓସିର ୧ଦିନ ଶେଷ ସୁଦ୍ଧା ମୋଟ ୭,୨୬,୧୨୮.୪୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର (ଏମ୍ଓୟୁ ସ୍ୱାକ୍ଷର) ପ୍ରସ୍ତାବ ଆସିଥିବା ବେଳେ ୩,୨୦,୭୪୧ ଜଣଙ୍କୁ ନିଯୁକ୍ତି ମିଳିବାର ମଧ୍ୟ ସୁଯୋଗ ରହିଛି। ଅପରପକ୍ଷେ ଉପରୋକ୍ତ ପୁଞ୍ଜିନିବେଶ ବିଶେଷକରି ସବୁ କ୍ଷେତ୍ରରୁ ଆସିଥିବା ବେଳେ ସର୍ବାଧିକ ୨ଲକ୍ଷ କୋଟି ଟଙ୍କାର ପାଣ୍ଠି ମିନେରାଲ ଶିଳ୍ପ ସହ ଜଡ଼ିତ ଶିଳ୍ପସଂସ୍ଥାଗୁଡ଼ିକରୁ ଆସିଛି। ପ୍ରାୟ ୧୨୦୦ କୋଟି ଟଙ୍କା ଏମ୍ଏସ୍ଏମ୍ଇ ବର୍ଗର ଶିଳ୍ପସଂସ୍ଥାଗୁଡ଼ିକରୁ ଆସିଛି ବୋଲି ଶିଳ୍ପ ବିଭାଗର ଶାସନ ସଚିବ ହେମନ୍ତ ଶର୍ମା ବିସ୍ତୃତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏମ୍ଆଇଓସିର ପ୍ରଥମ ଦିନରେ ମୋଟ ୧୩ଟି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ପ୍ରଥମ ପର୍ଯ୍ୟାୟରେ ୨ଟି ପ୍ଲେନେରି ସେସନ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ୮ଟି ବିଜ୍‌ନେସ ଲିଡରଶିପ ଟକ୍ (ବିଏଲ୍‌ଟି) ଏବଂ ୩ଟି କଣ୍ଟ୍ରି ସେସନ (ଜାପାନ, ନରେୱ ଏବଂ ଗ୍ଲୋବାଲ) କାର୍ଯ୍ୟକ୍ରମ ରହିଥିଲା।



ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନେ ମେକ୍–ଇନ୍–ଓଡ଼ିଶା କନ୍‌କ୍ଲେଭ୍–୨୦୨୨ର ପ୍ରଥମ ଦିନର କାର୍ଯ୍ୟକ୍ରମ ଓ ଏମ୍ଓୟୁ ସୂଚନା ପ୍ରଦାନ କରୁଛନ୍ତି।



ମେକ୍–ଇନ୍–ଓଡ଼ିଶା କନ୍‌କ୍ଲେଭ୍–୨୦୨୨ର ପ୍ରଥମ ଦିନରେ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ ଆଗ୍ରହୀ ଥିବା ନିବେଶକଙ୍କ ସହ ଶିଳ୍ପ ସଚିବ ହେମନ୍ତ ଶର୍ମା।




ମେକ୍–ଇନ୍–ଓଡ଼ିଶା କନ୍‌କ୍ଲେଭ୍–୨୦୨୨ର ପ୍ରଥମ ଦିନରେ ଆୟୋଜିତ ବ୍ରେକ୍‌ଫାଷ୍ଟ ଉଇଥ୍ ବିଜ୍‌ନେସ୍ ଲିଡର୍ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଶିଳ୍ପମନ୍ତ୍ରୀ ପ୍ରତାପ ଦେବଙ୍କ ସମେତ ଦେଶର ପ୍ରମୁଖ ଶିଳ୍ପ ସଂସ୍ଥାର ମୁଖ୍ୟମାନଙ୍କ ଉପସ୍ଥିତିରେ ପୁସ୍ତକ ଉନ୍ମୋଚନ କରାଯାଉଛି।

# ନଭେମ୍ବରରେ ୧.୪୫ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୧୨**

ଚଳିତ ବର୍ଷ ନଭେମ୍ବରରେ ସାମଗ୍ରୀ ଓ ସେବା ଟିକସ୍ (ଜିଏସ୍‌ଟି) ସଂଗ୍ରହ ୧.୪୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ନଭେମ୍ବରରେ ମୋଟ ୧,୪୫,୮୬୭ କୋଟି ଟଙ୍କାର ଟିକସ୍ ସଂଗ୍ରହ ହୋଇଥିବା ବେଳେ ଗତ ବର୍ଷ ସମାନ ମାସରେ ଏହି ଉତ୍ସରୁ ଆୟଠାରୁ ୮% ଅଧିକ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଚଳିତ ବର୍ଷ ନଭେମ୍ବରରେ ସଂଗୃହୀତ ମୋଟ ଜିଏସ୍‌ଟିରୁ ୨୫,୬୮୧ କୋଟି ଟଙ୍କା ସିଜିଏସ୍‌ଟି ବାବଦରେ ଆଦାୟ ହୋଇଥିବା ବେଳେ ଏସ୍‌ଜିଏସ୍‌ଟି ୩୨,୬୫୧ କୋଟି ଟଙ୍କା, ଆଇଜିଏସ୍‌ଟିରୁ ୭୭,୧୦୩ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଏଥିରେ ରପ୍ତାନି ସମାଗ୍ରୀ ବାବଦକୁ ୩୮,୬୩୬ କୋଟି ଟଙ୍କା ଏବଂ ସେସ୍ ବାବଦକୁ ୧୦,୪୩୩ କୋଟି ଟଙ୍କାର ଆଦାୟ ହୋଇଛି।

# ଅକ୍ଷୟ ଶକ୍ତିରେ ୫୧ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ

## ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଘୋଷିତ

**ଭୁବନେଶ୍ୱର,୧।୧୨**

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍ଆଇଓସି)–୨୨ର ୩ୟ ସଂସ୍କରଣର ପ୍ରଥମ ଦିନରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି–୨୦୨୨ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଅକ୍ଷୟ ଶକ୍ତି ସମ୍ପର୍କିତ ଏକ କର୍ମଶାଳା ମଧ୍ୟ ଏମ୍ଆଇଓସିର ବିଜ୍‌ନେସ୍ ଲିଡର ଅଧିବେଶନରେ ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଅକ୍ଷୟ ଶକ୍ତି ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିବା ସହିତ ଅକ୍ଷୟ ଶକ୍ତି ନୀତି ଘୋଷଣା କରିଛନ୍ତି। ସେହିପରି 'ସବୁଜ ଶକ୍ତି ଅଭିମୁଖେ'ଶୀର୍ଷକ ଉକ୍ତ ବକ୍ତୃତାମାଳାରେ ମନ୍ତ୍ରୀ ଦେବ କହିଛନ୍ତି, ରାଜ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ପ୍ରାୟ ୧୦ହଜାର ମେଗାୱାଟ୍ ବୃଦ୍ଧି ପାଇଁ ଉକ୍ତ ନୀତିରେ ବ୍ୟବସ୍ଥା ରହିଛି। ଏହା ସହିତ ରାଜ୍ୟରେ ଜରି ରହିଥିବା ବିଭିନ୍ନ ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶ ନିମନ୍ତେ ମଧ୍ୟ ସରକାର ବହୁମୁଖୀ ରିହାତି ବ୍ୟବସ୍ଥା ପ୍ରଚଳନ କରାଇଛନ୍ତି। ଅପରପକ୍ଷରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ବିଜ୍‌ନେସ୍ ଲିଡର ଅଧିବେଶନରେ ସ୍ୱାଗତ ଅଭିଭାଷଣ ସହ ଅକ୍ଷୟ ଶକ୍ତି ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନା କରିଥିଲେ। ପରିଶେଷରେ ଶକ୍ତି ବିଭାଗ ପକ୍ଷରୁ ୩ଟି କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ସହ ବୁଝାମଣା ସ୍ୱାକ୍ଷର ଅନୁଷ୍ଠିତ ହୋଇଥିଲା। ଏନ୍‌ଟିପିସି, ଏସ୍‌ଜେଭିଏନ୍‌ଏଲ୍ ଓ ଏନ୍‌ଏଲ୍‌ସି ସହ ଗ୍ରୀଡ୍‌କୋ ଉକ୍ତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା। ଉକ୍ତ ଏମଓୟୁ ଅନୁଯାୟୀ ମୋଟ ୫୧ହଜାର କୋଟି ଟଙ୍କାର ପୁଞ୍ଜିନିବେଶର ବ୍ୟବସ୍ଥା ଥିବାବେଳେ ପ୍ରାୟ ୩୮୦୦ ଜଣଙ୍କୁ କର୍ମନିଯୁକ୍ତି (୧୨୦୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ୨୬୦୦ ଲୋକଙ୍କୁ ପରୋକ୍ଷ ନିଯୁକ୍ତି)ର ସୁଯୋଗ ମିଳିବ।



ନିକୁଞ୍ଜ ଧଳ

# ଭୀମସେନ ଇଡି, ମଣିପ୍ରସାଦ ଜିଜିଏମ୍ ନିଯୁକ୍ତ

**ବଣ୍ଡଁରପାଳ, ୧।୧୨ (ଡି.ଏନ.ଏ.)**




ଇଡି ଭୀମସେନ ପ୍ରଧାନ   ଜିଜିଏମ୍ ମଣିପ୍ରସାଦ ସାମଲ

ଅନୁଗୋଳ ଜିଲା ନାଲ୍‌କୋର ନୂତନ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ଦାମନଯୋଡିରେ କାର୍ଯ୍ୟରତ ଜିଜିଏମ୍ ଭୀମସେନ ପ୍ରଧାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ନୂତନ ଜିଜିଏମ୍ (ଏଚ୍ଆର୍‌ଡି) ଭାବେ ମଣିପ୍ରସାଦ ସାମଲଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଦାମନଯୋଡିରୁ ଆସି ନାଲ୍‌କୋ ଅନୁଗୋଳରେ ଯୋଗଦେବେ। ଏହି ନୂଆ ନିଯୁକ୍ତି ପରେ ଇଡି ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲା ନାଲ୍‌କୋର ଉନ୍ନତି ସହିତ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ, କୋଇଲା ସଂକଟର ସମାଧାନ ପ୍ରତି ଦୃଷ୍ଟିଦେବେ। ନୂଆ ଜିଜିଏମ୍ ସାମଲ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ, ଶ୍ରମିକମାନଙ୍କ ଉନ୍ନତିକୁ ପ୍ରାଧାନ୍ୟ ଦେବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ନୂତନ ଇଡି ଓ ଜିଜିଏମ୍‌ଙ୍କୁ ନାଲ୍‌କୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ବିଭବ ଜେନା, ନେସ୍ ଉପସଭାପତି ମନୋଜ ସ୍ୱାଇଁ, ଏଏମ୍ଏସ୍ ସଭପତି ମୁନା ସାମଲ, ସାଧାରଣ ସମ୍ପାଦକ ବିନୋଦ ସାମଲ, ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, ମାଙ୍ଗିଲାଲ ସାମଲ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି।

# ଷ୍ଟାର୍ଟଅପ୍‌ର ସମୃଦ୍ଧି ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୧।୧୨**

ସାରା ଦେଶରେ ଓଡ଼ିଶାକୁ ପ୍ରମୁଖ ଷ୍ଟାର୍ଟଅପ୍ ହବ୍ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଅନେକ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରିକି ଗତ ବର୍ଷ ଓଡ଼ିଶା ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍‌ରେ ଭାରତର ଶୀର୍ଷ ପ୍ରଦର୍ଶନକାରୀ ଭାବେ ମଧ୍ୟ ସ୍ୱୀକୃତି ଲାଭ କରିଛି। ବିଶେଷକରି ଗତ ୫ବର୍ଷ ମଧ୍ୟରେ ଅତ୍ୟାଧୁନିକ ଇନ୍‌କ୍ୟୁବେଟରମାନଙ୍କୁ ରାଜ୍ୟରେ ପ୍ରୋତ୍ସାହିତ କରାଯାଇଛି। ସେହିଭଳି 'ଷ୍ଟାର୍ଟଅପ୍ ଯାତ୍ରା'ପରି ବ୍ୟାପକ କାର୍ଯ୍ୟକ୍ରମ ମଧ୍ୟ ସରକାର ହାତକୁ ନେଇଛନ୍ତି ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ–୨୨ର ପ୍ରଥମ ଦିନର ଏକ ପ୍ଲେନାରି ସେସନରେ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ସରକାର ରାଜ୍ୟରେ ଷ୍ଟାର୍ଟଅପ୍ ପରିମଣ୍ଡଳର ଅଭିବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦେଉଥିବା ସମ୍ପର୍କରେ ମନ୍ତ୍ରୀ ବିସ୍ତୃତ ଆଲୋକପାତ କରିଛନ୍ତି। ସେହିଭଳି ରାଜ୍ୟରେ ଷ୍ଟାର୍ଟଅପ୍ ଅଭିବୃଦ୍ଧିକୁ ଜୋର୍‌ଦାର କରିବା ଲକ୍ଷ୍ୟରେ ୫ଟି ବୁଝାମଣାପତ୍ର ସମେତ ୭ଟି ଆଗ୍ରହ ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦେବ ଓ ଅନ୍ୟ ଅତିଥିମାନଙ୍କ ଗହଣରେ ଷ୍ଟାର୍ଟଅପ୍‌କୁ ନେଇ ଗୋଟିଏ ଫଳାଫଳ ବିବରଣୀ ଏବଂ କଫି ଟେବୁଲ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରିଶେଷରେ ଷ୍ଟାର୍ଟଅପ୍ ଯାତ୍ରା ପୁରସ୍କାର ମଧ୍ୟ ସଫଳତା ପାଇଥିବା ସଂସ୍ଥାଗୁଡ଼ିକଙ୍କୁ ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ବିଭିନ୍ନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରମୁଖ ଶିଳ୍ପସଂସ୍ଥାର କାର୍ଯ୍ୟକର୍ତ୍ତାମାନଙ୍କ ସମାବେଶରେ 'ଷ୍ଟାର୍ଟଅପ୍ ଦୃଷ୍ଟାନ୍ତରେ ପରିବର୍ତ୍ତନ ଏବଂ ଭବିଷ୍ୟତ ମାର୍ଗ' ଶୀର୍ଷକ ପ୍ରସଙ୍ଗକୁ ନେଇ ଏକ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଦେବଙ୍କ ସମେତ ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଥିଲେ, ଷ୍ଟାର୍ଟଅପ୍‌ଗୁଡ଼ିକ ଦ୍ୱାରା ନିଯୁକ୍ତି ସୁଯୋଗରେ ବ୍ୟାପକ ସମ୍ଭାବନା ରହିଛି ଏବଂ ସମାଜରେ ଦୈନନ୍ଦିନ ସମସ୍ୟାର ସମାଧାନ ସମ୍ଭବ ହୋଇପାରୁଛି।




## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨

# ଉନ୍ନତି ପଥରେ ଓଡ଼ିଶା

**ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ପ୍ରଥମ ଦିନର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଦେଶର ପ୍ରମୁଖ ଶିଳ୍ପସଂସ୍ଥାର ମୁଖ୍ୟମାନେ ଉଭୟ ମେକ୍ ଇନ୍ ଓଡ଼ିଶା ଓ ଓଡ଼ିଶାରେ ଶିଳ୍ପର ବିଭିନ୍ନ ଦିଗ ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଛନ୍ତି।**

### ଏଲ୍.ଏନ୍. ମିତ୍ତଲ (କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ଏଏମ୍ଏନ୍ଏସ୍)



ଓଡ଼ିଶାରେ ଶିଳ୍ପ ପାଇଁ ବ୍ୟାପକ ସୁଯୋଗ ରହିଛି। ସରକାର ମଧ୍ୟ ଶିଳ୍ପ ପାଇଁ ଶିଳ୍ପସଂସ୍ଥାଗୁଡ଼ିକ ବ୍ୟାପକ ସୁବିଧା ଓ ସହଯାଗ କରି ଆସୁଛନ୍ତି। ଆଗାମୀ ଦିନରେ କମ୍ପାନୀ ଓଡ଼ିଶାରେ ପୂର୍ବାପେକ୍ଷା ଅଧିକ ପୁଞ୍ଜି ନିବେଶ କରିବ ବୋଲି ଆର୍ସେଲର ମିତ୍ତଲ–ନିପ୍ପନ ଷ୍ଟିଲ୍ (ଏଏମ୍ଏନ୍ଏସ୍)ର ଅଧ୍ୟକ୍ଷ ଏଲ୍.ଏନ୍. ମିତ୍ତଲ ମତପ୍ରକାଶ କରିଛନ୍ତି। ସେହିଭଳି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ପୂର୍ବାପେକ୍ଷା ଅଧିକ ବୃଦ୍ଧି ହୋଇଥିବା ବେଳେ ସରକାର ମଧ୍ୟ କଳା, ସଂସ୍କୃତି ଓ ଶିଳ୍ପାୟନକୁ ଅଧିକ ବିକଶିତ କରୁଛନ୍ତି ବୋଲି ସେ କହିଛନ୍ତି।

### ଅନିଲ ଅଗ୍ରୱାଲ (ଅଧ୍ୟକ୍ଷ, ବେଦାନ୍ତ ଗ୍ରୁପ୍)



୨୦ ବର୍ଷ ତଳର ଓଡ଼ିଶା ଏବଂ ବର୍ତ୍ତମାନର ଓଡ଼ିଶା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ଘଟିଛି। ବିଶେଷକରି ଓଡ଼ିଶା ସରକାରଙ୍କ ମନୋଭାବ ଓ ଏକ ବିକାଶଶୀଳ ରାଜ୍ୟ ଗଠନରେ ନବୀନ ପଟ୍ଟନାୟକଙ୍କର ଅନେକ ଭୂମିକା ରହିଛି। ସେହିଭଳି ବର୍ତ୍ତମାନ ଆଲୁମିନିୟମର ହବ୍ ଭାବେ ଓଡ଼ିଶା ପରିଗଣିତ ହେଉଥିବା ବେଳେ ଓଡ଼ିଶାରେ କାର୍ଯ୍ୟକ୍ଷେତ୍ର କରି ଆମେ ମଧ୍ୟ ନିଜକୁ ସୌଭାଗ୍ୟ ମନେକରୁଛୁ। ଏପରିକି ଓଡ଼ିଶା ସରକାର ଖାଲି ଶିଳ୍ପ ନୁହେଁ ସ୍ୱାସ୍ଥ୍ୟସେବା, ଶିକ୍ଷା, କଳା, ସଂସ୍କୃତି ଓ କ୍ରୀଡ଼ାରେ ମଧ୍ୟ ବେଶ୍ ଆଗକୁ ଯାଇପାରିଛି ଯାହା କେବଳ ନବୀନ ପଟ୍ଟନାୟକଙ୍କସରକାରଓସରକାରୀଅଧିକାରୀଙ୍କଯୋଗୁସମ୍ଭବହୋଇପାରିଛି।

### ସଜ୍ଜନ ଜିନ୍ଦଲ (ଏମ୍‌ଡି, ଜେଏସ୍‌ଡବ୍ଲ୍ୟୁ)



ବିଗତ କିଛି ବର୍ଷ ମଧ୍ୟରେ ଓଡିଶାର କଳା, ସଂସ୍କୃତି, କ୍ରୀଡା ଓ ଶିଳ୍ପ ଏପରିକି ଅନେକ କ୍ଷେତ୍ରରେ ପରିବର୍ତ୍ତନ ସାଙ୍ଗକୁ ବିକଶିତ ମଧ୍ୟ ହୋଇଚାଲିଛି। ଏପରିକି ରାଜ୍ୟର ବିକାଶ ପାଇଁ ସରକାର ଅହରାତ୍ର କାର୍ଯ୍ୟ କରୁଥିବା ଜଣାପଡିଛି। କାରଣ ବିଗତ ୨୦ବର୍ଷ ତଳର ଓଡିଶାର ପରିବେଶ ଓ ବ୍ୟବସ୍ଥା ଆଉ ବର୍ତ୍ତମାନର ବ୍ୟବସ୍ଥା ଓ ମାନସିକତା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହୋଇଛି। ଫଳରେ ରାଜ୍ୟରେ ଶିଳ୍ପ ସଂସ୍ଥାଗୁଡିକର ସଂଖ୍ୟା ବୃଦ୍ଧି ପାଉଛି, ସରକାର ମଧ୍ୟ ଭିତ୍ତିଭୂମି ଓ ପରିବହନ କ୍ଷେତ୍ର ଉପରେ ଅଧିକରୁ ଅଧିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜେଏସଡବ୍ଲୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ମତ ପ୍ରକାଶ କରିଛନ୍ତି।

### ନବୀନ ଜିନ୍ଦଲ (ଅଧ୍ୟକ୍ଷ, ଜେଏସ୍‌ପିଏଲ୍)



ଓଡିଶା ମୋର କର୍ମକ୍ଷେତ୍ର ହୋଇଥିବାରୁ ଓଡିଶାର ପ୍ରତିଟି କାର୍ଯ୍ୟକ୍ରମରେ ମୋର ସହଯୋଗ ଓ ଯୋଗଦାନ ରହିଆସିଛି। ଓଡିଶା ସରକାର ମଧ୍ୟ ଶିଳ୍ପସଂସ୍ଥାଗୁଡିକ ପାଇଁ ଅନେକ ଗୁଡିଏ କାର୍ଯ୍ୟକ୍ରମ ସାଙ୍ଗକୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଓଡିଶାର ଭୌଗୋଳିକ ଚିତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଛି। ମନ୍ଦିରମାଳନୀ ଓଡିଶା ଆଜି ଶିଳ୍ପ ସାଙ୍ଗକୁ ଶିକ୍ଷା, କଳା, କ୍ରୀଡା ଓ ସଂସ୍କୃତିର ବିକାଶ କରିବା ସହ ଦେଶର ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିପରି ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡିଶା ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ଗଣିତ ହେଉଛି ବୋଲି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସପିଏଲ)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ମତ ପ୍ରକାଶ କରିଛନ୍ତି।

### ଟି.ଭି. ନରେନ୍ଦ୍ରନ (ଟାଟା ଷ୍ଟିଲ୍, ଏମଡି)



ମେକ୍ ଇନ୍ ଓଡ଼ିଶାର ୩ୟ ସଂସ୍କରଣରେ ଅଂଶ ଗ୍ରହଣ କରି ଆମେ ବହୁତ ଖୁସି ଅଛୁ। ରାଜ୍ୟରେ ବିକାଶ ସାଙ୍ଗକୁ ଭାଗୀଦାରି ହୋଇ କାର୍ଯ୍ୟ କରୁଛୁ। ଆଗାମୀ ଦିନରେ ମଧ୍ୟରେ ପୁଞ୍ଜି ନିବେଶ କରାଯିବ। ଶିଳ୍ପର ବିକାଶ ପାଇଁ ସରକାର ଅନେକ ଯୋଜନା ଓ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ସରକାର ଭିତ୍ତିଭୂମି ଉପରେ କାର୍ଯ୍ୟ କରିବା ସହ ପରିବହନ କ୍ଷେତ୍ରକୁ ଅଧିକ ବିସ୍ତାର କରିବାକୁ ପ୍ରୟାସ କରିବେ ବୋଲି ଟାଟା ଷ୍ଟିଲ୍‌ର ଏମ୍‌ଡି ଟି.ଭି. ନରେନ୍ଦ୍ରନ ମତପ୍ରକାଶ କରିଛନ୍ତି।

### ଶୁଭ୍ରକାନ୍ତ ପଣ୍ଡା (ସଭାପତି, ଫିକି ଇଣ୍ଡିଆ)



ମେକ୍ ଇନ୍ ଓଡ଼ିଶାର ୩ୟ ସଂସ୍କରଣର ସହଭାଗୀ ହୋଇ ଫିକି ଇଣ୍ଡିଆ ଗର୍ବ ଅନୁଭବ କରୁଛି। ଆଗାମୀ ଦିନରେ ମଧ୍ୟ ସରକାରଙ୍କ ସହ ମିଶି ଫିକି କାର୍ଯ୍ୟ କରିବ। ସେହିଭଳି ରାଜର ବିକାଶ ପାଇଁ ଫିକି ପ୍ରତିନିଧି ଓ ଫିକି ସହ ଜଡିତ ଶିଳ୍ପସଂସ୍ଥାଗୁଡିକ ମଧ୍ୟ ଆବଶ୍ୟକ ସହଯୋଗ ଓ ବିକାଶରେ ଭାଗୀଦାରି ହେବା ପାଇଁ ମଧ୍ୟ ଆଗ୍ରହୀ ଅଛନ୍ତି। ସେହିପରି ଓଡ଼ିଶାରେ ମଧ୍ୟ ମୋ ନେତୃତ୍ୱରେ ଇମ୍ପା କାର୍ଯ୍ୟ କରୁଥିବା ବେଳେ ସରକାରଙ୍କ ସହ ମିଳିତ ଭାବେ ଅନେକ କାର୍ଯ୍ୟ କରୁଥିବା ଫିକି ଇଣ୍ଡିଆ ଅଧ୍ୟକ୍ଷ ଶୁଭ୍ରକାନ୍ତ ପଣ୍ଡା ମତବ୍ୟକ୍ତ କରିଛନ୍ତି।



କାନାଡ଼ା ବିପକ୍ଷରେ ବିଜୟ ଖୁସିରେ ଉଲ୍ଲସିତ ମରକ୍କୋ ଖେଳାଳି।

# ବେଲଜିୟମ ବିଦା

## ରାଉଣ୍ଡ ଅଫ୍ ୧୬ରେ ମରକ୍କୋ, କ୍ରୋଏସିଆ

**ଦୋହା, ୧।୧୨**

ଗତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜେତା ବେଲଜିୟମ ଚଳିତ ଫିଫା ବିଶ୍ୱକପର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଅଲ୍ ରାୟନ ଷ୍ଟାଡିୟମରେ ଗୁରୁବାର କ୍ରୋଏସିଆ ବିପକ୍ଷ ଗ୍ରୁପ୍ 'ଏଫ୍' ମ୍ୟାଚକୁ ଏହି ଦଳ ଗୋଲଶୂନ୍ୟ ଡ୍ର ରଖିବାରୁ ଏହି ଫଳ ପାଇଛି। ନକ୍‌ଆଉଟ ପ୍ରବେଶ ପାଇଁ ବେଲଜିୟମକୁ ଏହି ମ୍ୟାଚ ଜିତିବା ନିହାତି ଆବଶ୍ୟକ ଥିଲା। ମାତ୍ର ଗତଥରର ରନରଅପ୍ କ୍ରୋଏସିଆ ତାହା ହେବାକୁ ଦେଇନାହିଁ। ଅଲ ଥୁମାମା ଷ୍ଟାଡିୟମରେ ଅନୁଷ୍ଠିତ ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ମରକ୍କୋ ୨-୧ ଗୋଲରେ କାନାଡ଼ାକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚରୁ ୭ ପଏଣ୍ଟ ସହିତ ଗ୍ରୁପ୍ ଟପ୍ପରଭାବେ ମରକ୍କୋ ଏବଂ ୬ ପଏଣ୍ଟ ସହ ଦ୍ୱିତୀୟ ଦଳଭାବେ କ୍ରୋଏସିଆ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ବେଲଜିୟମ ୪ ଓ କାନାଡ଼ା କୌଣସି ପଏଣ୍ଟ ନ ପାଇ ବିଦାୟ ପଥ ଦେଖିଛି। ମରକ୍କୋ ପକ୍ଷରୁ ହାକିମ ଜିୟେଚ ୪ର୍ଥ ଓ ୟୁସେଫ ଏନ୍-ନେସ୍ୟାରି ୨୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୪୦ତମ ମିନିଟରେ ନାୟେଫ ଆଗୁଏରୋ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ମରକ୍କୋ ଏହାର ପ୍ରଥମ ମ୍ୟାଚକୁ କ୍ରୋଏସିଆ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବେଲଜିୟମକୁ ୨-୦ ଗୋଲରେ ହରାଇ ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ତୃତୀୟ ମ୍ୟାଚରେ କାନାଡ଼ାକୁ ମାତ୍ ଦେଇ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି।

୧୯୫୪ ବିଶ୍ୱକପ ପର୍ଯ୍ୟନ୍ତ ଫ୍ରାନ୍ସର ଅଂଶବିଶେଷ ଥିବା ମରକ୍କୋ ଏହାକୁ ମିଶାଇ ଦ୍ୱିତୀୟ ଥରପାଇଁ ନକ୍‌ଆଉଟରେ ପ୍ରବେଶ କରିଛି। ପର୍ବରୁ କେବଳ ଥରେ ଏହିଦଳ ୧୯୮୬ରେ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ୧୯୭୦, ୧୯୯୪, ୧୯୯୮ ଓ ୨୦୧୮ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ସେହିପରି ୧୯୯୦ ପର୍ଯ୍ୟନ୍ତ ୟୁଗୋସ୍ଲୋଭିଆର ଅଂଶବିଶେଷଥିବା କ୍ରୋଏସିଆ ୨୦୧୮ରେ ଅନୁଷ୍ଠିତ ଗତ ସଂସ୍କରଣରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ରନରଅପ୍ ହୋଇଥିଲା। ଫାଇନାଲରେ ଫ୍ରାନ୍ସଠାରୁ ହାରି ଯାଇଥିଲା। ୨୦୧୮ ବିଶ୍ୱକପରେ ବେଲଜିୟମ ତୃତୀୟ ସ୍ଥାନ ଅଧିକାର କରିଥିଲା। ଫିଫା ବିଶ୍ୱକପରେ ଏହାଥିଲା ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ୧୯୮୬ରେ ଦ୍ୱିତୀୟ ଶ୍ରେଷ୍ଠ ଭାବେ ଚତୁର୍ଥସ୍ଥାନରେ ରହିଥିଲା।

### ଫିଫା ବିଶ୍ୱକପ (ଆଜିର ମ୍ୟାଚ)

**ଘାନା ବନାମ ଉରୁଗୁଏ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ
ସମୟ: ରାତି ୮.୩୦

**ଦକ୍ଷିଣ କୋରିଆ ବନାମ ପର୍ତ୍ତୁଗାଲ**
ସ୍ଥାନ: ଏଜୁକେଶନ ସିଟି ଷ୍ଟାଡିୟମ
ସମୟ: ରାତି ୮.୩୦

**ସର୍ବିଆ ବନାମ ସୁଇଜରଲାଣ୍ଡ**
ସ୍ଥାନ: ରସ ଆବୁ ଅବୌଦ ଷ୍ଟାଡିୟମ
ସମୟ: ରାତି ୧୨.୩୦

**କାମେରୁନ୍ ବନାମ ବ୍ରାଜିଲ**
ସ୍ଥାନ: ଲୁସେଲ୍ ଷ୍ଟାଡିୟମ
ସମୟ: ରାତି ୧୨.୩୦

# ୨୦୧୦ ପ୍ରତିଶୋଧ ଲକ୍ଷ୍ୟରେ ଘାନା

**ଦୋହା,୧।୧୨(ପି.ଟି.):** କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ଶୁକ୍ରବାର ଘାନା ଓ ଉରୁଗୁଏ ମଧ୍ୟରେ ମ୍ୟାଚ ଖେଳାଯିବ। ଉଭୟ ରାଷ୍ଟ୍ର ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚକୁ ଟୁର୍ନାମେଣ୍ଟର ଅନ୍ୟତମ ସଂଘର୍ଷପୂର୍ଣ୍ଣ ମ୍ୟାଚ ଭାବରେ ବିବେଚନା କରାଯାଏ। ୨୦୧୦ ଫିଫା ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଘାନା ଉରୁଗୁଏ ନିକଟରୁ ପରାଜିତ ହୋଇଥିଲା। ଘାନା ଫୁଟବଲ ପ୍ରେମୀଙ୍କ ମନରେ ଏହି ଘଟଣା ଏକ ଦାଗ ହୋଇ ରହିଛି। ତେବେ ଘାନା କୋଚ୍ ଓଟ୍ଟୋ ଆଡ୍ଡୋ ଏହାକୁ ପୁରୁଣା ଘଟଣା ବୋଲି କହି ଏଡାଇ ଯାଇଛନ୍ତି। ଉରୁଗୁଏର ଲୁଇସ୍ ସୁଆରେଜ୍‌ଙ୍କ ହ୍ୟାଣ୍ଡବଲ ଏବଂ ଘାନାକୁ ଅତିରିକ୍ତ ସମୟ ନ ମିଳିବା କାରଣରୁ ପ୍ରଥମ ଆଫ୍ରିକୀୟ ଦଳ ଭାବରେ ବିଶ୍ୱକପ ସେମିରେ ପହଞ୍ଚିବାରୁ ବଞ୍ଚିତ ହୋଇଥିଲା ଘାନା। ପେନାଲ୍ଟି ଷ୍ଟ୍ରୋକକୁ ଗୋଲରେ ପରିଣତ କରିବାରେ ଅସମୋହା ଗ୍ୟାନ୍ ବିଫଳ ହେବା ସହିତ ସୁଆରେଜ୍ ଉନ୍ମତ୍ତ ଭାବରେ ସେଲିବ୍ରେଶନ କରିଥିଲେ। ୧୨ ବର୍ଷ ପରେ ସ୍କୋର ସମାନ କରିବାର ସୁଯୋଗ ଘାନା ନିକଟରେ ରହିଛି। ଗ୍ରୁପ୍ ଏଚ୍‌ର ଅନ୍ତିମ ମ୍ୟାଚରେ ଦଳ ଉରୁଗୁଏକୁ ପରାସ୍ତ କଲେ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିବ। ଏହା ସହିତ ଉରୁଗୁଏକୁ ଟୁର୍ନାମେଣ୍ଟରୁ ବାହାର କରିବାର ଏହା ଏକ ବଢିଆ ସୁଯୋଗ ମଧ୍ୟ ରହିବ। ଘାନାର କୋଚ୍ ଓଟ୍ଟୋ ଆଡ୍ଡୋ କହିଛନ୍ତି, ୧୨ବର୍ଷ ତଳର ମ୍ୟାଚ ଏବଂ ବର୍ତ୍ତମାନର ମ୍ୟାଚ ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ଘାନା ଏହାର ଅନ୍ତିମ ମ୍ୟାଚରେ ଦକ୍ଷିଣ କୋରିଆକୁ ୩-୨ରେ ପରାସ୍ତ କରିଥିଲା। ଅଲ ୱାଖରାରେ ହେବାକୁ ଥିବା ଏହି ମ୍ୟାଚ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ଘାନା ଦଳର ଅଧିନାୟକ ଆନ୍ଦ୍ରେ ଆଇୟୁ ୨୦୧୦ ବିଶ୍ୱକପ୍ ଖେଳିଥିବା ଦଳର ଏକମାତ୍ର ସଦସ୍ୟ ରହିଥିବା ବେଳେ ଉରୁଗୁଏ ଦଳରେ ଲୁଇସ୍ ସୁଆରେଜଙ୍କ ଭଳି ଖେଳାଳି ରହିଛନ୍ତି। ଫୁଟବଲ ଇତିହାସର ଅନ୍ୟତମ ବିବାଦୀୟ ଖେଳାଳି ସୁଆରେଜଙ୍କ ଏହା ବିଦାୟୀ ବିଶ୍ୱକପ ହୋଇଥିବାରୁ ସେ ଏହାକୁ ସ୍ମରଣୀୟ କରିବାକୁ ପ୍ରୟାସ କରିବେ। ଦକ୍ଷିଣ କୋରିଆ ବିପକ୍ଷ ୦-୦ ମ୍ୟାଚରେ ସୁଆରେଜ ଖେଳିଥିବା ବେଳେ ପର୍ତ୍ତୁଗାଲ ବିପକ୍ଷ ୨-୦ ପରାଜୟରେ ତାଙ୍କୁ ବେଞ୍ଚରେ ବସିବାକୁ ପଡିଥିଲା। ଏବେ ବି ୨୦୧୦ ଘାନା ବିପକ୍ଷ ମ୍ୟାଚ ତାଙ୍କ ପାଇଁ ସ୍ମୃତି ହୋଇ ରହିଛି ବୋଲି ସୁଆରେଜ କହିଥିବା ବେଳେ ଉରୁଗୁଏ ଏହି ମ୍ୟାଚ ଜିତିବାକୁ ସମସ୍ତ ଶକ୍ତି ଲଗାଇଦେବ ବୋଲି ସେ ପ୍ରକାଶ କରିଛନ୍ତି।

# ପରୀକ୍ଷାନିରୀକ୍ଷା ସଫଳ ହୋଇଛି



ବୁରୁଚାଗା

ୱେଲ୍ ଡନ୍ ସ୍କାଲୋନି। ପୋଲାଣ୍ଡ ବିପକ୍ଷରେ ଆର୍ଜେଣ୍ଟିନାର ବିଜୟରେ କୋଚ୍‌ଙ୍କୁ ଶ୍ରେୟ ଦେବାକୁ ପଡ଼ିବ। ଆର୍ଜେଣ୍ଟିନା ଜାତୀୟ ଦଳ ପୁଣି ପ୍ରମାଣିତ କଲା ଯେ, ଏକ ଭଲ ଦଳ ଭାବେ ସେମାନେ ବିଶ୍ୱକପ ଯୋଗ୍ୟତା ପାଇଛନ୍ତି ଏବଂ ଟୁର୍ନାମେଣ୍ଟ ଜିତିବା ପାଇଁ ସେମାନେ ଅନ୍ୟତମ ଟାଇଟଲ ଫେଭରାଇଟ। ସାଉଦି ଆରବ ନିକଟରୁ ପରାଜୟ ପରେ ପରବର୍ତ୍ତୀ ୨ ମ୍ୟାଚରେ ପରୀକ୍ଷାନିରୀକ୍ଷା ସଫଳ ହୋଇଛି। କେବଳ ସେତିକି ନୁହେଁ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ ଦେଖାଇଦେଲା ଯେ ଏହାର ରିଜର୍ଭ ବେଞ୍ଚ୍ ମଧ୍ୟ ବେଶ୍ ଦୃଢ଼। ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଆର୍ଜେଣ୍ଟିନା ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିଲା। କୌଣସି ପ୍ରକାରେ ଗୋଟିଏ ପଏଣ୍ଟ ପାଇବା ପାଇଁ ପୋଲାଣ୍ଡ ଡିଫେନ୍ସିଭ ଗେମ୍ ଖେଳିଥିଲା। ଏହା ଏକ ବଡ଼ ଭୁଲ। ସ୍କାଲୋନିଙ୍କ ପରି କୋଚ୍ ଦୃଢ଼ ନିଷ୍ପତ୍ତି ନେଇଥାନ୍ତି ଏବଂ ମ୍ୟାଚ ପରେ ଦଳର ପ୍ରଦର୍ଶନ କିପରି ଉନ୍ନତ ହୋଇପାରିବ ତା' ଉପରେ ଧ୍ୟାନ ଦେଇଥାନ୍ତି।

ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନା ଅନେକ ସ୍କୋରିଂ ପରିସ୍ଥିତି ସୃଷ୍ଟି କରିଥିଲା। ମାତ୍ର ସିଜେସ୍ନି ଗୋଲ ହେବାକୁ ଦେଇ ନ ଥିଲେ। ତାଙ୍କ ପ୍ରଦର୍ଶନ ଚମତ୍କାର ଥିଲା। ୩୭ତମ ମିନିଟରେ ଲିଓନେଲ ମେସିଙ୍କ ପେନାଲ୍ଟି ଶଟ୍‌କୁ ମଧ୍ୟ ସେ ରୋକି ଦେଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଆର୍ଜେଣ୍ଟିନା ପକ୍ଷରୁ ପକାଯାଇଥିବା ଚାପକୁ ସେ ସମ୍ଭାଳିପାରି ନ ଥିଲେ ଏବଂ ଗୋଲ ବରଣ କଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାକ୍ ଆଲିଷ୍ଟରଙ୍କ ପ୍ରଥମ ଗୋଲ ଆର୍ଜେଣ୍ଟିନାକୁ ଆଶ୍ୱସ୍ତ କରିଥିଲା। ଜୁଲିଆନ ଆଲଭାରେଜଙ୍କ ଦ୍ୱିତୀୟ ଗୋଲ ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲା। ପୂରା ଗେମ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଆର୍ଜେଣ୍ଟିନା ଅଧିକ ଗୋଲ ଦେଇ ପାରିଥାନ୍ତା, ମାତ୍ର ୨ଟି ଗୋଲ ପରେ ମେସିଙ୍କ ଦଳ ନିଜକୁ ସହଜ ମଣିଥିଲେ। ମେସି କଠିନ ପରିଶ୍ରମ କରୁଛନ୍ତି, ମାତ୍ର ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରୁ ନାହାନ୍ତି।

୧୯୮୬ ବିଶ୍ୱକପ୍ କଥା ମୋର ମନେ ପଡୁଛି। ନିଜ ଅଭିଜ୍ଞତାରୁ ଏତିକି କହିପାରିବି ଯେ, ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଆର୍ଜେଣ୍ଟିନା କେବେ ଫେଭରାଇଟ ନ ଥିଲା। ପ୍ରଥମ ଗେମ୍ ଜିତିବା ପରେ ଇଟାଲୀ ସହିତ ମ୍ୟାଚ ଡ୍ର ରଖିଥିଲୁ ଏବଂ ପରେ ବୁଲ୍‌ଗେରିଆକୁ ହରାଇ ଗ୍ରୁପ୍‌ରେ ଶୀର୍ଷସ୍ଥାନ ଅଧିକାର କରିଥିଲୁ। ଏହା ଦଳକୁ ବଡ଼ ପ୍ରେରଣା ଦେଇଥିଲା। ଫଳରେ ଚିର ପ୍ରତିଦ୍ୱନ୍ଦ୍ୱୀ ଉରୁଗୁଏକୁ ଆମେ ସହଜରେ ହରାଇ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିଥିଲୁ। ପ୍ରତ୍ୟେକ ଗେମ୍ ଏବେ ମଧ୍ୟ ମନରେ ତାଜା ରହିଛି। ୭ ଗେମ୍ ବିଶିଷ୍ଟ ଶର୍ଟ ଟୁର୍ନାମେଣ୍ଟରେ ବିଜୟ ହିଁ ଆତ୍ମବିଶ୍ୱାସ ଦେଇଥାଏ ଏବଂ ଫାଇନାଲରେ ପହଞ୍ଚାଇଥାଏ ଆଉ ଚାମ୍ପିୟନ ମଧ୍ୟ କରାଇଥାଏ। ଆର୍ଜେଣ୍ଟିନା ଏକ ଫେଭରାଇଟ ଦଳଭାବେ କାତାରରେ ପହଞ୍ଚିଥିଲା। ମାତ୍ର ପ୍ରଥମ ଗେମ୍ ହାରିବା ପରେ ମନୋବଳ ହରାଇଥିଲା। କ୍ରମେ ଖେଳାଳିମାନେ ସେଥିରୁ ଉଧୁରୁଛନ୍ତି ଏବଂ ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଖାପାଖି ପହଞ୍ଚି ଯାଇଛନ୍ତି। ଏବେ ଦଳ ଟୁର୍ନାମେଣ୍ଟ ଜିତିପାରିବ ବୋଲି ଆର୍ଜେଣ୍ଟିନା ଲୋକମାନେ ଅନୁଭବ କରୁଛନ୍ତି।

କିଛି ପରାମର୍ଶ ଦେବାକୁ ଚାହୁଁନାହିଁ। ସେମାନେ ସମସ୍ତେ ଅଭିଜ୍ଞ। ମେସିଙ୍କ ନେତୃତ୍ୱରେ ଏହା ଏକ ଶ୍ରେଷ୍ଠ ଦଳ ହୋଇଥିବାରୁ ନିଜକୁ ପ୍ରମାଣିତ କରିବା ସମୟ ଆସିଛି। ଫୁଟବଲରେ ସବୁକିଛି ସମ୍ଭବ ଥିବାରୁ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ତା' ଉପରେ ଅନେକ କିଛି ନିର୍ଭର କରିବ। ସେମାନେ ଚାମ୍ପିୟନ ହେବାର ଦକ୍ଷତା ରଖିଛନ୍ତି।

**(ଟିଭାକ୍ ସ୍ପୋର୍ଟ୍ସ)**



ବେଲଜିୟମର ଆକ୍ସେଲ ୱିସେଲ ଓ କ୍ରୋଏସିଆର ଲୁକା ମୋଡ୍ରିକଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

## ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ପଏଣ୍ଟ |
|---|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | | |
| ନେଦରଲାଣ୍ଡ୍ସ | ୩ | ୨ | ୧ | ୦ | ୫ | ୧ | ୭ |
| ସେନେଗାଲ | ୩ | ୨ | ୦ | ୧ | ୫ | ୪ | ୬ |
| ଇକ୍ୱେଡର | ୩ | ୧ | ୧ | ୧ | ୪ | ୩ | ୪ |
| କାତାର | ୩ | ୦ | ୦ | ୩ | ୧ | ୭ | ୦ |
| **ଗ୍ରୁପ୍ 'ବି'** | | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୯ | ୨ | ୭ |
| ଆମେରିକା | ୩ | ୧ | ୨ | ୦ | ୨ | ୧ | ୫ |
| ଇରାନ | ୩ | ୧ | ୦ | ୨ | ୪ | ୭ | ୩ |
| ୱେଲ୍ସ | ୩ | ୦ | ୧ | ୨ | ୧ | ୬ | ୧ |
| **ଗ୍ରୁପ୍ 'ସି'** | | | | | | | |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୫ | ୨ | ୬ |
| ପୋଲାଣ୍ଡ | ୩ | ୧ | ୧ | ୧ | ୨ | ୨ | ୪ |
| ମେକ୍ସିକୋ | ୩ | ୧ | ୧ | ୧ | ୨ | ୩ | ୪ |
| ସାଉଦି ଆରବ | ୩ | ୧ | ୦ | ୨ | ୩ | ୫ | ୩ |
| **ଗ୍ରୁପ୍ 'ଡି'** | | | | | | | |
| ଫ୍ରାନ୍ସ | ୩ | ୨ | ୦ | ୧ | ୬ | ୩ | ୬ |
| ଅଷ୍ଟ୍ରେଲିଆ | ୩ | ୨ | ୦ | ୧ | ୩ | ୪ | ୬ |
| ଟ୍ୟୁନିସିଆ | ୩ | ୧ | ୧ | ୧ | ୧ | ୧ | ୪ |
| ଡେନମାର୍କ | ୩ | ୦ | ୧ | ୨ | ୧ | ୩ | ୧ |
| **ଗ୍ରୁପ୍ 'ଇ'** | | | | | | | |
| ସ୍ପେନ | ୨ | ୧ | ୧ | ୦ | ୮ | ୧ | ୪ |
| ଜାପାନ | ୨ | ୧ | ୦ | ୧ | ୨ | ୨ | ୩ |
| କୋଷ୍ଟାରିକା | ୨ | ୧ | ୦ | ୧ | ୧ | ୭ | ୩ |
| ଜର୍ମାନୀ | ୨ | ୦ | ୧ | ୧ | ୨ | ୩ | ୧ |
| **ଗ୍ରୁପ୍ 'ଏଫ୍'** | | | | | | | |
| ମରକ୍କୋ | ୩ | ୨ | ୧ | ୦ | ୪ | ୧ | ୭ |
| କ୍ରୋଏସିଆ | ୩ | ୧ | ୨ | ୦ | ୪ | ୧ | ୫ |
| ବେଲଜିୟମ | ୩ | ୧ | ୧ | ୧ | ୧ | ୨ | ୪ |
| କାନାଡ଼ା | ୩ | ୦ | ୦ | ୩ | ୨ | ୭ | ୦ |
| **ଗ୍ରୁପ୍ 'ଜି'** | | | | | | | |
| ବ୍ରାଜିଲ | ୨ | ୨ | ୦ | ୦ | ୩ | ୦ | ୬ |
| ସୁଇଜରଲାଣ୍ଡ | ୨ | ୧ | ୦ | ୧ | ୧ | ୧ | ୩ |
| କାମେରୁନ | ୨ | ୦ | ୧ | ୧ | ୩ | ୪ | ୧ |
| ସର୍ବିୟା | ୨ | ୦ | ୧ | ୧ | ୩ | ୫ | ୧ |
| **ଗ୍ରୁପ୍ 'ଏଚ୍'** | | | | | | | |
| ପର୍ତ୍ତୁଗାଲ | ୨ | ୨ | ୦ | ୦ | ୫ | ୨ | ୬ |
| ଘାନା | ୨ | ୧ | ୦ | ୧ | ୫ | ୫ | ୩ |
| ଦକ୍ଷିଣ କୋରିଆ | ୨ | ୦ | ୧ | ୧ | ୨ | ୩ | ୧ |
| ଉରୁଗୁଏ | ୨ | ୦ | ୧ | ୧ | ୦ | ୨ | ୧ |

## ଇରାନ ଦଳକୁ ଉଦ୍ଦୀପନା ବିହୀନ ସ୍ୱାଗତ

**ବାଗଦାଦ,୧।୧୨,(ପି.ଟି.):** କାତାର ବିଶ୍ୱକପରୁ ବିଦାୟ ନେଇ ଦେଶକୁ ଫେରିଥିବା ଇରାନକୁ ମିଳିଛି ଉଦ୍ଦୀପନା ବିହୀନ ସ୍ୱାଗତ। ଆମେରିକା ନିକଟରୁ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ପରାଜୟ ପରେ ବୁଧବାର ଖେଳାଳି ମାନେ ଦେଶକୁ ଫେରିଥିବା ବେଳେ ତେହେରାନ ବିମାନ ବନ୍ଦରରେ ସ୍ୱାଗତ ପାଇଁ ମାତ୍ର ଅଳ୍ପକିଛି ସମର୍ଥକ ଉପସ୍ଥିତ ଥିଲେ। ବିଶ୍ୱକପରେ ଜାତୀୟ ସଙ୍ଗୀତ ଗାନ ନ କରିବାକୁ ନେଇ ଇରାନ ଦଳ ଚର୍ଚ୍ଚାରେ ରହିଥିଲା। ଏପରିକି ଜାତୀୟ ଦଳର ପରାଜୟ ପରେ କୁର୍ଦ୍ଦିସ୍ତାନ ପ୍ରଦେଶରେ ଏହାର ଉତ୍ସବ ମନାଉଥିଲେ। ଇରାନ ଓ ଆମେରିକା ମଧ୍ୟରେ ରାଜନୈତିକ ବିବାଦ ଜାରି ରହିଥିବା ବେଳେ ଇରାନ ସରକାର ବିରୋଧୀ ମାନେ ଆତସବାଜି ପ୍ରଦର୍ଶନ ସହିତ ଜାତୀୟ ଦଳର ପରାଜୟକୁ ସେଲିବ୍ରେଟ କରିଥିଲେ। ସେହିପରି ଜାତୀୟ ସଙ୍ଗୀତ ବର୍ଜନକୁ ନେଇ ମଧ୍ୟ ଖେଳାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି। ଦଳ ତଥା ବ୍ୟକ୍ତିଗତ ପ୍ରଦର୍ଶନକୁ ନେଇ ଖୁସି ନଥିବା ପ୍ରକାଶ କରିଥିଲେ ଷ୍ଟ୍ରାଇକର ସର୍ଦ୍ଦାର ଅଜମୌନ୍। ଇରାନ ଦଳ ଏଥର ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିବାରେ ସଫଳ ହୋଇନାହିଁ।

## ପ୍ରତିବାଦ କଲା ଫ୍ରାନ୍ସ

**ଅଲ ରାୟାନ,୧।୧୨(ପି.ଟି.):** ଟ୍ୟୁନିସିଆ ବିପକ୍ଷ ମ୍ୟାଚରେ ପରାଜୟ ପରେ ନାକଚ ହୋଇଥିବା ଗୋଲର ପ୍ରତିବାଦ କରିଛି ଫ୍ରେଞ୍ଚ ସକର ଫେଡେରେଶନ୍। ଷ୍ଟପେଜ ଟାଇମର ଅନ୍ତିମ ମିନିଟରେ ଆଣ୍ଟୋନିଓ ଗ୍ରିଜମ୍ୟାନ ଏକ ଗୋଲ ସ୍କୋର କରିଥିଲେ। ତେବେ ଭିଡିଓ ରେଫରାଲ ପରେ ରେଫରି ଏହାକୁ ଅଫ୍‌ସାଇଡ ଘୋଷଣା କରିଥିଲେ। ଏଜୁକେଶନ୍ ସିଟି ଷ୍ଟାଡିୟମରେ ବୁଧବାର ଗ୍ରିଜମ୍ୟାନ ଗୋଲ ଦେବା ସମୟରେ ଅଫ୍‌ସାଇଡ ପୋଜିଶନରେ ଥିବା ଜଣାପଡିଥିଲା। ରେଫରି ମାଥ୍ୟୁ କଙ୍ଗର ଭିଡିଓ ଦେଖିବା ପରେ ଏହି ନିଷ୍ପତ୍ତି ନେଇଥିଲେ। ତେବେ ଫ୍ରେଞ୍ଚ ସକର ଫେଡେରେଶନ ଗୁରୁବାର ଏହା ବିରୋଧରେ ଅପିଲ୍ କରିଥିଲା। ଟ୍ୟୁନିସିଆ ଡିଫେଣ୍ଡରଙ୍କ ଦେହରେ ବଲ ବାଜିବା ବେଳେ ଏହା ଅନ୍‌ସାଇଡ ଥିଲା ବୋଲି ଅପିଲରେ ଉଲ୍ଲେଖ କରାଯାଇଛି। ୨୦୧୪ ପରେ ବିଶ୍ୱକପ୍‌ରେ ଏହା ଫ୍ରାନ୍ସର ପ୍ରଥମ ପରାଜୟ। ଅପିଲର ୨୪ ଘଣ୍ଟା ମଧ୍ୟରେ ଫିଫା ପକ୍ଷରୁ ଏହି ଅପିଲର ଉତ୍ତର ରଖାଯିବ।

## ଉପନିବେଶବାଦ ଉପରେ ଆରବ ଦୁନିଆର ବିଜୟ

**ଦୋହା,୧।୧୨,(ପି.ଟି.):** ଡିଫେଣ୍ଡିଂ ଚାମ୍ପିୟନ୍ ଫ୍ରାନ୍ସକୁ ବୁଧବାର ଟ୍ୟୁନିସିଆ ପରାସ୍ତ କରିଥିଲା। ଟ୍ୟୁନିସିଆର ଏହି ବିଜୟକୁ ୭୫ ବର୍ଷର ଫରାସୀ ଉପନିବେଶବାଦ ଉପରେ ଆରବରାଷ୍ଟ୍ରସମୂହର ବିଜୟ ବୋଲି ଅଭିହିତ କରିଛନ୍ତି ଦୁବାଇର ଶାସକ ଶେଖ୍ ମହମ୍ମଦ ବିନ୍ ରଶିଦ୍। ବିଶ୍ୱ ମାନ୍ୟତାରେ ୩୦ ନମ୍ବର ସ୍ଥାନରେ ଥିବା ଟ୍ୟୁନିସିଆ ପାଇଁ ସମଗ୍ର ଆରବ ଦୁନିଆ ଗର୍ବିତ। ଏହା ସର୍ବଦା ବିଶ୍ୱକପରେ ଏକ ସ୍ୱତନ୍ତ୍ର ଇତିହାସରେ ସ୍ଥାନ ପାଇବ ବୋଲି ସେ ନିଜ ଟ୍ୱିଟର ଆକାଉଣ୍ଟରେ ଲେଖିଛନ୍ତି। ଆମେ ବିଶ୍ୱ ଚାମ୍ପିୟନ ଦଳକୁ ପରାସ୍ତ କରିଛେ। ତେଣୁ ପରବର୍ତ୍ତୀ ରାଉଣ୍ଡକୁ ଯାଇ ନ ପାରିଲେ ମଧ୍ୟ ଦୁଃଖିତ ହେବାର କୌଣସି କାରଣ ନାହିଁ ବୋଲି ସେ ଲେଖିଥିଲେ।



କାନାଡ଼ା ବିପକ୍ଷ ମ୍ୟାଚ ଅବସରରେ ମରକ୍କୋ ପ୍ରଶଂସକ।

## ଅନ୍ୟ ଖେଳ ଖବର

### ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ, ଓଡ଼ିଶା ଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଓମେନ୍ସ ଲିଗ୍‌ରେ ଗୁରୁବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଇଷ୍ଟକୋଷ୍ଟ ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ଏଫ୍‌ସି ଦଳ ବିଜୟୀ ହୋଇଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଇଷ୍ଟକୋଷ୍ଟ ରେଲୱେ ୩-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ସେହିପରି କଳିଙ୍ଗ ଷ୍ଟାଡିୟମରେ ରାଇଜିଂ ଷ୍ଟୁଡେଣ୍ଟ ୨-୦ ଗୋଲରେ ଓଜିପି କ୍ଲବକୁ ଏବଂ ୭ମ ବାଟାଲିୟନ ପଡ଼ିଆରେ ଓଡ଼ିଶା ଏଫ୍‌ସି ୫-୦ରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ଆସନ୍ତା ୪ ତାରିଖରେ କ୍ୟାପିଟାଲ ଗ୍ରାଉଣ୍ଡରେ ସ୍ପୋର୍ଟ୍ସ ଓଡ଼ିଶା-ରାଇଜିଂ ଷ୍ଟୁଡେଣ୍ଟ, କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ପୋଲିସ-ଇଷ୍ଟକୋଷ୍ଟ ରେଲୱେ ଏବଂ ୭ମ ବାଟାଲିୟନ ପଡ଼ିଆରେ ଓଜିପି କ୍ଲବ-ଓଡ଼ିଶା ଏଫ୍‌ସି ମ୍ୟାଚ ଅନୁଷ୍ଠିତ ହେବ।

### ସିବିଏସ୍‌ଇ ଟେନିସ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୧୨**
**(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ)ର ତ୍ରିଦିବସୀୟ ସମ୍ଭାଗୀୟ ଟେନିସ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କୁ ନେଇ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆସାମର ପ୍ରାୟ ୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ, ତିରୁପତି ସଂସ୍କୃତ ବିଦ୍ୟାଳୟ ତଥା କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିବିଏସ୍‌ଇ ନିରୀକ୍ଷକ ସୌରଭ ଲାହିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡିଏମ୍‌ର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତି ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ଓ ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।




ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀଙ୍କୁ ଓଡିଏମ୍ ଚେୟାରମ୍ୟାନ ସତ୍ୟବ୍ରତ ମୀନକେତନ ସମ୍ବର୍ଦ୍ଧିତ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୁଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଜଗର ଧରି ବଜାର ବୁଲିଲେ

## ବିଲୁପ୍ତ ପ୍ରାୟ ପ୍ରାଣୀ ଉଦ୍ଧାର ନିୟମର ଉଲ୍ଲଂଘନ

**ବାରିପଦା ଅଫିସ,୧।୧୨**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଏକ ବିରାଟକାୟ ଅଜଗରକୁ ଧରି ସାପ ଧରାଳି ବଜାର ବୁଲିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବିଲୁପ୍ତ ପ୍ରାୟ ପ୍ରାଣୀ ଉଦ୍ଧାର ନିୟମର ଉଲ୍ଲଂଘନ କରି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପ୍ରଦର୍ଶନ କରିବା ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଏନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଦେଉଳି ରେଞ୍ଜ ଅଧୀନ କୁଳିଅଣା ଥାନା ସରପଙ୍ଗା ଗ୍ରାମର ନେତ୍ରା ନାଏକ ବୁଢ଼ାବଳଙ୍ଗ ନଦୀରେ ମାଛ ଧରିବା ପାଇଁ ଜାଲ ବିଛାଇଥିଲେ। ଗୁରୁବାର ସକାଳେ ଜାଲରେ ଏକ ବିରାଟ ଅଜଗର ଲାଗିଥିବା ଦେଖି ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଅଜଗରକୁ ଉଦ୍ଧାର କରିବା ପାଇଁ ଭଞ୍ଜପୁରସ୍ଥିତ ଜଣେ ସାପ ଧରାଳୀଙ୍କୁ ଖବର ଦିଆଯାଇଥିଲା। ସାପ ଧରାଳି ପରିବାରର ମା', ବାପା ଓ ଝିଅ ମିଶି ଅଜଗରକୁ ଉଦ୍ଧାର କରିଥିଲେ। ପରେ ସେମାନେ କୁଳିଅଣା ବଜାରରେ ଦୀର୍ଘ ସମୟ ଧରି ଅଟକି ରହିବା ସହ ବାଇକ୍‌ରେ ସାପ ଧରି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପହଞ୍ଚି ସାପ ଦେଖାଇଥିଲେ। ବାଇକ୍‌ରେ ସାପକୁ ଧରି ବାଟରେ ଯାଉଥିବା ବେଳେ ଲୋକେ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ସହରର ଭଞ୍ଜପୁର, ସତ୍ୟସାଇ ଛକ ଓ ବଜାର ମଧ୍ୟରେ ସାପକୁ ଦେଖାଇ ସେମାନେ ପ୍ରଶଂସା ସାଉଁଟିବାକୁ ଉଦ୍ୟମ କରିଥିଲେ।

ତେବେ ବିଲୁପ୍ତପ୍ରାୟ ବା ସିଡ୍ୟୁଲ୍ଡ-୧ ପ୍ରଜାତିର ପ୍ରାଣୀ ମଧ୍ୟରେ ବାଘ, ହାତୀ, ଅଜଗର ଆଦି ରହୁଥିବାରୁ ସେମାନଙ୍କୁ ସ୍ଥାନୀୟ ରେଞ୍ଜ୍ ଅଫିସ୍‌ର କର୍ମଚାରୀଙ୍କ ଉପସ୍ଥିତିରେ ଉଦ୍ଧାର କରିବାର ନିୟମ ରହିଛି। କୁଳିଅଣା ବଜାରଠାରୁ ୫୦୦ ମିଟର ଦୂରରେ ଥିବା ରେଞ୍ଜ ଅଫିସରଙ୍କ ସହ ଯୋଗାଯୋଗ ନ କରି କିପରି ସାପ ଉଦ୍ଧାର କରାଗଲା ତାହା ସମସ୍ତଙ୍କୁ ଚକିତ କରିଛି। ଉଦ୍ଧାର ପରେ ସାପକୁ ନେବା ପାଇଁ କୌଣସି ବ୍ୟାଗ କିମ୍ବା ଥଳି ବ୍ୟବହାର ନ କରି ଖୁଲମଖୁଲା ଧରି ବଜାର ବୁଲିବା ଘଟଣାକୁ ନେଇ ବନ୍ୟପ୍ରାଣୀ ପ୍ରେମୀ ବିରୋଧ କରିଛନ୍ତି । ଏ ସମ୍ପର୍କରେ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଘଟଣା ନଜରକୁ ଆସିବା ପରେ ଅଜଗର ଭଳି ବିରଳପ୍ରାୟ ପ୍ରଜାତିର ଜୀବକୁ ସୁରକ୍ଷା ଦେବାକୁ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ରହିଛି। ସାପ ଧରାଳି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସ୍ନେକ ରେସ୍‌କ୍ୟୁ କ୍ଲବର ସଦସ୍ୟ ଭାବେ ରହି ସାପ ଧରିବା ସହ ଆମେ ଜଙ୍ଗଲରେ ଛାଡ଼ିଥାଉ । ଉଦ୍ଧାର ପରେ ଅଜଗରକୁ ବନ ବିଭାଗକୁ ହସ୍ତାନ୍ତର କରିବାକୁ ଯାଉଥିଲୁ। ମାତ୍ର ବାଟରେ ଲୋକେ ଫଟୋ, ଭିଡିଓ ଉତ୍ତୋଳନ କରିଥିଲେ। ଏ ସଂକ୍ରାନ୍ତରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାରଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ ଓ ଏଭଳି ଘଟଣାରେ ଜଡିତ ଥିବା ପରିବାର ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଉଦ୍ଧାର ଅଜଗରଟି ୨ ବର୍ଷର ହୋଇଥିବା ବେଳେ ଏହାର ଲମ୍ୱ ୧୧ ଫୁଟ ଏବଂ ଓଜନ ପ୍ରାୟ ୧୭ କେଜି ହେବ ବୋଲି ସୂଚନା ମିଳିଛି।


ଅଜଗର ଧରି ବଜାର ବୁଲୁଥିବା ସାପଧରାଳି ପରିବାର।

# ଉଦ୍ଧାର ଶାଗୁଣା ନନ୍ଦନକାନନ ଆସିଲା

ବାରଙ୍ଗ,୧।୧୨(ଡି.ଏନ୍.ଏ.) ଯାଜପୁର ଜିଲା ମହାକାଳପଡା ଗ୍ରାମର ଏକ କୁକୁଡା ଘରୁ ଉଦ୍ଧାର ହୋଇଥିବା ଭାରତୀୟ (ଲମ୍ବାଥଣ୍ଟିଆ) ଶାଗୁଣା ଗୁରୁବାର ସନ୍ଧ୍ୟାରେ ନନ୍ଦନକାନନକୁ ଆସିଛି। ଶାଗୁଣାଟିର ଲିଙ୍ଗ ଚିହ୍ନଟ ହୋଇପାରି ନ ଥିବାବେଳେ ସେ ତରୁଣ ବୟସ୍କ ବୋଲି ଜଣାପଡିଛି। କିଛିଦିନ ହେବ ଏହି ଶାଗୁଣାଟି ମହାକାଳପଡ଼ା ଗ୍ରାମର ଜଣକ ବାଡିରେ ବୁଲୁଥିଲା। ସେ ଉଡିପାରୁ ନ ଥିବାରୁ ଘର ମାଲିକ ଶାଗୁଣାକୁ ଧରି ତା'ର କୁକୁଡା ରହୁଥିବା ଘରେ ରଖିଥିଲା। ସୂଚନା ପାଇ କଟକ ଡିଭିଜନ ଡିଏଫ୍‌ଓ ସଞ୍ଜୟ କୁମାର ସ୍ୱାଇଁ ସଦଳବଳେ ଯାଇ ଶାଗୁଣାକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ଗୁରୁବାର ନନ୍ଦନକାନନକୁ ହସ୍ତାନ୍ତର କରିଛନ୍ତି। ଉଦ୍ଧାର ଶାଗୁଣାକୁ ମିଶାଇ ଏହି ପ୍ରଜାତିର ଶାଗୁଣା ସଂଖ୍ୟା ନନ୍ଦନକାନନରେ ୭କୁ ବୃଦ୍ଧି ପାଇଛି।

# ସଂଖ୍ୟାଲଘୁଙ୍କ ପାଖରେ ପହଞ୍ଚୁନି ସରକାରୀ ସୁବିଧା

**■ ଜାତୀୟ ଆୟୋଗ ସଦସ୍ୟାଙ୍କ ଉଦ୍‌ବେଗ**

**ଭୁବନେଶ୍ୱର,୧।୧୨(ବ୍ୟୁରୋ)**

ଓଡ଼ିଶାରେ ସଂଖ୍ୟାଲଘୁଙ୍କୁ ସରକାରୀ ସୁବିଧା ସୁଯୋଗ ମିଳୁନାହିଁ। ସଂଖ୍ୟାଲଘୁଙ୍କ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଯେଉଁସବୁ ଯୋଜନା ଏବଂ କାର୍ଯ୍ୟକ୍ରମ କରୁଛନ୍ତି ସଚେତନତା ଅଭାବରୁ ତାହା ସେମାନଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏପରିକି କେନ୍ଦ୍ରୀୟ ପାଣ୍ଠି ମଧ୍ୟ ଫେରିଯାଉଛି। ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଜାତୀୟ ସଂଖ୍ୟାଲଘୁ ଆୟୋଗର ସଦସ୍ୟା ସୟେଦ୍ ସେହଜାଦୀ ଏହା ଜାଣି ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ଅତିଥି ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାରେ ରାଜ୍ୟ ସଂଖ୍ୟାଲଘୁ ଆୟୋଗ ନାହିଁ। ୱାକଫ ବୋର୍ଡ ଅଧ୍ୟକ୍ଷ ଏବଂ ସଦସ୍ୟ ମଧ୍ୟ ନାହାନ୍ତି। ରାଜ୍ୟ ହଜ୍ କମିଟିରେ ୨୦୧୮ ପରେ କୌଣସି ନିଯୁକ୍ତି ହୋଇନାହିଁ। ଓଡ଼ିଶାରେ କେବଳ ଗୋଟିଏ ଉର୍ଦ୍ଦୁ ଶିକ୍ଷକ ତାଲିମ କେନ୍ଦ୍ର ରହିଛି। ମଦ୍ରାସାଗୁଡ଼ିକରେ ୧୮ ହଜାର ପିଲା ପଢୁଥିବାବେଳେ ୧୦୭୬ ଶିକ୍ଷକ ଅଛନ୍ତି। ତେଣୁ ଆଉ ୨ରୁ ୩ଟି ଉର୍ଦ୍ଦୁ ଶିକ୍ଷକ ତାଲିମ କେନ୍ଦ୍ରର ଆବଶ୍ୟକତା ରହିଛି। ସେହିପରି ସଂଖ୍ୟାଲଘୁଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଜରୁରୀ। ରାଜ୍ୟରେ ୯,୧୧,୬୭୦ ମୁସଲମାନ, ୧୧,୬୧,୭୦୮ ଖ୍ରୀଷ୍ଟିଆନ ୨୧,୯୮୧ ଶିଖ୍, ୧୩୦୦୦ ବୁଦ୍ଧିଷ୍ଟ, ୯୦୦୦ ଜୈନ ସମ୍ପ୍ରଦାୟର ଲୋକ ରହିଛନ୍ତି। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ (ପିଏମ୍‌ଜେବିକେ) ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ତେବେ ରାଜ୍ୟ କିମ୍ବା ଜିଲାସ୍ତରରେ ଫିଫଟିନ୍ ପଏଣ୍ଟ ପ୍ରୋଗ୍ରାମ କମିଟି ନ ଥିବାରୁ ପାଣ୍ଠି ବିନିଯୋଗ ହୋଇପାରୁନାହିଁ। କେନ୍ଦ୍ରରୁ ଆସୁଥିବା ପାଣ୍ଠି ଫେରିଯାଉଛି। ସଂଖ୍ୟାଲଘୁଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ଚର୍ଚ୍ଚା କରାଯାଇପାରୁନାହିଁ। ସଚେତନତା ଅଭାବରୁ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକେ ଏ ବିଷୟରେ ଜାଣିପାରୁନାହାନ୍ତି। ସଂଖ୍ୟାଲଘୁ ଅର୍ଥ ନିଗମ ମଧ୍ୟ କାର୍ଯ୍ୟକ୍ଷମ ହେଉନାହିଁ। ସ୍ୱତନ୍ତ୍ର ସଂଖ୍ୟାଲଘୁ ବିଭାଗ ନ ଥିବାରୁ କେହି ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡୁଛି। ଏହା ଉପରେ ଦୃଷ୍ଟିଦେବାକୁ ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।


ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ, ଏଜେଣ୍ଟ, ସାମ୍ବାଦିକ, କର୍ମଚାରୀଙ୍କ ସହ ଆଠମଲ୍ଲିକ ବିଧାନସଭାର ସମସ୍ତ ଭାଜପା କର୍ମୀମାନଙ୍କୁ ଶୁଭେଚ୍ଛା । ଭଗବାନ ସମସ୍ତଙ୍କୁ ଭଲରେ ରଖିଥାଆନ୍ତୁ ।

ଅରବିନ୍ଦ ସାହୁ
ଠାକୁରଗଡ଼ ମଣ୍ଡଳ ଭାଜପା ପ୍ରଭାରୀ
ବଇଣ୍ଡା, ଆଠମଲ୍ଲିକ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ,ଏଜେଣ୍ଟ, ସାମ୍ବାଦିକ, କର୍ମଚାରୀଙ୍କ ସହ ଆଠମଲ୍ଲିକ ବିଧାନସଭାର ସମସ୍ତ ଭାଜପା କର୍ମୀମାନଙ୍କୁ ଶୁଭେଚ୍ଛା । ଭଗବାନ ସମସ୍ତଙ୍କୁ ଭଲରେ ରଖିଥାଆନ୍ତୁ ।

ଅଜିତ କୁମାର ପଟ୍ଟନାୟକ
ଭାଜପା ନେତା, ବଇଣ୍ଡା
ଅନୁଗୋଳ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ,ଏଜେଣ୍ଟ , ସାମ୍ବାଦିକ, ପାଠକ, ପାଠିକାଙ୍କ ସହ କିଶୋରନଗର ତହସିଲର ସମସ୍ତ ରାଜସ୍ୱ କର୍ମଚାରୀଙ୍କୁ ଶୁଭେଚ୍ଛା ।

ଆନନ୍ଦ ଚନ୍ଦ୍ର ସାହୁ
ବଇଣ୍ଡା ରାଜସ୍ୱ ନିରୀକ୍ଷକ,
କିଶୋରନଗର, ଅନୁଗୋଳ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ,ଏଜେଣ୍ଟ, ସାମ୍ବାଦିକ, ପାଠକ, ପାଠିକାଙ୍କ ସହ ଆଠମଲ୍ଲିକ ଉପଖଣ୍ଡର ସମସ୍ତ ଆଇନଜୀବୀଙ୍କୁ ଶୁଭେଚ୍ଛା ଜଣାଉଛି ।

ଉଗ୍ରେସେନ ସେଠୀ
ଆଇନଜୀବୀ, ବଇଣ୍ଡା ଛକ,
ଅନୁଗୋଳ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ, ଏଜେଣ୍ଟ , ସାମ୍ବାଦିକ, ପାଠିକା, ପାଠକଙ୍କ ସହ ନୁନୁକାପଶି ପଞ୍ଚାୟତର ସମସ୍ତ ଗୁରୁଜନ, ଛୋଟବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ଦୀପ୍ତିମୟୀ ସାହୁ
ସରପଞ୍ଚ, ନୁନୁକାପଶି,
କିଶୋରନଗର

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ,ଏଜେଣ୍ଟ , ସାମ୍ବାଦିକ, ପାଠିକା, ପାଠକଙ୍କୁ ଶୁଭେଚ୍ଛା ।

ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକଗଣ
ବଇଣ୍ଡା ଜନତା ମହାବିଦ୍ୟାଳୟ, ଅନୁଗୋଳ

CLASSIFIED DISPLAY ALL EDITION - BW (Everyday)
MORE SPACE * SAME PRICE

LOAN
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday

0674-2580101, 2549949


REAL ESTATE

**SALE**

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

**NH side plot (gharabari, boundarywall). Nakhara to Niali road Cuttack. 8249851363.** D-74603

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ **4BHKର Duplex** ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ **sqft.କୁ 1600-Rs.** ରେ ବିକ୍ରି କରାଯାଉଛି। **Contact: 9439539146, 9777777525.** D-2075

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

4BHK Duplex near Nandankanan Square. Land-1300 Construction-1800, Price-85 Lakh. 8984071303. D-2112

Gharabari, Yellowzone, Electric, Boundary, Ready to Construction Plot At Pahala 200mtr. from NH16, Bhingarpur, Atala, Balianta, Panchabati, DPS Adhalia, BDA Approved 3BHK Duplex at Patia-Raghunathpur, BMC approved 3BHK duplex at Pahala-9337086655, 9438419823. D-73358

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127




**Relax, Refresh your body, Mind at Saikrupa Spa with best therapies. 8984068077.** D-2048

Newly open Spa positively health benefit with expert. Contact: 7749976301. D-73899

"Only body massage & Steam-Bath. Contact at Trupti SPA-9861550765". D-2139

Newly open full body massage ladies and gents. 8327740003, 8093860513. D-74605

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of affidavit I, Saroj Kumar Senapati, At- Lekhanapada, Naindipur, Patkura, Kendrapada states my name has been wrongly mention as Saroja instead of Saroj in my Passport and HSC Certificate. Saroj Kumar Senapati and Saroja Kumar Senapati is one and same person. D-2137

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰ଗଙ୍ଗାଧର ରାଉତ**
ଧ୍ୱଂସର, ବାଙ୍କୀ
ଆବିର୍ଭାବ: ୨୬।୦୧।୧୯୫୧
ତିରୋଧାନ: ୧୨।୧୨।୨୦୨୧
ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ଦେବେଶ ରାଉତ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୨୧୧୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰କନକ ପ୍ରଭା ନନ୍ଦ**
ଆବିର୍ଭାବ: ୨୮।୧୦।୧୯୪୫
ତିରୋଧାନ: ୨୨।୧୧।୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାର, ସଚ୍ଚୋଟତା, ନୀତି, ଆଦର୍ଶଗୁଣଗୁଡ଼ିକ ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ଝିଅ: ଡିଡିଲି, ବୁଇନା, ମାନା, ଜ୍ୱାଇଁ: ଅରୁ, ନିରୋଜ, ପାପୁନି, ନାତି/ନାତୁଣୀ: ଗୁଡ୍ଡୁ, ଅମ୍ଳାନ, ଅତୁଳ, ସିପୁନ, ସିପୁ, ପୁପୁ, ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ
ଧ-୨୧୩୬

**ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰ଗୌର ଚନ୍ଦ୍ର ପରିଡ଼ା**
ଖୁଣ୍ଟୁଣୀ, କଟକ
ଆବିର୍ଭାବ: ୨୦।୦୭।୧୯୪୬
ତିରୋଧାନ: ୨୨।୧୧।୨୦୨୨
ଆପଣ ଆମକୁ ଶୋକସାଗରରେ ଭସାଇ ଦେଇ ସବୁଦିନ ପାଇଁ ଚାଲିଗଲେ ଆଉ ପାରିବୁ। ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ କାଳିଆ ସାଆନ୍ତଙ୍କ ପାଖେ ପ୍ରାର୍ଥନା ।
ଆପଣଙ୍କର ଶୋକସନ୍ତପ୍ତ: ଧର୍ମପତ୍ନୀ: ପ୍ରମିଳା, ପୁଅ: ଗଗନ, ବୋହୂ: ଗୀତି, ନାତି: ଅଭିଷେକ, ନାତୁଣୀ: ଆଂଶିକ, ଝିଅ: ଜିନ, ବିନି, ପୁତୁରା: କୁନିଆ, ଟୁନିଆ, ଟୁଟୁଆ, ରବିନ୍, ମୁନା, ସିଡୁ, ବର୍ଣ୍ଣି, ଖୁସି, ବବଲୀ, ରୂପାଲୀ, ମିତାଲୀ, ଶୋଭନ ଓ ବନ୍ଧୁ ଏବଂ ପରିଡ଼ା ପରିବାରବର୍ଗ ।
ଧ-୨୧୪୨

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**

**୰ଭୋଳାନାଥ ସାହୁ**
ଚିନ୍ତାମଣିଶ୍ୱର , ଭୁବନେଶ୍ୱର
ଆବିର୍ଭାବ-୦୭।୦୮।୧୯୪୧
ତିରୋଧାନ- ୦୩।୧୨।୨୦୧୬
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:::ଶୋକସନ୍ତପ୍ତ:::-
ସ୍ତ୍ରୀ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୧୪୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ସ୍ୱର୍ଗତା କ୍ଷୀରପ୍ରିୟା ପ୍ରଧାନ**
ତିରୋଧାନ : ୨୨.୧୧.୨୦୨୨
(ମାର୍ଗଶୀର ମାସ, କୃଷ୍ଣପକ୍ଷ ଚତୁର୍ଦ୍ଦଶୀ)
ଝାରପଡ଼ା, ଭୁବନେଶ୍ୱର
ଆଜିର ଏହି ପବିତ୍ର ତିଥିରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
-: ଶୋକସନ୍ତପ୍ତ :-
ପୁତ୍ର-ରଘୁନାଥ ପ୍ରଧାନ, ଜଗନ୍ନାଥ ପ୍ରଧାନ, ବିଶ୍ୱନାଥ ପ୍ରଧାନ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୩୩୫୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

**ସ୍ୱର୍ଗତ ଶିବ ପ୍ରସାଦ ନନ୍ଦ**
ଗ୍ରାମ: ଦେପୁର ଶାସନ (ଡେଲାଙ୍ଗ)
ଆବିର୍ଭାବ: ୧୩।୦୫।୧୯୫୧
ତିରୋଧାନ: ୧୩।୧୨।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୧୫୫୦

# ଅଲଗା ହେଲେ କେନି-କିମ୍



## ପିଲାଙ୍କ ଲାଳନ ପାଳନ ବାବଦକୁ ମାସିକ ୨ଲକ୍ଷ ଡଲାର ଦେବେ

